ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୪୨
୮ ଜାନୁଆରୀ, ୨୦୨୬ ଗୁରୁବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 242
8th January, 2026 Thursday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ନ ବୈ ଭିନ୍ନା ଜାତୁ ଚରନ୍ତି ଧର୍ମଂ ନ ବୈ ସୁଖଂ ପ୍ରାପ୍ନୁବନ୍ତୀହ ଭିନ୍ନା
ନ ବୈ ଭିନ୍ନା ଗୌରବଂ ପ୍ରାପ୍ନୁବନ୍ତି ନ ବୈ ଭିନ୍ନାଃ ପ୍ରଶମଂ ରୋଚୟନ୍ତି**

ପରସ୍ପର ମଧ୍ୟରେ ଭେଦଭାବ ସୃଷ୍ଟିରେ ନିପୁଣ ବ୍ୟକ୍ତିମାନେ କଦାପି ଧର୍ମ ଆଚରଣ କରିପାରନ୍ତି ନାହିଁ କିମ୍ବା ସୁଖ ଲାଭ କରିପାରନ୍ତି ନାହିଁ । ସେମାନେ କୌଣସି ପ୍ରକାର ଗୌରବ ଅର୍ଜନ ମଧ୍ୟ କରିପାରନ୍ତି ନାହିଁ । ଶାନ୍ତି ପ୍ରଦାୟକ କଥାବାର୍ତ୍ତା ସେମାନଙ୍କ ପକ୍ଷେ ରୁଚିକର ହୋଇନଥାଏ।

### ଅମ୍ବିକା ପ୍ରସାଦ ଦାସଙ୍କ ‘ସତ କହିବାକୁ କିଆଁ ଡରିବି’ ସ୍ତମ୍ଭରେ

### ଗୁଜବରଟନାକାରୀଙ୍କୁ ମଦତ୍ ଦେଉଥିବା ମଣିଷମାନେ

## ଦିନକୁ ଦିନ ଆସୁଛି ନୂଆ ନୂଆ ଫନ୍ଦି

# ପିୟୁସି ନଥିଲେ ଫାଷ୍ଟ ଟ୍ୟାଗ ଆକ୍ଟିଭେଟ୍ ହେବନି

**ଭୁବନେଶ୍ୱର,୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାତି ପାହିଲେ ଲୋକଙ୍କର ସମାନ ସମସ୍ୟା । କେଉଁଠି ପ୍ରଦୁଷଣ ନିୟନ୍ତ୍ରଣ ଯାଞ୍ଚ କରାଇବେ ତ କେଉଁଠି ପୈଠ କରିବେ ଜରିମାନା। ପ୍ରଥମେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ନିୟମ ପରେ ଏବେ ଫାଷ୍ଟ ଟ୍ୟାଗିଂ ଫନ୍ଦି ଲୋକଙ୍କର ନିଦ ହଜାଇ ଦେଲାଣି।

ବୀମା, ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ଫାଷ୍ଟ ଟ୍ୟାଗ ଆକ୍ଟିଭେଟ୍ ହେବନି। ଏସବୁ ତଥ୍ୟ ନଥିଲେ, ଟୋଲଗେଟରେ ଦେବାକୁ ହେବ ମୋଟା ଅଙ୍କର ଜରିମାନା। ବୀମା, ପ୍ରଦୂଷଣ ସାର୍ଟିଫିକେଟ୍ ପୈଠ ବାଧ୍ୟତାମୂଳକ ହୋଇଛି। ଫେବୃଆରି ୧ ତାରିଖରୁ ଲାଗୁ ହେବ ନୂଆ ନିୟମ। ସଡକ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରାତି ପାହିଲେ ଯୋଡି ହେଉଛି ଏଭଳି ଗୋଟିଏ ପରେ ଗୋଟିଏ ନିୟମ।




ଏସବୁ ଭିତରେ ତଥ୍ୟ ଯୋଗାଡ କରିବାରେ ଲାଗିପଡିଛନ୍ତି ଗାଡି ମାଲିକ।

ପ୍ରଦୁଷଣ ନିୟନ୍ତ୍ରଣ ସାର୍ଟିଫିକେଟ ନଥିଲେ ପେଟ୍ରୋଲ ମିଳିବନି। ପ୍ରଥମେ ଏଭଳି କହି ଲୋକଙ୍କୁ ଛାନିଆ କରିଥିଲା ପରିବହନ ବିଭାଗ। ଏହାପରେ ପ୍ରତ୍ୟେକ ଦିନ ଆସୁଛି ନୂଆ ନୂଆ ନିୟମ। ତେବେ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ପରିବହନ ବିଭାଗ ମୋଟର ଯାନ ଆଇନକୁ ଦଳିମକଚି ନିଜ ମନମୁତାବକ ନିୟମ ଆଣୁଛି।

ଅନ୍ୟପଟେ ଜରିମାନା ଦେବା ପାଇଁ ବିଭିନ୍ନ କେନ୍ଦ୍ରରେ ଲାଗୁଛି ଭିଡ। ଜରିମାନା ଆଦାୟ ପାଇଁ ଭିତ୍ତିଭୂମିର ଅଭାବ ଥିବାରୁ ସାଧାରଣ ଜନତା ହେଉଛନ୍ତି ହନ୍ତସନ୍ତ। ଭୁବନେଶ୍ୱର ଟ୍ରାଫିକ ଥାନାରେ ଥିବା ଜରିମାନା ଆଦାୟ କେନ୍ଦ୍ର ବାହାରେ ଦିନ ସାରା ଜମିଥିଲା ଏଭଳି ଭିଡ। ଦୁଇ ଚକିଆ ଗାଡିରେ ୩ ଜଣ ବସିଥିବା କାରଣରୁ ଜରିମାନା ଚାଲାଣ ଆସିଛି, କିନ୍ତୁ ଚାଲାଣରେ କୌଣସି ଚିତ୍ର ନଥିବାରୁ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ଗାଡି ମାଲିକ।

ସୂଚନାଯୋଗ୍ୟ, ରାଜ୍ୟର ୩୫ଲକ୍ଷ ଗାଡି ଉପରେ ୧୩୦୦ କୋଟି ଟଙ୍କାର ଜରିମାନା ବାକି ରହିଛି। ରାଜସ୍ୱ ଆଦାୟ ପାଇଁ ପ୍ରଦୂଷଣ ସାର୍ଟିଫିକେଟ୍ ଫନ୍ଦି କରାଯାଉଥିବା ଅଭିଯୋଗ ହୋଇଛି। ରାଜ୍ୟର ସବୁ ପେଟ୍ରୋଲ ପମ୍ପ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ରହିଛି। ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ଗାଡିରେ ତେଲ ଦେବାକୁ ମନା କରିବାର କ୍ଷମତା ପରିବହନ ବିଭାଗର ନଥିଲେ ବି କିଭଳି ଏତେ ବଡ ନିଷ୍ପତ୍ତି ନେଲା ବୋଲି ଅନେକ ପ୍ରଶ୍ନ କଲେଣି। ତେବେ ସରକାର ନିଜେ ସବୁ ନିୟମ ପାଳନ କରନ୍ତୁ ବୋଲି କହିଲେଣି ସାଧାଣ ଲୋକ।

# ଆୟୁଷ ଡାକ୍ତରଙ୍କୁ ଏଲୋପାଥିକ ଲେଖିବା ମନା



**ଭୁବନେଶ୍ୱର,୭।୧: ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରିଥିଲେ। ଏଥିରେ ମୁଖ୍ୟତଃ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ପ୍ରଥମେ କେଉଁଝର ଜିଲ୍ଲାରେ ଏକ ପାଇଲଟ୍ ପ୍ରୋଗ୍ରାମ ଭାବରେ ଆରମ୍ଭ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାର ସଫଳତାକୁ ଅନୁଧ୍ୟାନ କରାଯାଇ ସମଗ୍ର ରାଜ୍ୟରେ ଏହାର ସଂପ୍ରସରାରଣ କରାଯିବ। ଡିଜିଟାଲ୍ ମିଶନ ଦ୍ୱାରା ଅଧିକାଂଶ ସ୍ୱାସ୍ଥ୍ୟସେବାକୁ ଯଥା ଆପଏଣ୍ଟମେଣ୍ଟ, ବୁକିଙ୍ଗ୍, ରେଫରାଲ୍ ଓ ଫଲୋଅପ୍ ବ୍ୟବସ୍ଥା ଇତ୍ୟାଦି ସମସ୍ତ କାର୍ଯ୍ୟ ଡିଜିଟାଲ ମାଧ୍ୟମରେ କରାଯିବ। ଏହା ଦ୍ୱାରା ରୋଗୀମାନଙ୍କ ପ୍ରତୀକ୍ଷା ସମୟ କମିବ ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ସର୍ବୋତ୍ତମ ବ୍ୟବହାର ହୋଇପାରିବ।

ଏଥିସହିତ ଡାକ୍ତରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗୁଡ଼ିକରେ, ଡିପ୍ଲୋମେଟ ଅଫ୍ ନେସନାଲ ବୋର୍ଡ ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି । ଏଥିରେ ଡାକ୍ତରମାନେ ପ୍ରାକ୍ଟିକାଲ୍ ଓ କ୍ଲିନିକାଲ୍ ତାଲିମ ପାଇ ସ୍ପେସିଆଲାଇଜେସନ୍ କରିପାରିବେ।

ସାରା ରାଜ୍ୟରେ ଆୟୁଷ ଔଷଧକୁ ଲୋକପ୍ରିୟ କରିବାପାଇଁ, ଆୟୁଷ ଡାକ୍ତରମାନେ କେବଳ ଆୟୁର୍ବେଦିକ ଔଷଧ ହିଁ ଲେଖିବେ ଏବଂ କୌଣସି ଏଲୋପାଥିକ ଔଷଧ ପ୍ରେସକ୍ରାଇବ କରିବେ ନାହିଁ। ତତସହିତ ଓଡ଼ିଶାରେ ଆୟୁଷ ଡାକ୍ତରମାନଙ୍କର ସେବାକୁ ଅଗ୍ରାଧିକାର ଦେବା ନିମନ୍ତେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରମାନଙ୍କରେ ଆର୍ୟୁବେଦିକ ଓ ହୋମିଓପାଥି ମେଡିସିନ ଉପଲବ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ଏପ୍ରିଲରୁ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଜନଗଣନା



**ଭୁବନେଶ୍ୱର,୭।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଏପ୍ରିଲରୁ ଓଡ଼ିଶାରେ ଆରମ୍ଭ ହେବ ଜନଗଣନାର ପ୍ରଥମ ପର୍ଯ୍ୟାୟ। ୨୦୨୭ ଫେବୃଆରୀରେ ହେବ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା। ପ୍ରଥମ ପର୍ଯ୍ୟାୟରେ ଘର ଏବଂ ଆସବାବପତ୍ର ଗଣନା ହେବ। ଦ୍ୱିତୀୟ ପର୍ଯ୍ୟାୟରେ ଘରକୁ ଘର ଜନଗଣନା ହେବ। ଏଥିପାଇଁ ଲକ୍ଷାଧିକ ଜନଗଣନା ଅଧିକାରୀ ନିଯୁକ୍ତ ହେବେ। ଏହା ପୂର୍ବରୁ ସବୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ଉନ୍ନୟନ କମିଶନର। ଏନେଇ ଜନଗଣନା ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ସୂଚନା ଦେଇଛନ୍ତି।

ଲୋକସେବା ଭବନରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଜନଗଣନା ସମନ୍ୱୟ କମିଟି ବୈଠକ ବସିଥିଲା। ଜନଗଣନା ନିର୍ଦ୍ଦେଶକଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନିଖିଲ ପଓ୍ୱନ କଲ୍ୟାଣ କହିଛନ୍ତି ଯେ, ରାଜ୍ୟରେ ଜନଗଣନା ପାଇଁ ୬ ମାସ ଧରି ପ୍ରସ୍ତୁତି ଚାଲିଥିଲା। **(ଶେଷ ପୃଷ୍ଠା ଦେଖନ୍ତୁ)**

# ସୁପ୍ରିମକୋର୍ଟଙ୍କ ପ୍ରଶ୍ନ: କୁକୁରମାନଙ୍କୁ କାଉନସେଲିଂ କରାଯିବ କି ?

**ନୂଆଦିଲ୍ଲୀ,୭।୧: ଏକ୍ସପ୍ରେସ୍ ନ୍ୟୁଜ୍**

ବୁଧବାର ସୁପ୍ରିମକୋର୍ଟରେ ବୁଲା କୁକୁର ପ୍ରସଙ୍ଗରେ ଶୁଣାଣି ସମୟରେ ପରିବେଶ ବେଶ୍ ଉଷ୍ମ ହୋଇଥିଲା। ବରିଷ୍ଠ ଆଇନଜୀବୀ କପିଲ ସିବଲ କୁକୁରମାନଙ୍କ ପ୍ରତି ନିଷ୍ଠୁର ନ ହେବା ପାଇଁ ଯୁକ୍ତି ଦର୍ଶାଇବା ସମୟରେ ଜଷ୍ଟିସ୍ ସନ୍ଦୀପ ମେହେଟା ବ୍ୟଙ୍ଗାତ୍ମକ ଭାବରେ ପଚାରିଥିଲେ, କୁକୁରମାନେ କାହାକୁ କାମୁଡ଼ିବେ ଅବା ନ କାମୁଡିବେ ସେଥିପାଇଁ ଆମେ ସେମାନଙ୍କୁ କାଉନସେଲିଂ କରିବା କି ବୋଲି ପ୍ରଶ୍ନ କରିଥିଲେ।

କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି, ଆମେ କୁକୁରମାନଙ୍କର ମନ ପଢ଼ିପାରିବୁ ନାହିଁ ଏବଂ ଜାଣିପାରିବୁ ନାହିଁ, ସେମାନେ କେତେବେଳେ କାହାକୁ କାମୁଡ଼ିବେ। ରାଜସ୍ଥାନ ହାଇକୋର୍ଟଙ୍କର ଦୁଇ ବିଚାରପତିଙ୍କ ଦୁର୍ଘଟଣା ଉଦାହରଣ ଦେଇ କୋର୍ଟ କଠୋର ଆଭିମୁଖ୍ୟ ଦେଖାଇଛନ୍ତି।

ଏହି ମାମଲାର ଶୁଣାଣି ବିଚାରପତି ବିକ୍ରମ ନାଥ, ସନ୍ଦୀପ ମେହେଟା ଏବଂ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠରେ ଚାଲିଛି। ଆମିକସ୍ କ୍ୟୁରି ଗୌରବ ଅଗ୍ରୱାଲ କହିଛନ୍ତି,



ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏକ ସ୍ୱତନ୍ତ୍ର ଅଭିଯାନ (ଏସଓପି) ପ୍ରସ୍ତୁତ କରିଛନ୍ତି ଏବଂ ୧୪୦୦ କିଲୋମିଟର ଅଞ୍ଚଳକୁ ସମ୍ବେଦନଶୀଳ ଭାବରେ ଘୋଷିତ କରାଯାଇଛି।

୨୦୨୫ ନଭେମ୍ବର ୭ ତାରିଖରେ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ, ସ୍କୁଲ, ହସ୍ପିଟାଲ ଏବଂ ରେଳ ଷ୍ଟେସନ ଭଳି ଅଞ୍ଚଳରୁ କୁକୁରମାନଙ୍କୁ ହଟାଇ ଆଶ୍ରୟସ୍ଥଳକୁ ପଠାଯିବ। ଖଣ୍ଡପୀଠଙ୍କ ଅନୁସାରେ ରାସ୍ତାରେ ବୁଲା କୁକୁରମାନେ କେବଳ କାମୁଡ଼ା ନୁହେଁ ବରଂ ଦୁର୍ଘଟଣାର କାରଣ ପାଲଟିଥାନ୍ତି।

ଶୁଣାଣି ସମୟରେ, କପିଲ ସିବଲ ରେଳବାଇକୁ ମଧ୍ୟ ଏହି ପରିସରଭୁକ୍ତ କରିବାକୁ ଦାବି କରିଥିଲେ। ସେ ଯୁକ୍ତି ଦେଇଥିଲେ ଯେ, ସମସ୍ତ କୁକୁରଙ୍କୁ ଧରିବା ଏବଂ ଆଶ୍ରୟସ୍ଥଳରେ ରଖିବା ସମ୍ଭବ ନୁହେଁ। ଆମେ ଏଭଳି ନିଷ୍ଠୁର ହେବା ଉଚିତ୍ ନୁହେଁ। ସେ କହିଥିଲେ, ସମସ୍ୟାର ବୈଜ୍ଞାନିକ ଶୈଳୀରେ ସମାଧାନ କରାଯିବା ଉଚିତ୍। ଜଷ୍ଟିସ୍ ମେହେଟା ଉତ୍ତର ଦେଇଥିଲେ, ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଚିକିତ୍ସା ଅପେକ୍ଷା ଭଲ।

ସିବଲ ଆସାମରେ ରେଳବାଇର ଇନଫ୍ରାରେଡ୍ ଟ୍ରାକିଂ ବ୍ୟବହାର ବିଷୟରେ ଉଲ୍ଲେଖ କରିଥିଲେ, କୋର୍ଟ ପ୍ରଶ୍ନ କରିଥିଲେ, ଜଣେ କିପରି କୁକୁରର ମନୋଭାବ ଜାଣିପାରିବେ। କୋର୍ଟ ଏହା ମଧ୍ୟ ଦର୍ଶାଇଥିଲେ ଯେ ରାଜସ୍ଥାନ ହାଇକୋର୍ଟର ଜଣେ ବିଚାରପତି ଏବେ ବି ବୁଲା ପଶୁମାନଙ୍କ ଦ୍ୱାରା ହେଉଥିବା ମେରୁଦଣ୍ଡ **(ଶେଷ ପୃଷ୍ଠା ଦେଖନ୍ତୁ)**

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ

**ପୁରୀ,୭।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବଡ ମହାସ୍ନାନ କରାଯାଇଛି। ବୁଧବାର ଶ୍ରୀମନ୍ଦିର ଭିତର କାଠ ନିକଟରେ ବାନ୍ତି ପଡ଼ିଥିବାରୁ ମହାପ୍ରଭୁଙ୍କ ମହାସ୍ନାନ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ଭିତର କାଠ ନିକଟରେ ବାନ୍ତି ପଡ଼ିଥିବା ନେଇ ସେବାୟତ ଦେଖିଥିଲେ। ଏହାପରେ ଗାରଦଙ୍କୁ ସୂଚନା ଦିଆଯାଇଥିଲା। ଏହାପରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ମହାସ୍ନାନ କରାଯାଇଛି। ଏହି କାରଣରୁ ପ୍ରାୟ ୧ ଘଣ୍ଟା ଧରି ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଛି। ସେପଟେ ଆଜି ଶ୍ରୀମନ୍ଦିରରେ ବନକଲାଗି ନୀତି ଅନୁଷ୍ଠିତ ହୋଇଥିଲା। ଏଥିଲାଗି ୫ ଘଣ୍ଟା ପାଇଁ ସାଧାରଣ ଦର୍ଶନ ବନ୍ଦ ରହିଥିଲା। ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦ୍ୱିତୀୟ ଭୋଗ ମଣ୍ଡପ ପରେ ଦତ୍ତ ମହାପାତ୍ର ସେବାୟତମାନେ ରତ୍ନବେଦୀରେ ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ଆରମ୍ଭ କରିଥିଲେ।

## ଟାଙ୍ଗିଆ ଚୋଟରେ ବାପା ଓ ପଡୋଶୀ ମୃତ

**କରଞ୍ଜିଆ,୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କରଞ୍ଜିଆ ଥାନା ଅନ୍ତର୍ଗତ କୁଶପଦା ଗ୍ରାମରେ ହୃଦୟ ବିଦାରକ ଘଟଣା ଘଟିଛି। ବାପା, ଭାଇ ଓ ପଡୋଶୀଙ୍କୁ କୁରାଢିରେ ହାଣିଛି ପୁଅ। ଏଥିରେ ବାପା ଓ ପଡୋଶୀଙ୍କ ମୃତ୍ୟୁ ଘଟିଛି। ଭାଇ ଗୁରୁତର ହୋଇଛି। ମୃତକ ଦ୍ୱୟ ହେଉଛନ୍ତି ପ୍ରଫୁଲ୍ଲ ପାତ୍ର ଓ ଗଣେଶ୍ୱର ପାତ୍ର। ଅଭିଯୁକ୍ତଙ୍କ ନାଁ ମଣ୍ଟୁ ପାତ୍ର।

ସୂଚନାଯୋଗ୍ୟ, ଆଜି ସନ୍ଧ୍ୟାରେ ମଣ୍ଟୁ ତାଙ୍କ **(ଶେଷ ପୃଷ୍ଠା ଦେଖନ୍ତୁ)**

# ୬ଦିନ ହେଲା ରାଜନଗର ବ୍ଲକ୍‌ରେ ତାଲା

**କେନ୍ଦ୍ରାପଡ଼ା/ରାଜନଗର**
**୭।୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବିଡିଓ ତିଳୋତମା ପୃଷ୍ଟିଙ୍କୁ ବିଜେପି ନେତା ଲଳିତ ବେହେରା ଓ ତାଙ୍କ ସମର୍ଥକଙ୍କ ସଂଘବଦ୍ଧ ଆକ୍ରମଣ ଘଟଣାକୁ ଇତିମଧ୍ୟରେ ୬ଦିନ ବିତିଲାଣି। ଏହି ଘଟଣାର ପ୍ରତିବାଦ ସହିତ ଅଭିଯୁକ୍ତଙ୍କ ଗିରଫ ଦାବି କରି ବ୍ଲକ୍ ଅଫିସ୍ ଆଗରେ ଖୋଦ୍ ବ୍ଲକ୍ ଅଧ୍ୟକ୍ଷା ଏବଂ ସ୍ଥାନୀୟ ସରପଂଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ସମେତ ସେମାନଙ୍କର ସମର୍ଥକମାନେ ଗଣଧାରଣା ଓ ଅନଶନ ଚଳାଇଛନ୍ତି । ବ୍ଲକ୍ କାର୍ଯ୍ୟାଳୟରେ ତାଲା ପଡ଼ିଛି। ବିଡ଼ିଓ ଜିଲ୍ଲା ପ୍ରଶାସନକୁ ଘଟଣା ସଂପର୍କରେ ଅବଗତ କରି ଛୁଟିରେ ଚାଲିଯାଇଛନ୍ତି। ଏହି ବ୍ଲକ୍ କାର୍ଯ୍ୟାଳୟ ସଂପୂର୍ଣ୍ଣ ଅଚଳ ହୋଇ ପଡ଼ିଛି। ଘଟଣାକୁ ନେଇ ରାଜ୍ୟ ବିଜେଡ଼ି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଅଚଳାବସ୍ଥା ଦୂର ପାଇଁ ଦାବି କରିଆସୁଛି। ବିଧାୟକ ଧ୍ରୁବ ସାହୁ ମଧ୍ୟ ପୋଲିସ ଡ଼ିଜି, ଗୃହ ସଚିବ ପ୍ରମୁଖଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ହେଲେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଚୁପ୍ ହୋଇ ବସିଛନ୍ତି। ଘଟଣା ସଂପର୍କରେ ବ୍ଲକ୍ ଅଧ୍ୟକ୍ଷା ଦେଇଥିବା ଏତଲାକୁ ରେଷ୍ଟ୍ରି କରିଦେଇ ପୋଲିସ ହାତବାନ୍ଧି ବସିଛି। ଯାହାକୁ ନେଇ ବୁଦ୍ଧିଜୀବି ମହଲରେ ଗଭୀର କ୍ଷୋଭ ପ୍ରକାଶ ପାଇଛି ।

ଗ୍ରାମାଂଚଳର ବିକାଶ ଓ ବିଭିନ୍ନ କଲ୍ୟାଣକାରୀ ଯୋଜନାକୁ କାର୍ଯ୍ୟାୟନ କରିବାରେ ପ୍ରମୁଖ ଭୂମିକା ନେଇଥିବା ଗୋଟିଏ ବ୍ଲକ୍ କାର୍ଯ୍ୟାଳୟ ଦିନ ଦିନ ଧରି ବନ୍ଦ ରହିବା ଉଭୟ ପ୍ରଶାସନ ଓ ସରକାରଙ୍କ ଅପାରଗତାକୁ ପଦାରେ ପକାଇ ଦେଇଛି ବୋଲି ଅନେକ ଖୋଲାଖୋଲି ଆଲୋଚନା କରୁଛନ୍ତି । ରାଜନଗର ବ୍ଲକ୍ ରେ ଗତ ୨ ତାରିଖରେ ଘଟିଥିବା ଅଭାବନୀୟ ଘଟଣାକୁ ହାଲୁକା ଭାବେ ନିଆଯିବା ସମିଚୀନ ନୁହେଁ। ରାଜ୍ୟରେ ସରକାର ବଦଳିବା ପରେ ଏହି ବ୍ଲକ୍‌ର ଜଣକ ପରେ ଜଣେ ୯ଜଣ ବିଡ଼ିଓ ବିଦା ହେବା ପଛର ରହସ୍ୟ କ’ଣ ତା’ର ନିରପେକ୍ଷ ତଦନ୍ତ କରାଗଲେ ଏହି ବ୍ଲକ୍‌ରେ କିଏ ବା କେଉଁମାନେ କେଉଁ ଉଦ୍ଦେଶ୍ୟରେ ଅଚଳାବସ୍ଥା ସୃଷ୍ଟି କରିବାକୁ ଉଦ୍ୟମ ଜାରି ରଖିଛନ୍ତି ତାହା ସ୍ପଷ୍ଟ ହେବା ସହିତ ସମସ୍ୟାର ଠିକଣା ଉପଶମ ହୋଇପାରନ୍ତା ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଆନ୍ଦୋଳନରତ ପଂଚାୟତ ପ୍ରତିନିଧିମାନଙ୍କ ପକ୍ଷରୁ ସରପଂଚ ସଂଘର ସଭାପତି ଅଶୋକ ମହାନ୍ତି ଏକ ଗୁରୁତର ଅଭିଯୋଗ ଆଣି କହିଛନ୍ତି ସ୍ଥାନୀୟ ବିଜେପି ନେତା ଯିଏ ବି ବିଡ଼ିଓ ଆସୁଛନ୍ତି ତାଙ୍କ ଉପରେ ପିସି ଜୁଲମ ଚଳାଇ ଆସିଛନ୍ତି। ଆଉ ସେମାନେ ଏଥିନେଇ ନିଜର ଅସମର୍ଥତା ପ୍ରକାଶ କଲେ ତାଙ୍କୁ ହଟାଇ ଦିଆଯାଉଛି। ଏଥିରେ ରାଜ୍ୟ ସରକାର ଓ ସରକାରୀ ଦଳର ବଡ଼ବଡ଼ିଆଙ୍କ ସଂପୃକ୍ତି ନଥିଲେ ଏମିତି ଦେଢ ବର୍ଷ ୯ଜଣ ବିଡ଼ିଓ ଏଠାରୁ ବିଦାହୋଇନଥାନ୍ତେ। ବିଡ଼ିଓଙ୍କୁ ଆକ୍ରମଣ **(ଶେଷ ପୃଷ୍ଠା ଦେଖନ୍ତୁ)**

## ଏସସିବିରେ ସିଲିଂ ଖସି ରୋଗୀ ଆହତ

**କଟକ,୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ବଡ଼ ମେଡ଼ିକାଲରେ ବଡ଼ ଅଘଟଣ ଘଟିଛି । ବୁଧବାର ସନ୍ଧ୍ୟାରେ ଏସସିବି ମେଡ଼ିକାଲରେ ଛାତରୁ ସିଲିଂ ଖସି ଚିକିତ୍ସିତ ହେଉଥିବା ଜଣେ ରୋଗୀ ଆହତ ହୋଇଛନ୍ତି। ପୁରୁଣା ମେଡ଼ିସିନ ୱାର୍ଡ଼ ପ୍ରଥମ ମହଲାରେ ଛାତରୁ ସିଲିଂ ଖସି ପଡ଼ି ରୋଗୀଙ୍କ ମୁଣ୍ଡରେ ବାଜିଥିବାରୁ ସେ ଗୁରୁତର ଭାବେ ଆହତ ହୋଇଥିଲେ। ବେଡ଼ ଉପରେ ରୋଗୀ ଶୋଇଥିବାବେଳେ ହଠାତ ଛାତରୁ ସିଲିଂ ଖସି ରୋଗୀଙ୍କ ମୁଣ୍ଡରେ ମାଡ଼ ହୋଇଥିଲା ଓ ସେ ଗୁରୁତର ଭାବେ ଆହତ ହୋଇଥିଲେ। ଆହତ ବ୍ୟକ୍ତିଙ୍କୁ ଏସସିବି କର୍ତ୍ତୃପକ୍ଷ ଅନ୍ୟ ବେଡ଼କୁ ସ୍ଥାନାନ୍ତର କରିଛନ୍ତି । ଆହତ ରୋଗୀ ଜଣକ ହେଉଛନ୍ତି ଖୋର୍ଦ୍ଧା ବାଘମାରୀ ଅଂଚଳର **(ଶେଷ ପୃଷ୍ଠା ଦେଖନ୍ତୁ)**

## ପର୍ଯ୍ୟଟକଙ୍କ ପାଇଁ ବନ୍ଦ ହେଲା ଭିତରକନିକା ଉଦ୍ୟାନ

**ରାଜନଗର,୭।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବର୍ଷ କୁମ୍ଭୀର ଗଣନା ପାଇଁ ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ଚଳତ ମାସ ୮ ତାରିଖ ଗୁରୁବାରଠାରୁ ୧୦ତାରିଖ ଶନିବାର ପର୍ଯ୍ୟନ୍ତ ବନ୍ଦ ରହିବ। ଡାଙ୍ଗମାଳ ରେଂଜ କାର୍ଯ୍ୟାଳୟ ପରିସରରେ ସହକାରୀ ବନସଂରକ୍ଷକ ମାନସକୁମାର ଦାସଙ୍କ ପୌରହିତ୍ୟରେ କୁମ୍ଭୀର ଗଣନା ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର, ଆଇଏଫଏସ ବିବକ କୁମାର, ଗବେଷକ ଗତିକୃଷ୍ଣ ପରିଡା, ବିଶିଷ୍ଟ ପ୍ରାଣୀ ବିଜ୍ଞାନୀ ଡଃ ଶିବ ପ୍ରସାଦ ପରିଡା ଯୋଗଦେଇ ରେଂଜ ଅଫିସର, ଫରେଷ୍ଟର, ଫରେଷ୍ଟଗାର୍ଡ ଓ ବନକର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦିନ ଓ ରାତିରେ ଗଣନା କରାଯିବ। ରାଜନଗର ବନଖଣ୍ଡରେ ଏନେଇ ୨୩ଟି ଟିମ୍ ଗଠନ କରାଯାଇଛି। ପ୍ରତି ଟିମରେ ୬ଜଣ ଲେଖାଏଁ ସାମିଲ ହେବେ। କନିକା ରେଂଜରେ ୧୧ଟି ଟିମ୍, ରାଜନଗର ରେଂଜରେ ୭ଟି ଟିମ୍, ଗହୀରମଥା ଓ ମହାକାଳପଡା ରେଂଜରେ ଦୁଟି ଲେଖାଏଁ ଟିମ୍ ଗଣନା କରିବେ। ପ୍ରଥମ ଥର ପାଇଁ କୁଜଙ୍ଗ ରେଂଜରେ ଗଣନା ପାଇଁ ଗୋଟିଏ ଟିମ୍ ଗଠନ କରାଯାଇଛି । ଭିତରକନିକାର ନଦୀନାଳ ସହ ଅନ୍ୟ ନଦୀନାଳରେ ମଧ୍ୟ କୁମ୍ଭୀର ଗଣନା କରାଯିବ ବୋଲି ବନବିଭାଗ ସୂତ୍ରରୁ ଜଣାପଡିଛି। ଏହି ସମୟ ମଧ୍ୟରେ ପର୍ଯ୍ୟଟକମାନେ ଭିତରକନିକା ଜାତୀୟ ଉଦ୍ୟାନକୁ ପର୍ଯ୍ୟଟକମାନେ ନଆସିବା ପାଇଁ ବନବିଭାଗ ପକ୍ଷରୁ ବାରଣ କରାଯାଇଛି।

## ଟ୍ରକ ଧକ୍କାରେ ବାଇକ ଆରୋହୀ ମୃତ

**ମାର୍ଶାଘାଇ,୭।୧: ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା ୫୩ ନଂ ଜାତୀୟ ରାଜପଥ ନୀଳାଞ୍ଚଳ ବଜାର ନିକଟରେ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ ଆରୋହୀ ଜଣକ ମାର୍ଶାଘାଇ ଥାନା କୁହୁଡି ପଞ୍ଚାୟତ ପସ୍ତା ଗ୍ରାମର କୃଷ୍ଣ ଚନ୍ଦ୍ର ଦାସଙ୍କ ପୁଅ ସମୀର ଦାସ(୫୪)। ସମୀର ପାରାଦ୍ୱୀପରୁ ନିଜର ସ୍କୁଟିରେ ଫେରୁଥିବା ବେଳେ ତାଙ୍କୁ ପଛପଟରୁ ଏକ ଟ୍ରକ ଧକ୍କା ଦେଇଥିଲା। ତାଙ୍କୁ ସ୍ଥାନୀୟ ଲୋକମାନେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ **(ଶେଷ ପୃଷ୍ଠା ଦେଖନ୍ତୁ)**

# ଏସ୍ମା ଲାଗୁ ସତ୍ତ୍ୱେ ଆନ୍ଦୋଳନ ଥମିବାର ନାଁ ଧରୁନି

**ଭୁବନେଶ୍ୱର,୭।୧**
**ତଥ୍ୟ**

ମାସାଧିକକାଳ ଧରି ଚାଲିଥିବା ଡାକ୍ତରମାନଙ୍କ ଆନ୍ଦୋଳନକୁ ଦବାଇବା ପାଇଁ ରାଜ୍ୟ ସରକାର ଏସ୍ମା ଲାଗୁ କରିଥିବାବେଳେ ଆନ୍ଦୋଳନ କିନ୍ତୁ ଥମି ନାହିଁ । ତେବେ ଡାକ୍ତରମାନେ ଆଉ ଆନ୍ଦୋଳନ କରିବେ କି ନାହିଁ ସେ ସଂକ୍ରାନ୍ତରେ ବିଚାର ଆଲୋଚନା କରିବାଲାଗି ଏକ ସୁଯୋଗ ସୃଷ୍ଟି ହୋଇଛି ।

ଅନ୍ୟପକ୍ଷରେ ଡାକ୍ତରମାନେ କାମବନ୍ଦ ଆନ୍ଦୋଳନ ପ୍ରତ୍ୟାହାର କରି ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଭାବେ କାମରେ ଯୋଗଦେବା ଏବଂ ଆଲୋଚନା ଭିତ୍ତିରେ ସମସ୍ୟାର ସମାଧାନ ଲାଗି ଆଗେଇ ଆସିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଖୋଲା ନିବେଦନ କରିଛନ୍ତି ।

ଏଠାରେ ଉଲ୍ଲେଖନୀୟ ଯେ ଓଡିଶା ମେଡିକାଲ ସର୍ଭିସେସ ଆସୋସିଏସନ (ଓମ୍‌ସା) ପକ୍ଷରୁ ଡାକ୍ତରମାନଙ୍କ ବିଭିନ୍ନ ଦାବି ସଂକ୍ରାନ୍ତରେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାପରେ ପ୍ରଥମ ପର୍ଯ୍ୟାୟରେ ଘଣ୍ଟିକିଆ ଆଉଟଡୋର ବର୍ଜନ ଓ ଦ୍ୱିତୀୟ ପର୍ଯ୍ୟାୟରେ ଦୁଇ ଘଣ୍ଟିଆ ଆଉଟଡୋର ବର୍ଜନ କାର୍ଯ୍ୟକ୍ରମ ଚଳାଇଛନ୍ତି । ଏଥିଯୋଗୁଁ ରାଜ୍ୟର ସରକାରୀ ଡାକ୍ତରଖାନାଗୁଡିକରେ ରୋଗୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ।



ତେବେ ଆୟୁଷ ଡାକ୍ତରମାନଙ୍କ ଭରସାରେ ସରକାରୀ ଡାକ୍ତରଖାନାଗୁଡ଼ିକ ଚଳାଯାଉଥିବାବେଳେ ସେମାନେ ବି ସେମାନଙ୍କର ବହୁଦିନର ଦାବି ଉଠାଉଛନ୍ତି । ଏମିତିକି ହୋମିଓପାଥିକ ମେଡିକାଲ କଲେଜଗୁଡିକରେ ବି ଡାକ୍ତରୀ ଛାତ୍ର ଆନ୍ଦୋଳନ ଦାନା ବାନ୍ଧିଛି ।

ପୁରୁଖା ପ୍ରଶାସକମାନେ କହୁଛନ୍ତି ଯେ ପୂର୍ବରୁ ଓମ୍‌ସାର ଡାକ୍ତରମାନେ ଦ୍ୱିତୀୟଶ୍ରେଣୀ ପାହ୍ୟାରେ ପ୍ରତ୍ୟକ୍ଷ ନିଯୁକ୍ତି ପାଉଥିଲେ । ଏବେ ସେମାନଙ୍କ ଦାବିକୁ ଅତୀତରେ ସରକାର ଗ୍ରହଣ କରି ସେମାନଙ୍କ ପ୍ରତ୍ୟକ୍ଷ ନିଯୁକ୍ତିକୁ ପ୍ରଥମଶ୍ରେଣୀ ପାହ୍ୟାରେ ରଖିଛନ୍ତି । ଏହା ଫଳରେ ସେମାନଙ୍କ ପଦୋନ୍ନତିର ସୁଯୋଗ ବଢ଼ିଛି । ତେବେ ଘରୋଇ ଡାକ୍ତରଖାନାଗୁଡିକ ତୁଳନାରେ ସରକାରୀ ଡାକ୍ତରଖାନାଗୁଡିକର ଡାକ୍ତରମାନେ ଢେର କମ୍ ପାରିଶ୍ରମିକ ପାଉଛନ୍ତି। ଅଧିକ ଆର୍ଥିକ ପ୍ରୋତ୍ସାହନ ପାଇଁ ଡାକ୍ତରମାନଙ୍କର ଯେଉଁ ଦାବି ରହିଛି ତାହା କେନ୍ଦ୍ରୀୟ ହାରରେ କରାଯିବା ସହିତ ଏମ୍‌ସର ଡାକ୍ତରମାନେ ଯେଉଁ ହାରରେ ବେତନ, ଭତ୍ତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଉଛନ୍ତି ଏବଂ ଘରୋଇ ଚିକିତ୍ସା ବ୍ୟବସାୟରୁ ନିଜକୁ ଦୂରେଇ ରଖୁଛନ୍ତି ରାଜ୍ୟ ସରକାରଙ୍କ ଅଧିନରେ କାମ କରୁଥିବା ଡାକ୍ତରମାନଙ୍କ ପ୍ରତି ତାହା ଲାଗୁ କରିବାପାଇଁ ବିଭିନ୍ନ ମହଲରୁ ଦାବି ଉଠୁଛି ।

କେତେକ ପୁରୁଖା ଡାକ୍ତର ସ୍ୱୀକାର କରୁଛନ୍ତି ଯେ ପ୍ରାୟ ୧୫ବର୍ଷ ତଳେ ଓମ୍‌ସା ନେତୃତ୍ୱରେ ଡାକ୍ତରମାନେ ଦାବି ପୂରଣ ପାଇଁ **(ଶେଷ ପୃଷ୍ଠା ଦେଖନ୍ତୁ)**

# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୮ ଜାନୁଆରୀ ୨୦୨୬ । ଗୁରୁବାର




## ଓଲଟିଲା ସ୍କୁଲ ଅଟୋ, ୪ ଛାତ୍ରଛାତ୍ରୀ ଆହତ



**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଦଶରଥପୁର ଥାନା ଅନ୍ତର୍ଗତ ବାଳଦା ନିକଟରେ ମଙ୍ଗଳପୁର ଅଞ୍ଚଳର ଏକ ଘରୋଇ ସ୍କୁଲରୁ ଛାତ୍ରୀଛାତ୍ରଙ୍କୁ ନେଇ ଫେରୁଥିବା ଅଟୋଟି ଓଲଟି ପଡ଼ିଥିଲା । ଅଟୋରେ ୭ଜଣ ପିଲା ଥିଲେ । ସେମାନଙ୍କ ମଧ୍ୟରୁ ୪ଜଣ ଗୁରୁତର ହେବାରୁ ଚିକିତ୍ସା ନିମନ୍ତେ ପ୍ରଥମେ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅଟୋ ଚାଳକ ଆହତ ହୋଇ ଚିକିତ୍ସିତ ହେଉଥିବା ବେଳେ ଆହତ ୪ଜଣ ଛାତ୍ରୀଛାତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ପ୍ରଥମେ ଆହତ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା ନିମନ୍ତେ ମେଡ଼ିକାଲକୁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି । କେଉଁ ପରିସ୍ଥିତିରେ ଅଟୋଟି ଦୁର୍ଘଟଣାଗ୍ରସ୍ତ ହେଲା ବୋଲି ପୋଲିସ ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଛି ।

## ଅବକାରୀ ବିଭାଗର ଚଢାଉ, ଜଣେ ଗିରଫ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଭଦ୍ରକ ଅବକାରୀ ବିଭାଗ ବ୍ରାଉନ ସୁଗାର ବେପାରୀଙ୍କୁ ଧରିବାରେ ସଫଳ ହୋଇଛି । ସୂଚ଼ନା ଅନୁସାରେ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ମୁର୍ମୁଙ୍କ ନିର୍ଦ୍ଦେଶନାରେ ଏକ ଟିମ୍ ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ଚ଼ାରିଘରିଆ ଛକ ନିକଟରେ ଚ଼ଢ଼ାଉ କରି ୧୨୦ଗ୍ରାମ ବ୍ରାଉନ ସୁଗାର ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏହି ବ୍ରାଉନ ସୁଗାରର ମୂଲ୍ୟ ୧୨ ଲକ୍ଷ ଟଙ୍କା ହେବ ବୋଲି ସଂପୃକ୍ତ ବିଭାଗ ସୂଚ଼ନା ଦେଇଛି । ଅଭିଯୁକ୍ତ ଜଣକ ହେଲେ ଆଗରପଡା ଥାନା ବାଙ୍କତିରା ଗ୍ରାମର ବିଶ୍ୱରଂଜନ ନାୟକ ବୋଲି ଜଣା ପଡ଼ିଥିବା ବେଳେ କେସ ନମ୍ବର ୨୬୧/୨୬ରେ ତାଙ୍କୁ କୋର୍ଟଚ଼ାଲାଣ କରାଯାଇଛି ।

## ପୋଖରୀରେ ବୁଡ଼ି ନାବାଳିକା ମୃତ

**ନିଆଳୀ: ଏକ୍ସପ୍ରେସ ନ୍ୟୁଜ୍**

ନିଆଳୀ ଥାନା ଅଧିନସ୍ଥ ପଖରୀଗାଁରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଏହି ଗାଁ ର ଶୁଭଶ୍ରୀ ମହାରଣା (୧୩) ଘର ପଛପଟେ ଥିବା ପୋଖରୀକୁ ସ୍ୱଛହେବାକୁ ମଙ୍ଗଳବାର ଅପରାହ୍ନରେ ଯାଇଥିଲେ । ହେଲେ ଘରକୁ ଫେରିବାକୁ ବହୁ ସମୟ ବିଳମ୍ବ ହେବାରୁ ପୋଖରୀରେ ଭାସୁଥିବା ଅବସ୍ଥାରେ ଘରଲୋକେ ଦେଖିବାକୁ ପାଇଥିଲେ । ଏନେଇ ନିଆଳୀ ଥାନାରେ ୧/୨୬ରେ ଅପ ମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ମେଡିକାଲକୁ ପଠାଯାଇଛି । ପୂର୍ବରୁ ମା, ସ୍ୱାମୀ ଗନ୍ଧର୍ପ ମହାରଣାଙ୍କୁ ହରାଇଥିବାବେଳେ ଏବେ ଝିଅ ଶୁଭଶ୍ରୀମହାରଣାଙ୍କୁ ହରାଇ ପୁରାପୁରି ଭାବରେ ଭାଙ୍ଗି ପଡିଛନ୍ତି ।

## ସାପ କାମୁଡ଼ାରେ ଯୁବକ ଗୁରୁତର



**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ବିରଳ ସାପ ଦେଖିଲେ । ଉତ୍ସାହିତ ହୋଇ ବେକରେ ପକାଇ ବୁଲିଲେ । ସାପ କାମୁଡ଼ାରେ ଗୁରୁତର ହେଲେ । ଏବେ ମେଡିକାଲରେ ଚ଼ିକିତ୍ସିତ । ଭଦ୍ରକ ଜିଲ୍ଲା ବନ୍ତ ଅଧିନ ଚୟାଲଶିଂ ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି ।

ସୂଚ଼ନାଯୋଗ୍ୟ ଯେ, ଭଦ୍ରକ ଜିଲ୍ଲା ବନ୍ତ ଅଧିନ ଚୟାଲଶିଂ ଅଞ୍ଚଳର ସୁବଳ ସାହୁ ନାମକ ଜଣେ ଯୁବକ ଘରେ ଖାଉଥିବା ବେଳେ ଏକ ଧଳା ରଙ୍ଗର ସାପ ଦେଖିଥିଲେ । ଉତ୍ସାହିତ ହୋଇ ସାପକୁ ଉଠାଇବା ବେଳେ ସାପ କାମୁଡି ନଥିଲା । ତେଣୁ ସେ ଧରିବା ବେଳେ ସାପଟି ତଳକୁ ଖସି ପଡ଼ିଥିଲା । ପୁଣି ସୁବଳ ସାପକୁ ଉଠାଇ ବେକରେ ପକାଇ ବୁଲିବା ବେଳେ ସାପ ହାତକୁ କାମୁଡ଼ି ଦେଇଥିଲା । ସମ୍ପର୍କୀୟମାନେ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସାପଟିଙ୍କୁ ଚ଼ିହ୍ନଟ କରିବା ପାଇଁ ଡାକ୍ତରଖାନା ସାଙ୍ଗରେ ମଧ୍ୟ ନେଇଥିଲେ । ହେଲେ ଡାକ୍ତରମାନେ ମଧ୍ୟ ସାପକୁ ଚ଼ିହ୍ନି ପାରିନଥିଲେ । ଚ଼ିକିତ୍ସା କରୁଥିବା ଡାକ୍ତରଙ୍କ ଠାରୁ ସୂଚ଼ନା ପାଇ ସ୍ନେକ୍ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ସେଇ ସାପକୁ ଆଲବିନୋ ରଣା ସାପ ବୋଲି ଚ଼ିହ୍ନଟ କରିଥିଲେ । ଯୁବ ଜଣଙ୍କ ମେଡିକାଲରେ ଭର୍ତ୍ତି ହୋଇଥିବ ବେଳେ ସାପକୁ ସ୍ନେକ୍ ହେଲ୍ପ ଲାଇନ୍ ଉଦ୍ଧାର କରିଥିବା ସୂଚ଼ନା ମିଳିଛି ।

## ବିଦ୍ୟୁତ୍ ବିଭାଗର ଖାମ ଖିଆଲି ନୀତି: ବିପଦରେ ମଣିଷ ଓ ଜୀବଜନ୍ତୁ

**ନିଆଳୀ: ଏକ୍ସପ୍ରେସ ନ୍ୟୁଜ୍**

ନିଆଳୀ ବ୍ଲକ୍ ଦେବୀ କନ୍ଦଳ ଦୀପାଞ୍ଚଳ ଶଗଡାଇଲୋ ପଞ୍ଚାୟତ ସେଳଦା ଗ୍ରାମରେ ବିଦ୍ୟୁତ୍ ବିଭାଗର ଖାମ ଖିଆଲି ନୀତି ଦେଖିବାକୁ ମିଳିଛି । ଉକ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ନିମନ୍ତେ ଲଗାଯାଇଥିବା ଦୁଇ ଦୁଇଟି ଟ୍ରାନ୍ସଫର୍ମର ଓ ସଂଯୋଗୀକରଣ ବିଦ୍ୟୁତ ତାରପାଇଁ ଜୀବଜନ୍ତୁ ଓ ମଣିଷ ଜୀବନ ବିପଦରେ ପଡିଛି । ସୂଚ଼ନାମୁତାବକ ନିଆଳୀ ସବ୍‌ଡିଭିଜନ ଅଧିନ ସିଠାଳ ସେକ୍ସନ ଅନ୍ତର୍ଭୁକ୍ତ ସେଳଦା ଗ୍ରାମରେ ଦୁଇ ଦୁଇଟି ଟ୍ରାନ୍ସଫର୍ମ ଶହେ କିଲୋମିଟର ଏମ୍ପିୟାର ଲଗାଯାଇଥିବା ବେଳେ ଉକ୍ତ ଟ୍ରାନ୍ସ ଫର୍ମ ଦୁଇଟି ଚ଼ାରିଫୁଟ ତଳେ ରହିଛି । ଟ୍ରାନ୍ସଫର୍ମରୁ ଘରକୁ ଘର ବିଛା ଯାଇଥିବା ବିଦ୍ୟୁତ୍ ତାର ମଧ୍ୟ ସମାନ ବ୍ୟବସ୍ଥା, ଉକ୍ତ ତାର ଗୁଡିକ ମଧ୍ୟ ଚ଼ାରିଫୁଟ ତଳେ ରହିଛି । ଯାହା ଫଳରେ ଗୋରୁ ଗାଇଠୁ ଆରମ୍ଭ କରି



ଅନ୍ୟ ଜୀବଯନ୍ତୁ ଓ ମନୁଷ୍ୟ ଜୀବନ ପ୍ରତି ମୁହୂର୍ତ୍ତ ବିପଦରେ ରହିଛି । ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଦ୍ୟୁତ୍ ବିଭାଗ ଖାମ ଖିଆଲି ନୀତି ଆପଣେଇଛି । ଏ ନେଇ ସିଠାଳ ସେକ୍ସନର ବିଭାଗୀୟ ଯନ୍ତ୍ରୀ ସୌଭାଗ୍ୟ ମଲ୍ଲିକଙ୍କୁ ପଚ଼ାରିବାରୁ ମୋ ନଲେଜରେ ଅଛି । ଦୁଇଦିନ ମଧ୍ୟରେ ଟ୍ରାନ୍ସ ଫର୍ମ ଉଠାଇବା ଶହ ସାତଦିନ ମଧ୍ୟରେ ତାରର ବ୍ୟବସ୍ଥା କରି କାର୍ଯ୍ୟଆରମ୍ଭ କରିବେ ବୋଲି କହିଛନ୍ତି । ବିଦ୍ୟୁତ ବିଭାଗ ଏହାପ୍ରତି ଦୃଷ୍ଟି ନଦିଏ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ପ୍ରବଳ ଜାଡରେ ଥରୁଛି ଶିମିଳିପାଳ: ପାରଦ ଶୂନ

**କରଞ୍ଜିଆ: ଏକ୍ସପ୍ରେସ ନ୍ୟୁଜ୍**

ଜାଡରେ ଥରୁଛି ଓଡିଶା । ସବୁଠି ପାରଦ ତଳ ମୁହାଁ । ଝାରସୁଗୁଡାରେ ୭୨ ବର୍ଷର ରେକର୍ଡ ଭାଙ୍ଗିଛି ରାତି ତାପମାତ୍ରା । ବୁଧବାର ଭୋରରେ ଏଠାକାର ସର୍ବନିମ୍ନ ତାପମାତ୍ରା ୫.୧ ଡିଗ୍ରୀରେ ପହଞ୍ଚିଛି । ୧୯୫୩ରୁ ଏପର୍ଯ୍ୟନ୍ତ ଝାରସୁଗୁଡା ଇତିହାସରେ ସବୁଠାରୁ ଥଣ୍ଡା ରାତି ରେକର୍ଡ ହୋଇଛି । ଝାରସୁଗୁଡା ସମେତ ଓଡିଶାର ୧୬ଟି ସହରର ସର୍ବନିମ୍ନ ତାପମାତ୍ରା ବୁଧବାର ୧୦ ଡିଗ୍ରୀ କିମ୍ବା ତା'ଠାରୁ କମ୍ ରହିଥିଲା । ଦିନର ତାପମାତ୍ରା ମଧ୍ୟ ତଳକୁ ଖସିଛି ।

ଭୁବନେଶ୍ୱର ତାପମାତ୍ରା ସ୍ୱାଭାବିକଠାରୁ ୪.୮ ଡିଗ୍ରୀ ଅର୍ଥାତ୍ ୨୩.୮ ଡିଗ୍ରୀ ରହିଥିଲା । ଅନୁରୂପ ଭାବେ ଗୋପାଳପୁରର ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ୫.୩ ଡିଗ୍ରୀ କମ୍ ଅର୍ଥାତ୍ ୨୨.୧ ଡିଗ୍ରୀ ରେକର୍ଡ ହୋଇଛି । ୯ଟି ପ୍ରମୁଖ ସହରର ଦିନର ତାପମାତ୍ରା ୨୪ ଡିଗ୍ରୀରୁ କମ୍ ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚ଼ନା ଦିଆଯାଇଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚ଼ନା



ଅନୁଯାୟୀ ଭୁବନେଶ୍ୱରର ସର୍ବନିମ୍ନ ତାପମାତ୍ରା ହଠାତ୍ ହ୍ରାସ ପାଇ ୧୨.୯ ଡିଗ୍ରିରେ ପହଞ୍ଚିଥିଲା ।

ସେପଟେ ଶିମିଳିପାଳରେ ତୁଷାର ପାତ, ପ୍ରବଳ ଜାଡରେ ଥରୁଛି ଶିମିଳିପାଳ । ଶିମିଳିପାଳରେ ଶୂନ ଡିଗ୍ରୀକୁ ଖସିଲା ପାରଦ, ଜନଜୀବନ ଅସ୍ତବ୍ୟସ୍ତ । ଉପର ବାରହାକାମୁଡା ଓ ଦେବସ୍ଥଳୀଠାରେ ତୁଷାର ପାତ ହୋଇଥିବା ବେଳେ ହାଡ଼ଭଙ୍ଗା ଶୀତ ସାଙ୍ଗକୁ ଘନକୁହୁଡିର ଧଳା ଚ଼ାଦର ତଳେ ଘୋଡେଇ ହୋଇଛି ଶିମିଳିପାଳ ଅଭ୍ୟାୟରଣ୍ୟ ।

ସେହିପରି ଯଶିପୁର, ଠାକୁରମୁଣ୍ଡା, କରଞ୍ଜିଆ, ରରୁଆଁ ଓ ଶୁକ୍ରୁଳି ବ୍ଲକ ଅଞ୍ଚଳରେ ଘନ କୁହୁଡି ସାଙ୍ଗକୁ ଶୀତର ଲହରୀ ଜାରି ରହିଛି, ବୁଧବାର ସକାଳ ୬ ସୁଦ୍ଧା ଶିମିଳିପାଳର ଉପର ବାରାକାମୁଡାରେ ସର୍ବନିମ୍ନ ତାପମାତ୍ରା ଶୂନ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଚ଼ହଲାରେ ୨ ଡିଗ୍ରୀ, ନଅଣା ଠାରେ ୪ ଏବଂ ଗୁରୁଗୁଡିଆ ଓ ବରେହିପାଣି ଠାରେ ୫ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି, ଏ ନେଇ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ପକ୍ଷରୁ ସୂଚ଼ନା ପ୍ରଦାନ କରାଯାଇଛି ।

## ବେଆଇନ୍ କାଠ ମିଲ୍‌ରେ ଚ଼ଢାଉ ; ଟ୍ରାକ୍ଟର ଜବତ

**ନିମାପଡା: ଏକ୍ସପ୍ରେସ ନ୍ୟୁଜ୍**

ପୁରୀ ଜିଲ୍ଲାର ଗୋପ ଏବଂ ନିମାପଡା ଅଞ୍ଚଳରେ ଚ଼ାଲିଥିବା ବେଆଇନ କାଠ କାରବାର ଉପରେ ବନ ବିଭାଗ ପକ୍ଷରୁ ଏକ ବଡ ଧରଣର ଚ଼ଢାଉ କରାଯାଇଛି । ଗୁପ୍ତ ସୂଚ଼ନା ଆଧାରରେ ବନ ବିଭାଗର ଦୁଇଟି ସ୍ୱତନ୍ତ୍ର ଟିମ୍ ଏହି ଅଭିଯାନ ଚ଼ଳାଇ ଏକ ବେଆଇନ କାଠ ମିଲ୍‌ର ପର୍ଦ୍ଦାଫାଶ କରିଛନ୍ତି । ନିମାପଡା ଅଞ୍ଚଳରେ ଦୀର୍ଘ ଦିନ ଧରି କୌଣସି ବୈଧ ଅନୁମତି ବିନା ଏହି କାଠ ମିଲ୍‌ଟି ଚ଼ାଲୁଥିଲା । ବନ ବିଭାଗର ଅଧିକାରୀମାନେ ଅଚାନକ ସେଠାରେ ପହଞ୍ଚି ଚଢାଉ କରିବା ସମୟରେ ବିପୁଳ ପରିମାଣର କାଠ ଗଣ୍ଡି ଓ ପ୍ରସ୍ତୁତ କାଠ ଜବତ କରିଛନ୍ତି । ଏହା ସହିତ ମିଲ୍‌ରେ ବ୍ୟବହୃତ ହେଉଥିବା ଲକ୍ଷାଧିକ ଟଙ୍କାର କାଠ କଟା ମେସିନ୍ ଏବଂ ଯନ୍ତ୍ରାଂଶକୁ ମଧ୍ୟ ଜବତ କରାଯାଇଛି । କାଠ ଚୋରା ଚାଲାଣ ପାଇଁ ବ୍ୟବହୃତ ହେଉଥିବା ଏକ କାଠ ବୋଝେଇ ଟ୍ରାକ୍ଟରକୁ ମଧ୍ୟ ବନ ବିଭାଗ ନିଜ ହେପାଜତକୁ ନେଇଛି ।



ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ଏହି ଅଞ୍ଚଳରେ ଏକ ବଡ଼ ଧରଣର ବେଆଇନ କାଠ ବ୍ୟବସାୟ ନେଟୱର୍କ ସକ୍ରିୟ ରହିଛି । ସ୍ଥାନୀୟ ବନ ଅଧିକାରୀଙ୍କ ସୂଚ଼ନା ଅନୁଯାୟୀ, ଏହି କାଠ ସବୁ କେଉଁ ଜଙ୍ଗଲରୁ ଅଣାଯାଉଥିଲା ଏବଂ ଏହି ବ୍ୟବସାୟ ପଛରେ କେଉଁ ମାଫିଆମାନଙ୍କର ହାତ ରହିଛି, ସେ ନେଇ ଖୋଳତାଡ ଆରମ୍ଭ ହୋଇଛି । ଚଢାଉ ପରେ ସମ୍ପୃକ୍ତ ଅଞ୍ଚଳର କାଠ ମାଫିଆଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି ।

ବର୍ତ୍ତମାନ ସୁଦ୍ଧା ଘଟଣାସ୍ଥଳରେ ବନ ବିଭାଗର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି । ଏହି ବେଆଇନ କାରବାରରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ପୁରୀ ଜିଲ୍ଲାରେ ଜଙ୍ଗଲ ସମ୍ପଦର ସୁରକ୍ଷା ପାଇଁ ଆଗାମୀ ଦିନରେ ଏଭଳି ଚଢାଉ ଜାରି ରହିବ ବୋଲି ବନ ବିଭାଗ ସୂଚ଼ନା ଦେଇଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ବେଶ୍ ଚ଼ର୍ଚ୍ଚାର ବିଷୟ ପାଲଟିଛି ।

## ଛାତ୍ରଙ୍କ ଠାରୁ ମୋବାଇଲ ଓ ଟଙ୍କା ଲୁଟ୍

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଜଣେ କଲେଜ ଛାତ୍ରଙ୍କ ବେକରେ ଛୁରୀ ଦେଖାଇ ଦୁର୍ବୃତ୍ତ ମୋବାଇଲ ଓ ଟଙ୍କା ଲୁଟ୍ କରି ନେଇଥିଲେ । ଚିତାଳୋ କଲେଜର +୨ କଳା ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ସୁବ୍ରତ ଓଝା ମଙ୍ଗଳବାର ଦିନ ପୂର୍ବାହ୍ନ ୧୦.୩୦ମି ସମୟରେ କଲେଜରେ ପରୀକ୍ଷା ଦେବା ପାଇଁ ଆସୁଥିଲେ । ଦଶରଥପୁର ବ୍ଲକ ବାଲିପଦା ଛକ ଠାରୁ ଚିତାଳୋ ମହାବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାରେ ହଠାତ୍ ୨ଜଣ ଯୁବକ ବାଇକରେ ଆସି ସୁବ୍ରତଙ୍କ ସାଇକେଲକୁ ଅଟକାଇ ତାଙ୍କ ବେକରେ ଛୁରୀ ଲଗାଇ ମୋବାଇଲ, ଏଟିଏମ୍, ଟଙ୍କା ଲୁଟ୍ କରି ନେଇଯାଇଥିଲେ । ୨ଜଣ ଦୁର୍ବୃତ୍ତ ଲୁଟ୍ କଲାପରେ ନିକଟସ୍ଥ ଗ୍ରାମ ଆଡ଼କୁ ପଳାଇଥିଲେ । ଏ ନେଇ ସୁବ୍ରତ ପ୍ରଥମେ ଚିତାଳୋ ବିଟ୍ ହାଉସ୍ ଓ ପରେ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାର ତଦନ୍ତ କରୁଛି । ଗତ କିଛିଦିନ ହେବ ଚିତାଳୋ କଲେଜ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ନେଇ ଅଭିଯୋଗ ହେଉଛି ।

## ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର

**ପାଲଲହଡା: ଏକ୍ସପ୍ରେସ ନ୍ୟୁଜ୍**

ଘର ପଛପଟୁ ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର । ଜଣେ ମହିଳାଙ୍କ ତଣ୍ଟି କଟାଯାଇଥିବା ଓ ମୁଣ୍ଡକୁ ପଥରରେ ଛେଚ଼ା ଯାଇଥିବା ଅବସ୍ଥାରେ ମୃତଦେହ ଦେଖିବାକୁ ମିଳିଛି । ମହିଳାଙ୍କୁ ଜଘନ୍ୟ ଭାବରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ମୃତକ ଝାରବେଡା ପଞ୍ଚାୟତ ସୁସବନାଳି ଗାଁ ମୁଣ୍ଡା ସାହିର ଜନ ମୁଣ୍ଡା (୩୫) ବୋଲି ଜଣାପଡିଛି । ଅନୁଗୁଳ ଜିଲ୍ଲା ପାଲଲହଡା ଥାନା ଅଞ୍ଚଳରେ ଘଟଣାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି ।

ସୂଚ଼ନା ଅନୁସାରେ, ମୃତ ମହିଳାଙ୍କ ସ୍ୱାମୀ ଗୁରୁ ମୁଣ୍ଡାଙ୍କର ୪ବର୍ଷ ତଳେ ମୃତ୍ୟୁ ହୋଇଥିଲା । ତିନି ଝିଅ ଓ ଗୋଟିଏ ପୁଅଙ୍କୁ ନେଇ ଦିନମଜୁରି ଭାବେ ପରିବାର ପ୍ରତିପୋଷଣ କରୁଥିଲେ ଜନ ମୁଣ୍ଡା । ସବୁ ଦିନ ଭଳି ମହିଳା ଜଣଙ୍କ ଗତ ୫ ତାରିଖ ଦିନ ଝାରବେଡା ଘର କାର୍ଯ୍ୟ କରିବାକୁ ଯାଇଥିଲେ । କିନ୍ତୁ ତାପରେ ଆଉ ସେ ଘରକୁ ଫେରି ନଥିଲେ । ପରିବାର ଲୋକେ ବହୁତ ଖୋଜା ଖୋଜି କଲା ପରେ କୌଣସି ଖବର ପାଇନଥିଲେ । ପରଦିନ ଗ୍ରାମର ଜଣେ ମହିଳା ପତ୍ରଫଡି ନିକଟକୁ କାଠ ଗୋଟାଇବା ପାଇଁ ଯାଇଥିବା ବେଳେ ଘର ଠାରୁ ୫ ଶହ ମିଟର ଦୂର ପତ୍ରଫଡି ପଛ ପଟରେ ମହିଳାଙ୍କ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ । ମହିଳା ଜଣଙ୍କୁ ଚ଼ିହ୍ନି ପାରି ତାର ପରିବାର ଲୋକଙ୍କୁ ଜଣାଇଥିଲେ । ମହିଳା ଜଣକଙ୍କ ବେକରେ କଟା ଚ଼ିହ୍ନ ଥିବା ଓ ମୁଣ୍ଡକୁ ପଥର ଛେଚ଼ା ହୋଇଥିବା ଦେଖି ମିଳିଛି ।

ପରିବାର ଲୋକେ ମୃତଦେହକୁ ଘଟଣାସ୍ଥଳରୁ ଘରକୁ ଆଣିଥିଲେ । ପରିବାର ପାଲଲହଡା ପୁଲିସକୁ ଖବର ଦେଇନଥିବା ବେଳେ ଗ୍ରାମରକ୍ଷୀଙ୍କ ଠାରୁ ଖବର ପାଇ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି । ତେବେ କାହିଁକି ମହିଳା ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରାଗଲା ଏ ନେଇ ଭିନ୍ନ ଭିନ୍ନ କଥା ଶୁଣିବାକୁ ମିଳୁଛି । ତଦନ୍ତ ପରେ ପ୍ରକୃତ ସତ୍ୟ ଜଣାପଡିବ । ମୃତ ବିଧବା ମହିଳାଙ୍କ ତିନିଟି ଝିଅ ସଜନୀ ମୁଣ୍ଡା (୧୫) ପାର୍ବତୀ ମୁଣ୍ଡା (୧୪) ଅନିତା ମୁଣ୍ଡା (୧୧) ଗୋଟିଏ ପୁଅ ଲକ୍ଷ୍ମଣ ମୁଣ୍ଡା (୧୨) ଅଛନ୍ତି । ଦୋଷୀଙ୍କୁ ଗିରଫ କରାଯାଇ ଉପଯୁକ୍ତ ଦଣ୍ଡ ଦେବାପାଇଁ ଓ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ଇଡ୍‌କୋ ଅଫିସରୁ ଶାଗୁଆନଗଛ କଟା ଘଟଣା

## ବନ ଆଇନ ଉଲ୍ଲଙ୍ଘନ ନା ଯୋଜନାବଦ୍ଧ ଦୁର୍ନୀତି ?

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟ ସରକାର ଯେଉଁଠି ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବୃକ୍ଷରୋପଣକୁ ପ୍ରାଥମିକତା ଦେଉଛନ୍ତି, ସେଉଁଠି କଳିଙ୍ଗନଗରରେ ଅବସ୍ଥିତ ଇଡ୍‌କୋ ଅଫିସ ପରିସରରୁ ବେଆଇନ ଭାବରେ ଶାଗୁଆନ ସହ ବହୁ ମୂଲ୍ୟବାନ ଗଛ କଟାଯାଇଥିବା ଅଭିଯୋଗ ରାଜ୍ୟ ପ୍ରଶାସନକୁ କଟକଣାରେ ଆଣିଛି । ସରକାରୀ ଅଫିସ ହୋଇଥିବା ସତ୍ତ୍ୱେ ବନ ବିଭାଗର ଲିଖିତ ଅନୁମତି ବିନା ଗଛ କଟା ଘଟଣା ବନ ସୁରକ୍ଷା ଆଇନର ସର୍ବତ୍ର ଖୋଲା ଉଲ୍ଲଙ୍ଘନ ବୋଲି ବିଶେଷଜ୍ଞମାନେ କହୁଛନ୍ତି । ଅଭିଯୋଗ ଅନୁସାରେ, ଇଡ୍‌କୋର କିଛି ଅଧିକାରୀ ଗଛ କଟାଇ କଟା ଗଛକୁ ନିଜ ଘରକୁ ନେଇ ଫର୍ଣ୍ଣିଚ଼ର ତିଆରିରେ ବ୍ୟବହାର ହୋଇଥିବା ଯାହା ସରକାରୀ ସମ୍ପତ୍ତି ଲୁଟର



ଗମ୍ଭୀର ଅଭିଯୋଗ ତଦନ୍ତ ସାପକ୍ଷ । ପ୍ରଦୂଷଣ ଘେରରେ ଆକ୍ରାନ୍ତ ଥିବା ବଡ ବଡ଼ ମାରାତ୍ମକ ରେ ପୀଡିତ ଥିବା କଳିଙ୍ଗନଗର ବାସୀଙ୍କ ପାଇଁ ସରକାରୀ ଦପ୍ତରରୁ ବେଆଇନ ଗଛ କଟା ଅଞ୍ଚଳବାସୀଙ୍କୁ ସିଧା ହତ୍ୟା ସହ ସମାନ ବୋଲି ଅଭିଯୋଗ ହେଉଛି । କଳିଙ୍ଗନଗର ଶିଳ୍ପାଞ୍ଚଳ ପୂର୍ବରୁ ହିଁ ପ୍ରଦୂଷଣ ଓ ଶ୍ୱାସନେବାକଷ୍ଟ ମାରାତ୍ମକ ରୋଗର ହଟସ୍ପଟ୍ । ଏପରି ପରିସ୍ଥିତିରେ ଗଛ କଟାମାନେ ସିଧାସଳଖ ଭାବେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳ । ସାଧାରଣରେ ପ୍ରଶ୍ନ ଉଠୁଛି ଇଡ୍‌କୋ ଅଧିକାରୀ କେଉଁ ଅଧିକାରରେ ଗଛ କଟିଲେ ? ବନ ବିଭାଗ କାହିଁକି ପୂର୍ବରୁ ଅବଗତ ନଥିଲା ? ଏହା କ'ଣ ପ୍ରଥମ ଘଟଣା, ନା ପୂର୍ବରୁ ମଧ୍ୟ ଏପରି 'ହରି ଲୁଟ' ହୋଇଛି ଏହାଉପରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ତଦନ୍ତ ସପକ୍ଷ ? ଇଡ୍‌କୋ ଅଫିସ ପରିସରରୁ ଗଛ କଟା ସତ୍ୟ ଘଟଣା ପରେ ବନ ବିଭାଗର ନିଷ୍କ୍ରିୟତା ଅନେକ ସନ୍ଦେହ ଉଠାଇଛି । ଯଦି ଗଛ କଟା ବେଆଇନ, ତେବେ ତୁରନ୍ତ ବନବିଭାଗ ଏଫଆଇଆର କାହିଁକି ହୋଇନାହିଁ । ? ନା କି ସରକାରୀ ଅଧିକାରୀ ହେବାରୁ ଆଇନ ଭିନ୍ନଦିଗରେ ଉଠୁଛି ପ୍ରଶ୍ନ ? ଏହି ମାମଲାରେ ବନଖଣ୍ଡ ଅଧିକାରୀ କହିଛନ୍ତି 'ଆମେ ଇଡ୍‌କୋ ଅଫିସ ପରିସରରେ ତଦନ୍ତ କରିଛୁ । କିଛି ଗଛ କଟା ଯାଇଥିବା ଜଣାପଡ଼ିଛି । ଇଡ୍‌କୋଙ୍କୁ କୈଫିୟତ ତାଲପ କରାଯାଇଛି । ଉତ୍ତର ମିଳିଲା ପରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ।' କିନ୍ତୁ ସାଧାରଣର ମତ କୈଫିୟତ ନୁହେଁ, କାର୍ଯ୍ୟାନୁଷ୍ଠାନ ଦରକାର । ବେଆଇନ ଗଛ କଟା ଘଟଣାରେ ଇଡ୍‌କୋ ଅଧିକାରୀ ଆଇନ କାନୁନକୁ ଦଳି ମକଚୁ ଥିବା ଅଭିଯୋଗ ଆସିବା ପରେ କେବେ ଆଇନ ଅନୁଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ଯିବ ଏବେ ଦେଖିବାକୁ ବାକି ରହିଲା ।

## ବାଣିଜ୍ୟ

## ଟୋଲ୍-ମନିଟାଇଜେସନ୍ କ୍ଷେତ୍ରରେ ଆଇଆରବିର ରଣନୈତିକ ପୋର୍ଟଫୋଲିଓ ସମ୍ପ୍ରସାରଣ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ସାଧାରଣ ଶିରୋନାମା ରାଜପଥ ସମ୍ପ୍ରସାରଣ ଉପରେ କେନ୍ଦ୍ରିତ ହେଉଥିବା ବେଳେ, ଓଡ଼ିଶାରେ ଆଇଆରବି ଇନଫ୍ରାଷ୍ଟ୍ରକ୍ଚ଼ର ଟ୍ରଷ୍ଟର ସଦ୍ୟତମ ଅଧିଗ୍ରହଣର ଆନୁଷ୍ଠାନିକୀକରଣ ଏକ ଗଭୀର ବର୍ଣ୍ଣନା ପ୍ରକାଶ କରେ: ସମ୍ପତ୍ତି ମୁଦ୍ରୀକରଣ ଏବଂ ଦୀର୍ଘକାଳୀନ ଉତ୍ପାଦନର ବ୍ୟବସାୟ ।



ଟୋଲ୍-ଅପରେଟ୍-ଟ୍ରାନ୍ସଫର ବଣ୍ଡଲ୍ ପାଇଁ ଆନୁଷ୍ଠାନିକ ଭାବରେ ପୁରସ୍କାର ପତ୍ର (ଏଲଓଏ) ଗ୍ରହଣ କରି, ଆଇଆରବି ଏହି ପ୍ରକଳ୍ପକୁ ଏହାର ସକ୍ରିୟ ପୋର୍ଟଫୋଲିଓରେ ପରିଣତ କରିଛି । ଏହି ପଦକ୍ଷେପ ଏକ ପାରମ୍ପରିକ 'ବିକାଶକାରୀ'ରୁ ଏକ ଉତ୍ପାଦନ-କେନ୍ଦ୍ରିକ ସମ୍ପତ୍ତି ପରିଚ଼ାଳକରେ କମ୍ପାନୀର ବିବର୍ତ୍ତନକୁ ଗୁରୁତ୍ୱ ଦିଏ ।

ଏନଏଚ-୧୬ର ୭୪.୫-କିମି ଚ଼ଣ୍ଡିଖୋଲ-ଭଦ୍ରକ ସେକ୍ସନ ପାଇଁ ସରକାରୀ ଚୁକ୍ତିନାମା ଏକ ନିଶ୍ଚିତ 'ନଗଦ-ପାଇଁ-ରିଆତି' କାରବାର । ଆଇଆରବି ୨୦ ବର୍ଷର କାର୍ଯ୍ୟକାଳ ପାଇଁ ଟୋଲ୍ ପରିଚ଼ାଳନା ଏବଂ ସଂଗ୍ରହ କରିବାର ଅଧିକାର ପାଇଁ ଟ.୩,୦୮୭ କୋଟିର ଏକ ଆଗୁଆ ଫି ପ୍ରଦାନ କରୁଛି ।

ଭିତ୍ତିଭୂମି ଆର୍ଥିକ ପରିସ୍ଥିତିରେ, ଏହା ଏକ ସଂରଚ଼ିତ ଆୟ ଖେଳ । ଏହାର ପ୍ରାଇଭେଟ୍ ଇନଭିଟ୍ (ଇନଫ୍ରାଷ୍ଟ୍ରକ୍ଚ଼ର ଇନଭେଷ୍ଟମେଣ୍ଟ ଟ୍ରଷ୍ଟ) ବ୍ୟବହାର କରି, ଓଜଇ ଭୌତିକ ସମ୍ପତ୍ତି ଦ୍ୱାରା ସମର୍ଥିତ ଏକ ଆର୍ଥିକ ଉପକରଣ ପରିଚ଼ାଳନା କରୁଛି । ସେମାନେ ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ମୁଦ୍ରାସ୍ଫୀତି-ସଂଯୁକ୍ତ, ଟ୍ରାଫିକ-ସମ୍ବେଦନଶୀଳ ରାଜସ୍ୱ ପ୍ରବାହକୁ କଏଦ କରିବା ବିନିମୟରେ ସରକାରଙ୍କୁ ତୁରନ୍ତ ତରଳତା ପ୍ରଦାନ କରନ୍ତି ।

ଟୋଲ୍-ଅପରେଟ୍-ଟ୍ରାନ୍ସଫର ବ୍ୟବସାୟ ବାଲାନ୍ସ ସିଟ୍ ଅପ୍ଟିମାଇଜେସନ୍‌ରେ ଏକ ଅଭ୍ୟାସ । ଏନଏଚଏଆଇ ପାଇଁ, ଏହା ନୂତନ 'ଗ୍ରୀନ୍‌ଫିଲ୍ଡ' ବିକାଶକୁ ପାଣ୍ଠି ଯୋଗାଇବା ପାଇଁ ପୁଞ୍ଜିକୁ ଅନ୍‌ଲକ୍ କରେ । ଓଜଇ ପାଇଁ, ଏହା ଏକ 'ବ୍ରାଉନ୍‌ଫିଲ୍ଡ' ନିବେଶ - ଭିତ୍ତିଭୂମି ପୂର୍ବରୁ କାର୍ଯ୍ୟକ୍ଷମ, ଟ୍ରାଫିକ୍ ପଦ୍ଧତି ପରିପକ୍ୱ, ଏବଂ ନିର୍ମାଣ ବିପଦ ଦୂର ହୋଇଛି ।

ଏହି କ୍ଷେତ୍ରରେ ଲାଭଦାୟକତା ନିର୍ମାଣ ସ୍ଥାନରୁ କାର୍ଯ୍ୟକ୍ଷମ ଡାଟା ସେଣ୍ଟରକୁ ସ୍ଥାନାନ୍ତରିତ ହୋଇଛି । ଆଇଆରବିର ଦୀର୍ଘକାଳୀନ ସଫଳତା ବର୍ତ୍ତମାନ ଉପରେ ନିର୍ଭର କରେ ।

ଏକ ସାମଗ୍ରିକ ସମ୍ପତ୍ତି ଆଧାର ବର୍ତ୍ତମାନ ଟ.୯୪,୦୦୦ କୋଟିରେ ପହଞ୍ଚିବା ସହିତ, ଆଇଆରବି ଇନଫ୍ରାଷ୍ଟ୍ରକ୍ଚ଼ର ଆଉ କେବଳ ଟେଣ୍ଡରରେ ଅଂଶଗ୍ରହଣକାରୀ ନୁହେଁ, ଏହା ଭାରତର ଲଜିଷ୍ଟିକ୍ସ ଇନଫ୍ରାଷ୍ଟ୍ରକ୍ଚ଼ରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର । ଟିଓଟି ବ୍ୟବସାୟରେ, ଆଇଆରବି ପ୍ରଦର୍ଶନ କରୁଛି ଯେ ଏକ ରାଜପଥରେ ସବୁଠାରୁ ସ୍ଥାୟୀ ମୂଲ୍ୟ ଜାତୀୟ ଅର୍ଥନୀତିର ପ୍ରବାହ ପରିଚ଼ାଳନା କରିବାର ଦୀର୍ଘକାଳୀନ ଅଧିକାରରେ ରହିଛି ।





## ସିନେମାଫିନେମା ଟିଭିଫିବି

## ବଲିଉଡ୍‌ରେ କଙ୍ଗନାଙ୍କ କମ୍‌ବ୍ୟାକ୍

ରାଜନୀତିରେ ପ୍ରବେଶ ଏବଂ ହିମାଚ଼ଳ ପ୍ରଦେଶର ମଣ୍ଡି ନିର୍ବାଚ଼ନମଣ୍ଡଳୀରୁ ଲୋକସଭା ନିର୍ବାଚ଼ନ ଜିତିବା ପରେ ଅଭିନୟରୁ ବ୍ରେକ୍ ନେଇଥିଲେ କଙ୍ଗନା ରଣାଓ୍ୱତ୍ । ସେବେଠୁ ରାଜନୀତି ଜୀବନରେ ସେ ବ୍ୟସ୍ତ ରହିଛନ୍ତି । ଏବେ ସେ ପୁଣି ସେହି ଜାଗାକୁ ଫେରିଛନ୍ତି, ଯେଉଁଠୁ କ୍ୟାରିଅର୍ ଆରମ୍ଭ କରିଥିଲେ । ନିଜର ଅପକମିଂ ପ୍ରୋଜେକ୍ଟର ସୁଟିଂ ଆରମ୍ଭ କରିଛନ୍ତି । ଏ ବିଷୟରେ ସେ ସୋସିଆଲ ମିଡିଆରେ ସୂଚ଼ନା ଦେଇଛନ୍ତି ।

ମୈଦାନକୁ ଫେରିଛନ୍ତି ବୋଲି ନିଜ ଇନଷ୍ଟାଗ୍ରାମ୍ ଷ୍ଟୋରୀ ଜରିଆରେ ଫ୍ୟାନ୍ସ ସୂଚ଼ନା ଦେଇଛନ୍ତି କଙ୍ଗନା । ଆଗାମୀ ଦେଶାତ୍ମବୋଧ ଫିଲ୍ମ 'ଭାରତ ଭାଗ୍ୟ ବିଧାତା'ର ସୁଟିଂ ସେ ଆରମ୍ଭ କରିଛନ୍ତି । କଙ୍ଗନାଙ୍କୁ ବଡ ପରଦାରେ ଦେଖିବାକୁ ତାଙ୍କ ଫ୍ୟାନ୍ ଖୁବ୍ ଉତ୍ସାହର ସହ ଅପେକ୍ଷା କରିଛନ୍ତି । ଶେଷ ଥର 'ଏମର୍ଜେନ୍ସି'ରେ ସିନେ ପରଦାକୁ ଆସିଥିଲେ କଙ୍ଗନା । ଫିଲ୍ମର ନିର୍ଦ୍ଦେଶନା ମଧ୍ୟ ନିଜେ ଦେଇଥିଲେ । ଏଥିରେ ସେ ଦିବଂଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକା ନିର୍ବାହ କରିଥିଲେ । ତେବେ ଦର୍ଶକଙ୍କୁ ଥିଏଟରକୁ ଟାଣିବାରେ ଫିଲ୍ମ ଫେଲ୍ ହୋଇଥିଲା । ଏହା ପରେ ଆର୍. ମାଧବନ ଷ୍ଟାରର୍ ଏକ ଦ୍ୱିଭାଷୀ ଫିଲ୍ମର ସୁଟିଂ ଶେଷ କଲେ କଙ୍ଗନା । କିନ୍ତୁ ଅଦ୍ୟାବଧି ଫିଲ୍ମର ରିଲିଜ୍ ତାରିଖ ଘୋଷଣା ହୋଇନାହିଁ ।

ରିପୋର୍ଟ ଅନୁସାରେ, 'କୁଇନ୍-୨' ଓ 'ତନୁ ୱେଡ୍ସ ମନୁ-୩' ବି କଙ୍ଗନାଙ୍କ ସିନେ ଲିଷ୍ଟ୍ରେ ରହିଛି । କିନ୍ତୁ ଏ ନେଇ ଔପଚ଼ାରିକ ଘୋଷଣା ହୋଇନାହିଁ । ଖାସ୍ କଥା ହେଉଛି ଖୁବ୍‌ଶୀଘ୍ର ହଲିଉଡ୍‌ରେ ପାଦ ଥାପିବେ କଙ୍ଗନା । 'ବି ଦ ଇଭିଲ୍'ରେ ଟାଇଲର୍ ପୋଜି ଓ ସ୍କାର୍ଲେଟ୍ ରୋଜ୍ ଷ୍ଟାଲୋନଙ୍କ ସହ ସେ ସ୍କ୍ରିନ୍ ସେୟାର କରିବେ ।

# ଚେକ୍‌ପୋଷ୍ଟ ମୁକୁଳା: ଓଡ଼ିଶା ଆସୁଛି ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ଧାନ

**୭।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଉପଖଣ୍ଡ ଜାମଦା ବ୍ଲକ୍ ଅଞ୍ଚଳରେ ବେଆଇନଭାବେ ଗଚ୍ଛିତ ଝାଡ଼ଖଣ୍ଡ ରାଜ୍ୟର ୧୧୦୦ ବସ୍ତା ଧାନକୁ ପ୍ରଶାସନ ଜବତ କରିଛି । ସମସ୍ତ ଧାନକୁ ଟ୍ରକ୍ ଯୋଗେ ଆଣି ରାଇରଙ୍ଗପୁରସ୍ଥିତ ଏକ ଧାନ ମିଲ୍‌ରେ ରଖାଯାଇଛି । ପ୍ରାୟ ୫୫୦ କ୍ୱିଣ୍ଟାଲ ଧାନ ଜବତ ହୋଇଥିବା ବେଳେ ଏହାର ସରକାରୀ ମୂଲ୍ୟ ୧୭ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି । ପ୍ରଶାସନର ଏଭଳି ଚଢ଼ାଉ ପରେ ବେପାରୀମାନଙ୍କ ମଧ୍ୟରେ ଛନକା ପଶିଛି । ମାତ୍ର ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକ ମୁକୁଳା ପଡ଼ିଛି । ପ୍ରଶାସନ ପକ୍ଷରୁ ସିସିଟିଭି କିମ୍ବା ଚେକ୍ ପୋଷ୍ଟ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ତାହା କେବଳ କାଗଜ କଲମରେ ସୀମିତ ରହିଛି । ଏହାକୁ ନେଇ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଜିଲାପାଳ ହେମକାନ୍ତ ସୟ ଖୁବ୍‌ଶୀଘ୍ର ଚେକ୍ ପୋଷ୍ଟ ନିର୍ମାଣ କରିବା ସହ ସୀମା ସିଲ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।




ସୂଚନା ଅନୁଯାୟୀ, ଜିଲ୍ଲାର ସୀମାକୁ ଲାଗି ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟ ରହିଛି । ଏହି ୨ ରାଜ୍ୟକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ କୌଣସି ଚେକ୍ ପୋଷ୍ଟ ନାହିଁ କିମ୍ବା ସିସି କ୍ୟାମେରା ଲଗାଯାଇ ନାହିଁ । ସେହିପରି ସୀମାନ୍ତରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀ ପଟେ ଧାନ ଆଣି ଜିଲ୍ଲାରେ ରଖାଯାଉଛି । ଏପରିକି ଧାନର ଆମଦାନୀ ଉପରେ କୌଣସି ପ୍ରତିବନ୍ଧକ ରହୁ ନ ଥିବାରୁ ଖୁଲମଖୁଲା ପରିବହନ କରାଯାଉଛି । ଜିଲାର ରାଇରଙ୍ଗପୁର ଉପଖଣ୍ଡ ତିରିଂ- ଝାଡ଼ଖଣ୍ଡ ଜାତୀୟ ରାଜପଥ, ବହଳଦା-ଚାଇଁବସା ରାଜ୍ୟ ରାଜପଥ, ସାରସକଣା ବ୍ଲକ୍ ସୀମାନ୍ତ ପାକଟିଆରୁ ଝାଡ଼ଖଣ୍ଡ ରାଜ୍ୟ ମୂଷାବଣୀ ଓ ଜାମଶୋଳ- ବହଡ଼ାଗୋଡ଼ା ଏବଂ ଜାମଶୋଳାରୁ ପଶ୍ଚିମବଙ୍ଗ ରାଜ୍ୟ ଗୋପୀବଲ୍ଲଭପୁର ରାସ୍ତା, ରାସଗୋବିନ୍ଦପୁର ବ୍ଲକ୍ ସୁବାନଡିହଠାରୁ ପଶ୍ଚିମବଙ୍ଗର ନୟାଗ୍ରାମ ଥାନା ଅଧୀନ ପାଇଲଟଛକ, ମୋରଡ଼ା ବ୍ଲକ୍ ପଳାଶମୁଣ୍ଡୁଳୀରୁ ପଶ୍ଚିମବଙ୍ଗ ଧୂମସାହି, ଶୁଳିଆପଦା ବ୍ଲକ୍ ବାଘଡ଼ାରୁ ପଶ୍ଚିମବଙ୍ଗ ବାଲିଗଡ଼ିଆ, ଚକଶୁଳିଆପଦାରୁ ପଶ୍ଚିମବଙ୍ଗ ଗୋପୀବଲ୍ଲଭପୁର ସଂଯୋଗ ରାସ୍ତାଗୁଡ଼ିକରେ କୌଣସି ଚେକ୍‌ପୋଷ୍ଟ ନ ଥିବା ବେଳେ ସିସି କ୍ୟାମେରା ମଧ୍ୟ ଲଗାଯାଇ ନାହିଁ । ଫଳରେ ଉଭୟ ରାଜ୍ୟରେ ଧାନର ଏମ୍‌ଏସ୍ପି ମୂଲ୍ୟ ସହିତ ସବ୍ସିଡି ଇନ୍‌ପୁଟ୍ ହାତେଇବା ପାଇଁ ବେଧଡକ ଧାନ ପରିବହନ କରାଯାଉଛି । ଚାଷୀଙ୍କୁ ହାତବାରିସି କରି ଓଡ଼ିଶାରେ ଧାନ ବିକ୍ରିକରି ମାଲାମାଲ ହେବାକୁ ବ୍ୟବସାୟୀମାନେ ବିପୁଳ ପରିମାଣର ଧାନ ଗଚ୍ଛିତକରି ରଖିଛନ୍ତି । ଧାନର କଳାବଜାର ବଢ଼ିବା ସହ ୨ ରାଜ୍ୟର ଧାନ ଏବେ ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ଗଚ୍ଛିତ ରହିଛି । ଏହାକୁ ଅସାଧୁ ଉପାୟରେ ବିକ୍ରି କରିବାର ମସୁଧା ଚାଲିଥିବା ବେଳେ ଜିଲ୍ଲା ପ୍ରଶାସନ ନୀରବତା ଅବଲମ୍ବନ କରିଛି । ଖୁବ୍‌ଶୀଘ୍ର ସୀମାନ୍ତ ରାସ୍ତାଗୁଡ଼ିକ ସିଲ୍ କରାଯିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ନେଇ ଜିଲ୍ଲା ନୋଡାଲ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାଏକ କହିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଗୁରୁବାର-ପଞ୍ଚମୀ |
|---|---|
| ୮.୧.୨୦୨୬ | ନକ୍ଷତ୍ର- ପୂର୍ବାଫାଃ, ସିଂହଚନ୍ଦ୍ର |

| | |
|---|---|
| ମେଷ | ସାଙ୍ଗସାଥୀରେ କହଳ ପରିସ୍ଥିତି ସୃଷ୍ଟି ହେବ । |
| ବୃଷ | ହୃଦ୍‌ଘାତ ସମସ୍ୟା ଦେଖାଦେବ । |
| ମିଥୁନ | ଧନଦ୍ରବ୍ୟ ଲାଭ ହେବ । |
| କର୍କଟ | ସହଯୋଗ ବୃଦ୍ଧି ପାଇବ । |
| ସିଂହ | କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । |
| କନ୍ୟା | ଧନଲାଭ ଯୋଗ ରହିଛି । |
| ତୁଳା | ଅଘଟଣ ଘଟିପାରେ । |
| ବିଛା | କର୍ମେସିଦ୍ଧିଲାଭ କରିବେ । |
| ଧନୁ | ବ୍ୟବସାୟରେ ଲାଭବାନ ହେବେ । |
| ମକର | ଅପମାନ ଯୋଗ ରହିଛି । |
| କୁମ୍ଭ | ଦ୍ରବ୍ୟଲାଭ ଯୋଗ ରହିଛି । |
| ମୀନ | ଦିନଟି ହସଖୁସିରେ କଟିବ । |

# ବିନା ଜନଶୁଣାଣିରେ ୫ ପଞ୍ଚାୟତ ମିଶ୍ରଣକୁ ବିରୋଧ




**ଛତ୍ରପୁର,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଛତ୍ରପୁର ଏନ୍‌ଏସିକୁ ମ୍ୟୁନିସିପାଲିଟି ମାନ୍ୟତା ପ୍ରଦାନ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ଡିସେମ୍ବର ୨୬ ତାରିଖରେ ଏନେଇ ଆପତ୍ତି ଅଭିଯୋଗ ଗ୍ରହଣ କରିବା ପାଇଁ ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ଏନେଇ ଛତ୍ରପୁର ବ୍ଲକ ଅନ୍ତର୍ଗତ ଅଗସ୍ତି ନୂଆଗାଁ, କଣମଣା, ଆର୍ଯ୍ୟପଲ୍ଲୀ, ଟିକଲଖଣ୍ଡି ଓ ପୋଡ଼ାପଦର ପଞ୍ଚାୟତର ଶତାଧିକ ଲୋକ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ତେବେ କାହା ସ୍ୱାର୍ଥରେ ବିନା ଜନଶୁଣାଣିରେ ଉକ୍ତ ପଞ୍ଚାୟତଗୁଡ଼ିକୁ ମିଶ୍ରଣ କରାଯିବ ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି । ସରକାରଙ୍କ ପକ୍ଷରୁ ଆପତ୍ତି ଅଭିଯୋଗ ଗ୍ରହଣ ପାଇଁ କୁହାଯିବାର ୧୦ ଦିନ ବିତିଯାଇଥିଲେ ମଧ୍ୟ ଉକ୍ତ ପଞ୍ଚାୟତଗୁଡ଼ିକୁ ଚିଠି ପଠା ଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି । ଏହାର ପୁନର୍ବିଚାର କରା ନଗଲେ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

# ଅବକାରୀ ବିଭାଗର ଚଢାଉ, ଜଣେ ଗିରଫ

**ବାଲେଶ୍ୱର,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ବନ୍ଧସାହିରେ ରେଡରେ ୯ହଜାର ଲିଟର ପୋଚ୍ ଓ ୯୫୫ ଲିଟର ମଦ ଜବତ । ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଦୁଇ ଜଣ ଫେରାର ହୋଇଯାଇଛନ୍ତି । ସୋର ବ୍ଲକ ସିଙ୍ଗଖୁଣ୍ଟା ପଞ୍ଚାୟତ ବନ୍ଧସାହି ଗ୍ରାମରେ ମଦ କାରଣରୁ ଗାଁଟି ପୁରୁଷ ଶୁନ୍ୟ ହେବାକୁ ବସିଥିବା ନେଇ ଗଣମାଧ୍ୟରେ ପ୍ରକାଶିତ ହୋଇଥିଲା । ବୁଧବାର ଦିନ ତମାମ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବରେ ଚଢାଉ କରାଯାଇ ଉକ୍ତ ଗ୍ରାମରୁ ବିପୁଳ ମାତ୍ରାରେ ମଦ ଜବତ କରାଯିବା ସହିତ ଜଣଙ୍କୁ ଗିରଫ କରାଯାଇଛି । ବୁଧବାର ସୋର ଅବକାରୀ ଅଧିକାରୀଣୀ ପ୍ରଜ୍ଞା ପ୍ରିୟା ନାୟକ, ନୀଳଗିରି ଅବକାରୀ ଅଧିକାରୀ କେଶବ ଚନ୍ଦ୍ର ଦାସ, ଜିଲ୍ଲା ଅବକାରୀ ମୋବାଇଲ ଅଧିକାରୀ ହରିହର ସିଂ ଓ ଜଳେଶ୍ୱର ସେଟଲାଇଟ ଅଧିକାରୀ ଲକ୍ଷ ସାଧବ ପ୍ରଧାନଙ୍କ ମିଳିତ ନେତୃତ୍ୱରେ ଏକ ଟିମ ସୋର ବ୍ଲକ ସିଙ୍ଗାଖୁଣ୍ଟା ପଞ୍ଚାୟତ ବନ୍ଧସାହି ଓ ନୂଆଗାଁରେ ଚଢାଉ କରିଥିଲେ । ଏହି ସମୟରେ ୫ଟି ସ୍ଥାନରୁ ୯ହଜାର ୩ଶହ ୬୦ଲିଟର ପୋଚ୍ ନଷ୍ଟ କରିବା ସହିତ ୯ଶହ ୫୫ ଲିଟର ଦେଶୀ ମଦ ଜବତ କରିଥିଲେ । ଚଢାଉ ହେଉଥିବା ଜାଣିପାରି କିଛି ଅଭିଯୁକ୍ତ ଫେରାର ହୋଇଥିବା ବେଳେ ନୁଆଗାଁର ମହେନ୍ଦ୍ର ଜେନା (୫୨)ଙ୍କ ନିକଟରୁ ୨ ହଜାର ଲିଟର ପୋଚ୍ ଓ ୧୫୦ଲିଟର ଦେଶୀ ମଦ ଜବତ କରିବା ସହିତ ତାକୁ ଗିରଫ କରାଯାଇଛି । ଏହି ଚଢାଉରେ ଏଏସଆଇ କ୍ଷୀରୋଦ କୁମାର ସାହୁ, ବସନ୍ତ କୁମାର ବାରିକ, ଲମ୍ବୋଦର ମହାନ୍ତ, ଅଭୟ ହେମ୍ବ୍ରମ, କନେଷ୍ଟବଲ ଶଶିକାନ୍ତ ସାହୁ, ମିନତି ପରିଡା, ସୁନାରାମ ସୁରେନ, ନେହା ମୁର୍ମୁଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ ।

# ବ୍ରିଜ୍ କାମ ଅଧପନ୍ତରିଆ, ଚାଷୀ ହିନସ୍ତା

**ବାଲିଅନ୍ତା, ୭।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ବାରିଜଙ୍ଗ-ସିଙ୍ଗିରିଶାସନ ଗ୍ରାମ ଉନ୍ନୟନ ରାସ୍ତା କାମ ଆରମ୍ଭ ହେବାର ୨ ବର୍ଷ ବିତିଲାଣି । ଜଳ ନିଷ୍କାସନ ପାଇଁ କଲ୍‌ଭର୍ଟ ନିର୍ମାଣ କାର୍ଯ୍ୟ ସରିଛି । ହେଲେ କଲ୍‌ଭର୍ଟ ଉଭୟ ପାର୍ଶ୍ୱ ସଂଯୋଗକାରୀ ରାସ୍ତା ନିର୍ମାଣ ଆରମ୍ଭ ହୋଇନି । ସଂଯୋଗକାରୀ ରାସ୍ତା ନିର୍ମାଣ ହୋଇନଥିବାରୁ ଯାନବାହନ ଚଳାଚଳ ସମ୍ଭବ ହେଉ ନାହିଁ । ଏହି ରାସ୍ତା ନିର୍ମାଣ ଆଳରେ ଅଧପନ୍ତରିଆ ହୋଇ ରହିଥିବାରୁ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଏହି ରାସ୍ତା କଡ଼ରେ ଥିବା ବିଲରେ ଚାଷ କରିଥିବା ଚାଷୀମାନେ । ରାସ୍ତା ସମସ୍ୟା ଯୋଗୁ ଟ୍ରାକ୍ଟର୍‌ରେ ଧାନ ଖଳାକୁ ବୋହିବାକୁ ଅଧିକ ଭଡ଼ା ପଡୁଛି । ଭାର୍ଗବୀ ନଦୀବନ୍ଧ ଦେଇ ୧୦ କିମି ରାସ୍ତାରେ ଗାଡି ବୁଲାଇ ଖଳାକୁ ଆଣିଲା ବେଳକୁ ଟ୍ରାକ୍ଟର୍ ଟ୍ରିପ୍ ପିଛା ୧୫ ଶହ ଟଙ୍କା ଖର୍ଚ୍ଚ ହେଉଛି । ବାରିଜଙ୍ଗ ମେଜାରେ ହେକ୍ଟର ହେକ୍ଟର ଧାନ ଖଳାକୁ ଆସିପାରୁନି । ଗ୍ରାମବାସୀ ଏନେଇ ପଞ୍ଚାୟତ ସମିତି ଜନଶୁଣାଣି ଶିବିରର ବିଡିଓ ରଶ୍ମିତା ନାଥଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।



କେବଳ ଚାଷୀ ନୁହେଁ, ରାସ୍ତା ନିର୍ମାଣ ଅଧପନ୍ତରିଆ ଥିବାରୁ ସାଧାରଣ ଲୋକେ ମଧ୍ୟ ଲୋକେ ଦହଗଞ୍ଜ ହେଉଛନ୍ତି । ପଞ୍ଚାୟତ କାର୍ଯ୍ୟାଳୟକୁ ଯାତାୟାତରେ ମଧ୍ୟ ସମାନ ଅବସ୍ଥା । ରାସ୍ତାରେ ସେତୁ ନିର୍ମାଣ ସରିଥିଲେ ମଧ୍ୟ ସଂଯୋଗକାରୀ ରାସ୍ତା ନିର୍ମାଣ କରାଯାଇ ନାହିଁ । ବାରିଜଙ୍ଗ-ସିଙ୍ଗିରିଶାସନ ମୁଖ୍ୟ ରାସ୍ତା ଏକପ୍ରକାର ବ୍ୟବହାର ଅନୁପଯୋଗୀ ହୋଇଯାଇଛି । ସୂଚନା ଅନୁସାରେ ୨୦୨୨-୨୩ରେ ୫ କିମି ରାସ୍ତା ପାଇଁ ୩ କୋଟି ଅନୁଦାନ ମଞ୍ଜୁର ହୋଇଥିଲା । ରାସ୍ତା ନିର୍ମାଣ ବର୍ଷକ ମଧ୍ୟରେ ଶେଷ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଥିଲା । ହେଲେ ଠିକାଦାର ଚରମ ଅବହେଳା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# ଅମଳ ହୋଇଥିବା ୮୦ ବସ୍ତା ଧାନ ନଷ୍ଟ କଲେ ହାତୀପଲ

**ଭଞ୍ଜନଗର,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡରେ ଦିନକୁ ଦିନ ହାତୀପଲଙ୍କ ଆତଙ୍କ ବଢୁଛି । ଯାହାକୁ ନେଇ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀ ଏବଂ ଚାଷୀଙ୍କର ଚିନ୍ତା ବଢୁଛି । ଏହିଭଳି ପରିସ୍ଥିତିରେ ମଙ୍ଗଳବାର ରାତିରେ ପ୍ରାୟ ୨୨ ଟିକିଆ ହାତୀ କୁଲାଡ଼ ନିକଟସ୍ଥ ନାରାୟଣପାଟଣା ଅଭିମୁଖେ ଆସି ବ୍ୟାପକ କ୍ଷୟକ୍ଷତି କରିଛନ୍ତି । କୁଲାଡ଼ ଗ୍ରାମର ଚାଷୀ ଭଗବାନ ପାତ୍ରଙ୍କ ବିଲରେ ଅମଳ ହୋଇଥିବା ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ଧାନ ବସ୍ତାକୁ ହାତୀପଲ ଖାଇ ନଷ୍ଟ କରିବା ସହ ଆଉ କିଛି ଧାନ ବସ୍ତାକୁ ବୋହିନେଇଥିଲେ । ଏଥିସହ ସେଠାରେ ଥିବା ପାଣି ପମ୍ପ୍ ୩ଟି ଓ କଦଳୀ ବଗିଚ଼ା ମଧ୍ୟ ନଷ୍ଟ କରିଛନ୍ତି । ଏଥିସହ ଜଟେଶ୍ୱର ପରିଛାଙ୍କ କଦଳୀ ବଗିଚ଼ାକୁ ମଧ୍ୟ ନଷ୍ଟ କରିଦେଇଛନ୍ତି । ଭଗବାନ ଏନେଇ ସକାଳୁ ଜାଣିବା ପରେ ଜମିରେ ପହଞ୍ଚି ଦେଖି ଚିନ୍ତିତ ହୋଇପଡ଼ିଥିଲେ । ବର୍ଷ ତମାମର ଅମଳ ଫସଲକୁ ହାତୀପଲ ନଷ୍ଟ କରିଦେଇଛନ୍ତି ।

ଏହାପରେ ସେ ବନ ବିଭାଗ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ବନ ବିଭାଗ ଅଧିକାରୀମାନେ ବୁଧବାର ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରି ଫେରି ଆସିଛନ୍ତି । ଫସଲ କ୍ଷତି ପରିମାଣ ଦିନକୁ ଦିନ ବଢୁଛି । ଯାହାକୁ ନେଇ ଚାଷୀମାନେ ଚିନ୍ତିତ ଅଛନ୍ତି । ଅନ୍ୟପଟେ ବିଭାଗୀୟ କର୍ମଚାରୀମାନେ ଘଟଣାସ୍ଥଳକୁ ତଦନ୍ତ କରିବାକୁ ଯିବା ସମୟରେ ଚାଷୀଙ୍କ କଷ୍ଟକୁ ହୃଦବୋଧ କରି ଆଶ୍ୱାସନା ଦେବା ଭଳି କଥା କହିବା ବଦଳରେ ଚାଷୀଙ୍କୁ ବାଧିଲା ଭଳି ମନ୍ତବ୍ୟ ଦେଉଛନ୍ତି । ଏହିଭଳି ମଧ୍ୟ ବୁଧବାର ଘଟିଥିବା କିଛି ଚାଷୀ ଏଠାରେ ସୂଚନା ଦେଇଛନ୍ତି । ଯାହାକୁ ନେଇ ଚାଷୀମାନେ ହତୋତ୍ସାହିତ ହେବା ସହ ସେମାନଙ୍କ ମଧ୍ୟରେ ବିଭାଗ ପ୍ରତି ବିଶ୍ୱାସ କମିଯାଉଥିବା ଲକ୍ଷ୍ୟ କରାଯାଉଛି । ଅନ୍ୟପଟେ କ୍ଷତିପୂରଣ ପାଇଁ ଆସୁଥିବା ଅଭିଯୋଗଗୁଡ଼ିକ ମଧ୍ୟ ତୁରନ୍ତ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରାଯାଉନାହିଁ । ତଦନ୍ତରେ ବିଳମ୍ବ ଯୋଗୁ ଜମିର ଚିତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ବଦଳି ଯାଉଛି । ଏହାପରେ ବିଭିନ୍ନ ବାହାନା ଦେଖାଇ ଚାଷୀଙ୍କ ଆବେଦନପତ୍ରକୁ ବିଭାଗୀୟ ଅଧିକାରୀ

ଅନୁମୋଦନରେ ଅଙ୍କୁଶ ଲଗାଉଛନ୍ତି । ଆଗାମୀ ଦିନରେ ଏନେଇ ଚାଷୀ ଏବଂ ବନ ବିଭାଗ ମଧ୍ୟରେ ବିବାଦ ବଢ଼ିବା ସମ୍ଭାବନା ରହିଛି । ଏହାପୂର୍ବରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି । ଅପରପକ୍ଷେ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ଏଠାରେ କହିଛନ୍ତି ଚାଷୀମାନଙ୍କ କଷ୍ଟକୁ ଆମେ ହୃଦବୋଧ କରୁଛୁ । ସରକାର ନୀତି ନିୟମ ଅନୁସାରେ ଯାହା ସମ୍ଭବ ସେମାନଙ୍କୁ ସହାୟତା ପ୍ରଦାନ ପାଇଁ ପଦକ୍ଷେପ ନିଆଯାଉଛି । ବହୁ ଚାଷୀ ସହାୟତା ରାଶି ପାଉଛନ୍ତି । ଚାଷୀ ଏବଂ ବନ୍ୟପ୍ରାଣୀ ଉଭୟ କିଭଳି ସୁରକ୍ଷିତ ରହିପାରିବେ ସେଥିପ୍ରତି ବିଭାଗୀୟ କର୍ମଚାରୀ ସର୍ବଦା ଚେଷ୍ଟିତ ବୋଲି ଡିଏଫ୍‌ଓ ମହାନ୍ତି ସୂଚନା ଦେଇଛନ୍ତି ।

# କୁଖ୍ୟାତ ଗଞ୍ଜେଇ ମାଫିଆ ଗିରଫ

**ପରଜଙ୍ଗ,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା କୁଆଳୋ ଗାଁ ଯାତ୍ରା ପଡ଼ିଆ ନିକଟରୁ ବୁଧବାର ଭୋର୍ କୁଖ୍ୟାତ ଗଞ୍ଜେଇ ମାଫିଆକୁ ଗିରଫ କରିଛି ଅବକାରୀ ଟିମ୍ । ଗିରଫ ଅଭିଯୁକ୍ତ କୁଆଳୋ ଗାଁର ଗିରିଶ ସାହୁ । ଦୀର୍ଘବର୍ଷ ଧରି ଲକ୍ଷଲକ୍ଷ ଟଙ୍କାର ଗଞ୍ଜେଇ ମଗାଇ ପରଜଙ୍ଗ ଅଞ୍ଚଳ ତଥା ଜିଲ୍ଲା ବାହାରକୁ ଚାଲାଣ କରିଥାନ୍ତି ବୋଲି ତଦନ୍ତ ବେଳେ ଜଣାପଡ଼ିଛି । ଗିରିଶଙ୍କଠାରୁ ୨୧ କିଲୋ ୭୫୦ ଗ୍ରାମର ଗଞ୍ଜେଇ ଜବତ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ୧୮ ହଜାର ଟଙ୍କା ହେବ ବୋଲି ଅବକାରୀ ସୂତ୍ରରୁ ପ୍ରକାଶ । ଏଥିସହିତ ଗୋଟିଏ ବାଇକ୍‌କୁ ମଧ୍ୟ ଜବତ କରାଯାଇଛି । ବିଶେଷ ସୂତ୍ରରୁ ଖବର ପାଇ କାମାକ୍ଷାନଗର ଓ ପରଜଙ୍ଗ ଅବକାରୀ ଟିମ୍ ମିଳିତ ଭାବେ ଚଢ଼ାଉ କରି ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଥିଲେ । ତେବେ ମାଫିଆ ଜଣଙ୍କ ଦୀର୍ଘଦିନ ହେବ ବୌଦ୍ଧରୁ ଗଞ୍ଜେଇ ଆଣି ଢେଙ୍କାନାଳର ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିଲେ । ଏ ନେଇ ଅଭିଯୁକ୍ତଙ୍କୁ ଗିରଫ ପରେ ତଦନ୍ତ ଆରମ୍ଭ କରି ଦେଇଛି ଅବକାରୀ ବିଭାଗ ।

# ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସମୀକ୍ଷା

**ପୁରୀ,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ (ପିକେଡିଏ)ର ୩୫ତମ ସମୀକ୍ଷା ବୈଠକ ପୁରୀ ସର୍କିଟ୍ ହାଉସ୍ ଠାରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ପିକେଡିଏ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୁରୀ-କୋଣାର୍କ ଅଞ୍ଚଳର ସମଗ୍ର ଓ ସୁଯୋଜିତ ଉନ୍ନୟନ, ଐତିହ୍ୟ ସଂରକ୍ଷଣ, ସହର ପରିକଳ୍ପନା, ଗୃହ ନିର୍ମାଣ, ପାରିପାର୍ଶ୍ୱିକ ଉନ୍ନୟନ ଓ ପ୍ରଶାସନିକ ସୁଦୃଢତା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ବହୁ ନିଷ୍ପତ୍ତି ନିଆଯାଇଛି । ବୈଠକରେ ଶ୍ରୀଜଗନ୍ନାଥ ମନ୍ଦିର ଠାରୁ ଗୁଣ୍ଡିଚାମନ୍ଦିର(ଗ୍ରାଣ୍ଡ ରୋଡ) ପାର୍ଶ୍ୱ ଅଞ୍ଚଳରେ ଏକରୂପ ଡିଜାଇନ୍ ଓ ରଙ୍ଗ ବ୍ୟବସ୍ଥା, ଐତିହ୍ୟ ସ୍ଥଳ, ଐତିହ୍ୟ ଭବନ ଓ ପ୍ରାକୃତିକ ଅଞ୍ଚଳ ସଂରକ୍ଷଣ ପାଇଁ ଉପଯୁକ୍ତ ନିୟମାବଳୀ ପ୍ରସ୍ତୁତ ଓ ଅବଗତ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ସେହିପରି ବିଲ୍ଡିଂ ପ୍ଲାନ୍ ଅନୁମୋଦନ ପ୍ରକ୍ରିୟାକୁ ସରଳ କରିବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ସହ ଏନ୍‌ଓସି ପ୍ରକ୍ରିୟାକୁ ସମୟ ସୀମା ଭିତ୍ତିକ କରିବା ଉପରେ ଆଲୋଚନା କରାଯାଇଥିଲା । ଯଦି ୩୦ ଦିନରେ ଏନ୍‌ଓସି ନମିଳେ ଗୃହ ନିର୍ମାଣ ସମ୍ପର୍କିତ ଆବେଦନକୁ ଓଡିଶା ଉନ୍ନୟନ ପ୍ରାଧିକରଣ ଆଇନ୍ ଅନୁସାରେ ପ୍ଲାନ୍ ଅନୁମୋଦନ କରାଯିବା ପ୍ରସ୍ତାବ ରଖାଯାଇଛି । ବୈଠକରେ ଟାଉନ୍ ପ୍ଲାନିଂ (ଟିପି) ସ୍କିମ୍, ବାଲୁଖଣ୍ଡରେ ପିପିପି ମଡେଲ୍‌ରେ ବହୁତଳ କୋଠା ନିର୍ମାଣ ପ୍ରକଳ୍ପ, ପିକେଡିଏ ପାଇଁ କ୍ୟାଡର୍ ପୁନର୍ଗଠନ ଓ କର୍ମଚାରୀ ନିଯୁକ୍ତି, ପ୍ରୋଜେକ୍ଟ ମନିଟରିଂ ୟୁନିଟ୍ ସ୍ଥାପନ ଏବଂ ଦୀର୍ଘକାଳୀନ କାର୍ଯ୍ୟଭାର ନେଉଥିବା କର୍ମଚାରୀଙ୍କ ନିୟମିତୀକରଣ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ସେଥିପାଇଁ ସମଗ୍ର ପିକେଡିଏ ଅଞ୍ଚଳ ଓ ପ୍ରସ୍ତାବିତ ବିସ୍ତାରିତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରି ଏକ ନୂତନ ଓ ସଂଶୋଧିତ ସମ୍ପୂର୍ଣ୍ଣ ଉନ୍ନୟନ ପ୍ରଣାଳୀ ପ୍ରସ୍ତୁତ କରିବା ପାଇଁ ଅନୁମୋଦନ ଦିଆଯାଇଛି ।

ବୈଠକରେ ପିକେଡିଏ ପରିଚାଳନାରେ ଥିବା ସହରର ପ୍ରମୁଖ ମାର୍କେଟ୍ କମ୍ପ୍ଲେକ୍ସଗୁଡିକର ଅପରେସନ୍ ଓ ମେଣ୍ଟେନାନ୍ସ, ସ୍ମାର୍ଟ ପାର୍କ, ବାଲିଆପଣ୍ଡା ଅଞ୍ଚଳ ଓ ପିକେଆର୍‌ଆଇଟି କଲୋନୀ ଆଲୋକୀକରଣ, ପିକେଡିଏ କାର୍ଯ୍ୟାଳୟ ଭବନର ମରାମତି, ତାଳବଣିଆ ଚିଲ୍ଡ୍ରେନ୍ ପାର୍କ ପରିଚାଳନା କରିବା ପାଇଁ ଟେଣ୍ଡର କରିବାକୁ ଆଲୋଚନା ହୋଇଥିଲା । ପିକେଡିଏ ସଚିବଙ୍କ ଆର୍ଥିକ କ୍ଷମତା ବୃଦ୍ଧି ସମ୍ପର୍କିତ ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ଓ ନିଷ୍ପତ୍ତି ନିଆଯାଇଛି । ବୈଠକ ଶେଷରେ ଆର୍ଥିକ ବର୍ଷ ୨୦୨୪-୨୫ ଓ ୨୦୨୫-୨୬ ପାଇଁ ବଜେଟ୍ ଅନୁମୋଦନ କରାଯାଇଛି । ପୁରୀ-କୋଣାର୍କ କର୍ତ୍ତୃପକ୍ଷ ଅଧୀନ ଅଞ୍ଚଳରେ ଐତିହ୍ୟ ଓ ଧାର୍ମିକ ଗୌରବକୁ ସୁରକ୍ଷିତ ରଖି ସୁଯୋଜିତ ଓ ସୁସ୍ଥାୟୀ ଉନ୍ନୟନ କରିବାକୁ ରାଜ୍ୟ ସରକାର ପ୍ରାଥମିକତା ଦେବେ ବୋଲି ବୈଠକରେ ମନ୍ତ୍ରୀ ମହାପାତ୍ର କହିଥିଲେ । ବୈଠକରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ପୁରୀ ମ୍ୟୁନିସିପାଲିଟିର ଅଧିକାରୀ, ରାଜ୍ୟ ଟାଉନ୍ ପ୍ଲାନିଂ ନିର୍ଦ୍ଦେଶକଙ୍କ ସମେତ ବହୁ ପ୍ରାଶାସନିକ ଅଧିକାରୀ ଉପସ୍ଥିତ ଥିଲେ ।

# ସାତକୋଶିଆରେ କୁମ୍ଭୀର ଗଣନା

**ଅନୁଗୋଳ,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆଜିଠାରୁ ସାତକୋଶିଆ ଗଣ୍ଡରେ କୁମ୍ଭୀର ଗଣନା ଆରମ୍ଭ ହୋଇଛି । ସାତକୋଶିଆ ଅଭୟାରଣ୍ୟକୁ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରଖାଯାଇଛି । ୩ ଦିନ ଧରି ଏହି କୁମ୍ଭୀର ଗଣନା କାର୍ଯ୍ୟକ୍ରମ ଚାଲିବ । ସାତକୋଶିଆ ଅଭୟାରଣ୍ୟ ବନଖଣ୍ଡ, ଆଠମଲ୍ଲିକ ବନଖଣ୍ଡ ଓ ମହାନଦୀ ବନଖଣ୍ଡରେ ୧୪ଟି ଦଳ ଗଠନ କରାଯାଇଥିବା ବେଳେ ପ୍ରତି ଦଳରେ ୫ଜଣ ଲେଖାଏଁ ରହିଛନ୍ତି । ଏହି କୁମ୍ଭୀର ଗଣନା ଟିକରପଡାରୁ ବିନିକେଇ, ବିନିକେଇରୁ ପତାକା, ଟିକରପଡାରୁ କଟରଙ୍ଗ, କଟରଙ୍ଗରୁ ବାଲିପୁଟ, ବାଲିପୁଟରୁ ଚକ୍ରଗଡ଼, ସେହିପରି ଆଠମଲ୍ଲିକର ହରଭଙ୍ଗାରୁ ଅଏଡା, ଲୁଣାହାଣ୍ଡି, ବେଲପୁଞ୍ଜି ମଠ, ଶିଶୁ ପଥର ଡ୍ୟାମ ସମେତ ଆଖପାଖର ବିଭିନ୍ନ ଜଳାଶୟରେ ଏହି ଗଣନା କରାଯାଉଛି । କର୍ମଚାରୀମାନଙ୍କୁ ବାଇନାକୁଲାର, କ୍ୟାମେରା ସହିତ ଅନ୍ୟାନ୍ୟ ସରଞ୍ଜାମ ଯୋଗାଇ ଦିଆଯାଇଛି ।

# କଂଗ୍ରେସ ନେତାଙ୍କୁ ଆକ୍ରମଣ: ଥାନାରେ ମାମଲା



**ହିଞ୍ଜିଳିକାଟୁ,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଋଷିକୁଲ୍ୟା ନଦୀତଟ ବାଲିଘାଟରେ କଂଗ୍ରେସ ନେତାଙ୍କୁ ଆକ୍ରମଣ । ବେଆଇନ ବାଲି ଉତ୍ତୋଳନକୁ ବିରୋଧ କରିବାରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ପାଢ଼ୀଙ୍କୁ କିଛି ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି । ଏହି ଆକ୍ରମଣରେ ରଜନୀକାନ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଏହାକୁ ନେଇ ହିଞ୍ଜିଳିକାଟୁ ଥାନାରେ ଏକ ମାମଲା ରୁଜୁ ହୋଇଛି ।

ଦୀର୍ଘ ଦିନ ହେବ ଉକ୍ତ ବାଲିଘାଟରୁ ବେଆଇନ ବାଲି ଚୋରା ଚାଲାଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିବାଦ ଲାଗି ରହିଥିଲା । କଂଗ୍ରେସ ନେତା ରଜନୀକାନ୍ତ ପାଢ଼ୀ ଏହି ବେଆଇନ କାର୍ଯ୍ୟ ବିରୋଧରେ ସ୍ୱର ଉଠାଇ ଆସୁଥିଲେ । ଏହାକୁ ବନ୍ଦ କରିବା ଦାବିରେ ସେ ନିକଟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ପ୍ରଶାସନ ପାଖରେ ଫେରାଦ ହେବାର ମାତ୍ର ୨୪ ଘଣ୍ଟା ନପୁରୁଣୁ ତାଙ୍କ ଉପରେ ଏହି ମାରାତ୍ମକ ଆକ୍ରମଣ ହୋଇଛି ।

ରଜନୀକାନ୍ତଙ୍କ ଅଭିଯୋଗ ଅନୁସାରେ, ବାଲି ମାଫିଆମାନେ ନିଜର କାରବାରରେ ବାଧା ଉପୁଜୁଥିବାରୁ ତାଙ୍କୁ ଟାର୍ଗେଟ କରି ଏପରି ଯୋଜନାବଦ୍ଧ ଆକ୍ରମଣ କରିଛନ୍ତି । ଆକ୍ରମଣ ପରେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ଏହି ଘଟଣାକୁ ନେଇ ସ୍ଥାନୀୟ କଂଗ୍ରେସ କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପୋଲିସ ରଜନୀକାନ୍ତଙ୍କ ଅଭିଯୋଗ ଆଧାରରେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି । ଗଞ୍ଜାମରେ ବେଆଇନ ବାଲି ମାଫିଆଙ୍କ ପ୍ରାଦୁର୍ଭାବ ବଢୁଥିବା ବେଳେ ଏହି ଘଟଣା ଜିଲ୍ଲାର ଆଇନ ଶୃଙ୍ଖଳା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଜରାଜୀର୍ଣ୍ଣ ଅବସ୍ଥାରେ ଶୀତଳ ଭଣ୍ଡାର

**କନ୍ଧମାଳ, ୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବ ସରକାରଙ୍କୁ କହିକହି ଦାବି କରିକରି ଥିଗିଗଲେ ସ୍ଥାନୀୟ ଚାଷୀ, ହେଲେ କିଛି ଲାଭ ମିଳିଲାନି । ସରକାର ବଦଳିବା ପରେ ଆଶା ରଖିଥିଲେ ଚାଷୀଙ୍କ ଭାଗ୍ୟ ବଦଳିବ ହେଲେ ଶାସନକୁ ଆସିବାର ୨୦ମାସ ବିତିଥିଲେ କିଛି ବଦଳିଲାନି । ଆଜି ବି କୋମାରେ ଘୁ.ଉଦୟଗିରି ଶୀତଳଭଣ୍ଡାର । ରାଜ୍ୟ ହେଉ କି କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ମାଳମାଳ ଯୋଜନା ପ୍ରସ୍ତୁତ କରିବା ସହ ଚାଷୀ ଏବଂ ଚାଷକୁ ପ୍ରୋତ୍ସାହନ ଦେବା ନିମନ୍ତେ ଅର୍ଥ ବ୍ୟୟ ବରାଦ କରିବା ସହ ସିଧାସଳଖ ଚାଷୀଙ୍କ ଖାତାକୁ ବିଭିନ୍ନ ଯୋଜନା ମାଧ୍ୟମରେ ଅର୍ଥ ପ୍ରଦାନ କରାଯାଉଛି । ହେଲେ ଚାଷୀ କେତେ ଉପକୃତ ହେଉଛନ୍ତି ସରକାର ତୃଣମୂଳ ସ୍ତରରେ କେବେ ବୁଲି ଦେଖି ନାହାନ୍ତି ଏଣୁ ଯେତେ ଯୋଜନା କଲେ ଯେତେ ଟଙ୍କା ଦେଲେ ବି ଚାଷୀର ଉନ୍ନତି ହେଉନି ବରଂ ଚାଷ ପ୍ରତି ଆଜିର ଯୁବ ପିଢ଼ି ବିମୁଖ ହୋଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି ।



ସ୍ଥାନୀୟ ଅଞ୍ଚଳର ଚାଷୀ ପରିଶ୍ରମ କରି ଫସଲ ଉତ୍ପାଦନ କରିବା ପରେ ବିକ୍ରି ନିମନ୍ତେ ବଜାର ଅଭାବ ସାଙ୍ଗକୁ ସଞ୍ଚିତ କରି ରଖିବା ନିମନ୍ତେ ଶୀତଳଭଣ୍ଡାର ଅଭାବ । ଶୀଳଭଣ୍ଡାର ଖତ ଖାଉଛି । ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ସହରରେ । ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାର ଘୁମୁସର ଉଦୟଗିରି ବହୁ ପୁରାତନ ସହର ଅଟେ । ସହରକୁ ପ୍ରବେଶ ପଥର ବାମ କଡ଼େ ଅର୍ଥାତ ଏନଏସି ର ୧ନଂ ୱାର୍ଡ ରେ ରହିଅଛି ଜରାଜୀର୍ଣ୍ଣ ଅବସ୍ଥାରେ ଶୀତଳଭଣ୍ଡାର କନ୍ଧମାଳ ଜିଲ୍ଲାର ବହୁ ପୁରାତନ ଓ ଏକମାତ୍ର ଶୀତଳ ଭଣ୍ଡାର । ଯାହାକି ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳୁଛି । ଶୀତଳଭଣ୍ଡାରକୁ ନେଇ ବାରମ୍ବାର ସ୍ଥାନୀୟ ଜନସାଧାରଣଙ୍କ ଦାବି ଏବଂ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ସତ୍ତ୍ୱେ କିଛି ସୁଫଳ ମିଳିଲା ନାହିଁ । ସ୍ଥାନୀୟ ଅଞ୍ଚଳର ଚାଷୀ ଓ ଜନସାଧାରଣଙ୍କ ସ୍ୱାର୍ଥ ନିମନ୍ତେ ତତ୍କାଳୀନ କୃଷି ଓ ସମବାୟ ବିଭାଗ ମନ୍ତ୍ରୀ ବାସୁଦେବ ମହାପାତ୍ରଙ୍କ ଦ୍ୱାରା ୨୩ ଏପ୍ରିଲ ୧୯୮୧ ମସିହାରେ ଏହି ଅତ୍ୟାଧୁନିକ ଶୀତଳଭଣ୍ଡାର ଉଦ୍‌ଘାଟନ ହୋଇଥିଲା । କିଛି ବର୍ଷ ଶୀତଳଭଣ୍ଡାର ଚାଲିଲା । ଚାଷୀ ବେଶ ଉପକୃତ ହେଲେ ଚାଷ ପ୍ରତି ଚାଷୀଙ୍କ ଆକୃଷ୍ଟ ବଢ଼ିଲା ଉତ୍ପାଦନ ବଢ଼ିଲାଛଚାଷୀ ଲାଭବାନ ହେଲେ । ପରବର୍ତ୍ତୀ କିଛି ବର୍ଷ ଭିତରେ ଶୀତଳଭଣ୍ଡାରରେ ଆରମ୍ଭ ହେଲା ଅବ୍ୟବସ୍ଥା ସହ ଅଚଳାବସ୍ଥା । ପରବର୍ତ୍ତୀ ପରିଚାଳନା ନିମନ୍ତେ ଟିକାବାଲି ମାଳ ବାଣିଜ୍ୟ ସମବାୟ ସମିତି ଲିଃକୁ ପରିଚାଳନାପାଇଁ ଦାୟିତ୍ୱ ଦିଆଯାଇଥିଲା । ପରିଚାଳନା ଗତ ତ୍ରୁଟି ଯୋଗୁଁ ଖୁବ କମ ଦିନ ମଧ୍ୟରେ ଉକ୍ତ ଶୀତଳଭଣ୍ଡାରରେ ତାଲା ପଡିଯାଇଥିବା ପୁରୁଖା ଚାଷୀମାନେ ପ୍ରକାଶ କରିଛନ୍ତି । ସମବାୟ ସମିତିର ଦାୟିତ୍ୱହୀନତା ଯୋଗୁଁ ଶୀତଳ ଭଣ୍ଡାରର ମୂଲ୍ୟବାନ ଯନ୍ତ୍ରାଂଶ ସବୁ ଲୁଟ ହୋଇ ଅନ୍ୟତ୍ର ବିକ୍ରୟ କରାଯାଇଥିବାର ଅଭିଯୋଗ ହେଉଛି । ଶୀତଳଭଣ୍ଡାର ଅଧୀନରେ ଥିବା ଜମିଜମା ଏବେ ଜବରଦଖଲ କାରୀଙ୍କ କବଜାରେ ଥିବା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ କିଛି ଜମି ଜବରଦଖଲ କରି ଶୌଚାଳୟ,କଲ୍ୟାଣ ମଣ୍ଡପ ଏବଂ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ହୋଇଥିବା ଦେଖିବାକୁ ମିଳୁଛି । ଦୀର୍ଘ ବର୍ଷ ବିତି ଯାଇଥିଲେ ସୁଦ୍ଧା ସମବାୟ ସମିତି ଲିଃ କର୍ତ୍ତୃପକ୍ଷ ତରଫରୁ କୌଣସି ପ୍ରକାର ଦାୟିତ୍ୱ ନିଆ ନ ଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ଏହି ଶୀତଳଭଣ୍ଡାର ଜିଲ୍ଲାରେ ଏକମାତ୍ର ହୋଇଥିବା ବେଳେ ସମଗ୍ର ଜିଲ୍ଲା ସମେତ ଘୁ.ଉଦୟଗିରି, ଟିକାବାଲି, ଚକାପାଦ, ରାଇକିଆ ଏବଂ ଦାରିଙ୍ଗବାଡିର ଚାଷୀ ବିଗତ ଦିନରେ ନିର୍ଭର କରି ଆସୁଥିଲେ । ଅଞ୍ଚଳର ଚାଷୀଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ୧୨ହଜାର ମେଟ୍ରିକଟନ କ୍ଷମତା ବିଶିଷ୍ଟ ଏହି ଶୀତଳ ଭଣ୍ଡାରକୁ ପୁଣି ଥରେ କାର୍ଯ୍ୟକ୍ଷମ କରାଗଲେ ସମଗ୍ର ଚାଷୀ ଭାଇଙ୍କ ବହୁ ମୂଲ୍ୟବାନ ଉତ୍ପାଦିତ ଫସଲ ନଷ୍ଟ ନ ହୋଇ ସୁରକ୍ଷିତ ହୋଇ ରହି ପାରିଥାନ୍ତା ବୋଲି ସାଧାରଣରେ ଦାବି ଜୋର ହେଉଛି । ସ୍ଥାନୀୟ ଅଞ୍ଚଳରେ ଆଳୁ ମିଶନ ଠିକ ଭାବେ କାର୍ଯ୍ୟ କରୁ ଥିଲେ ମଧ୍ୟ ଏକ ଶୀତଳଭଣ୍ଡାର ଅଭାବରୁ କମ ଦରରେ ବିକ୍ରୟ କରି କ୍ଷତି ସହୁଛନ୍ତି ଏହି ଅଞ୍ଚଳର ଚାଷୀମାନେ । ସ୍ଥାନୀୟ ଅଞ୍ଚଳରେ ପ୍ରଚୁର ପରିମାଣର ଆଳୁ, ବିନସ, ଟମାଟୋ, ବନ୍ଧା କୋବି, ଦେଶୀ ଆଳୁ, ଆମ୍ବ ଅଦା, କଖାରୁ ଆଦାୟ ହେଉଥିଲେ ମଧ୍ୟ ଶୀତଳଭଣ୍ଡାର ଅଭାବରୁ ଚାଷୀ ସେଇ ସାମଗ୍ରୀ ଗୁଡିକୁ ନଷ୍ଟ ହେବା ଭୟରେ କମ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି । ବର୍ତ୍ତମାନ ରାଜ୍ୟ ସରକାର ଏହି ଜରାଜୀର୍ଣ୍ଣ ଅବସ୍ଥାରେ ପଡିଥିବା ଶୀତଳଭଣ୍ଡାରର ପୁନରୁଦ୍ଧାର କରିବାକୁ ସ୍ଥାନୀୟ ଅଞ୍ଚଳର ଚାଷୀ ସଂଗଠନ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବି କରିଛନ୍ତି ।

କେବଳ ଯେ ସ୍କୁଲ୍‌ରେ କିଛି ସମୟ ପାଇଁ ଓଡ଼ିଆ ଖବରକାଗଜ ପଢ଼ିଲେ ଭାଷାପ୍ରୀତି ଏବଂ ଭାଷା ପ୍ରତି ଆଗ୍ରହ ପଢ଼ିବ ପିଲାଙ୍କ ମନରେ, ଏ ଆଶା କରିବା ଭୁଲ୍ ହେବ । ବାପା-ମା' ମଧ୍ୟ ଓଡ଼ିଆ ଭାଷାକୁ ଭଲପାଇବାର ଅଭ୍ୟାସ କରିବା ଉଚିତ୍ । ସବୁବେଳେ ମୋବାଇଲ୍ ଭିତରେ ବୁଡ଼ି ରହିଲେ ଏହାର ପ୍ରଭାବ ପିଲାଙ୍କ ଉପରେ ନିଶ୍ଚେ ପଡ଼ିବ । ସର୍ବପ୍ରଥମେ ବାପା ମା' ଘରକୁ ଓଡ଼ିଆ ସମ୍ବାଦପତ୍ରଟିଏ ଆଣନ୍ତୁ । ପ୍ରତିଦିନ ସକାଳୁ ସକାଳୁ ଓଡ଼ିଆ ଖବରକାଗଜଟିଏ ଘରକୁ ଆସିଲେ ଏବଂ ପଢ଼ିବାକୁ ଆରମ୍ଭ କଲେ ଏହା ଦିନେ ନିଶାରେ ପରିଣତ ହେବ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୮ ଜାନୁଆରୀ, ୨୦୨୬ | ଗୁରୁବାର

ଓଡ଼ିଶା ଏକ୍ସପ୍ରେସ୍


## ପ୍ରତିଟି ଘରକୁ ଓଡ଼ିଆ ଖବରକାଗଜଟିଏ ଆସୁ

ଏମିତି ଅନେକ ଘର ଅଛି ସେମାନଙ୍କ ଘରକୁ ଖବରକାଗଜ ଆସେନି, ସେମାନେ ଖବରକାଗଜ ରଖନ୍ତିନି । ଖବରକାଗଜଟିଏ ନିୟମିତ କିଣିବାର କ୍ଷମତା ଯେ ସେମାନଙ୍କର ନାହିଁ ଏକଥା ନୁହେଁ, ସେମାନଙ୍କ କୈଫିୟତ ହେଲା- କିଏ ପଢୁଛି ଖବରକାଗଜ? ପଢ଼ିବାକୁ ସମୟ କାଇଁ? ତା'ଛଡ଼ା ଆମ ପିଲାଏ ତ ସବୁ ଇଂରାଜୀ ମାଧ୍ୟମ ସ୍କୁଲ୍‌ରେ ପଢ଼ିଲେ, ଓଡ଼ିଆ କ'ଣ ସେମାନେ ପଢ଼ିପାରିବେ? ଏବେ ତ ସବୁ ଖବର ମୋବାଇଲ୍‌ରେ ବି ମିଳିଯାଉଛି । ତେଣୁ ଖବରକାଗଜ ମଗାଇବା ବନ୍ଦ କରିଦେଇଛୁ ।

ଆମେ ଓଡ଼ିଆ। ଆମ ଭାଷା ହିଁ ଆମର ପରିଚୟ । ଆମ ରାଜ୍ୟ ଭାଷାଭିତ୍ତିକ ରାଜ୍ୟ, ଅଥଚ ଆମ ଘରକୁ ଓଡ଼ିଆ ଖବରକାଗଜଟିଏ ଆସେନି, ଏଇଟା ହିଁ ଆମ ଦୁର୍ଭାଗ୍ୟ ।

ଖବରକାଗଜ ସହିତ ତ ଭାଷା ଆସେ ଘରକୁ । ଯଦି ବାପା-ମା' ଓଡ଼ିଆ ପଢୁଥାନ୍ତେ ତା'ହେଲେ ପିଲାଙ୍କ ଉପରେ ଏହାର ପ୍ରଭାବ ନିଶ୍ଚେ ପଡ଼ନ୍ତା । ପିଲାଏ ଇଂରାଜୀ ମାଧ୍ୟମ ସ୍କୁଲ୍‌ରେ ପଢ଼ନ୍ତୁ ମନା ନାହିଁ, କିନ୍ତୁ ସେମାନଙ୍କୁ ଓଡ଼ିଆ ପଢ଼ିବାକୁ ବାପା-ମା' ଅନୁପ୍ରାଣୀତ କରିବା ଦରକାର । ଏକାଧିକ ଭାଷା ଶିଖିବା ଏବଂ ସେସବୁ ଭାଷାକୁ ଆୟତ୍ତ କରିବା ଖୁବ୍ ଭଲ, ଏହା ଏକ ପାରଦର୍ଶିତା, କିନ୍ତୁ ନିଜ ଭାଷାକୁ ଅଣଦେଖା କରି, ଭଲ ନପାଇ ଅନ୍ୟ ଭାଷାକୁ ଭଲପାଇ ଆଦରି ନେବା ଅଭ୍ୟାସ କେବେବି ଗ୍ରହଣୀୟ ନୁହେଁ ।

ମାତୃଭାଷା ଶିଖିବାକୁ ପଡ଼େନି । ଏହା ବାପା ମା'ଙ୍କଠାରୁ ଗୁଣସୂତ୍ରରେ ଆସିଥାଏ । ବାପା-ମା' ଯଦି ଓଡ଼ିଆ ସମ୍ବାଦପତ୍ର ନପଢ଼ି ଇଂରାଜୀ ସମ୍ବାଦପତ୍ର କେବଳ ପଢ଼ିବେ ଏବଂ ଘରକୁ ଓଡ଼ିଆ ସମ୍ବାଦପତ୍ର ନ ଆଣିବେ ତା'ହେଲେ ଭାଷା ପ୍ରତି ଆମର ଏକ କର୍ତ୍ତବ୍ୟ ରହିଛି ବୋଲି ଆମେ କେମିତି କହିପାରିବା? ନିଜକୁ ଓଡ଼ିଆ ବୋଲି କେମିତି ପରିଚୟ ଦେଇପାରିବା, ଯଦି ଦି'ଅକ୍ଷର ଭଲ ଭାବରେ ଓଡ଼ିଆ ଲେଖିନପାରିବା କି ଦି'ପଦ ଶୁଦ୍ଧ ଓଡ଼ିଆ ଆମ ତୁଣ୍ଡରୁ ନ ବାହାରିବ?

ଉତ୍ତର ପ୍ରଦେଶ ପରେ ଆମ ରାଜ୍ୟର ସରକାରୀ ସ୍କୁଲ୍‌ଗୁଡ଼ିକରେ ସମ୍ବାଦପତ୍ର ପଠନକୁ ପାଠ୍ୟକ୍ରମରେ ଯୋଡ଼ା ଯାଇଛି । ଏଥିପାଇଁ କୌଣସି ମୂଲ୍ୟାୟନ ଏବଂ ନମ୍ବର ବ୍ୟବସ୍ଥା ଅଛି କି ନାହିଁ ଜଣାଯାଇନି, ହେଲେ ଭଲ ।

ପ୍ରତିଟି ବାପା-ମା' ଏବେ ଚାହୁଁଛନ୍ତି ସେମାନଙ୍କ ପିଲାଟି ଶ୍ରେଣୀରେ ପ୍ରଥମ ହେଉ, ସବୁଠୁ ଅଧିକ ନମ୍ବର ରଖୁ । ଏଥିପାଇଁ ଏକାଧିକ ଟ୍ୟୁସନ ପଢ଼ାଇବାକୁ ବାପା-ମା' କୁଣ୍ଠା କରୁନାହାନ୍ତି । ତେଣୁ ସମ୍ବାଦପତ୍ର ଏବଂ ସମ୍ବାଦପତ୍ରରେ ପ୍ରକାଶିତ ଜ୍ଞାନ ଉପରେ ଯଦି ପରୀକ୍ଷା କରାଯାଇ ନମ୍ବର ଦେବାର ନିୟମ କରାଯାଆନ୍ତା ତା'ହେଲେ ବାପା-ମା' ଘରକୁ ଓଡ଼ିଆ ସମ୍ବାଦପତ୍ର ଆଣିବାକୁ ବାଧ୍ୟ ହୁଅନ୍ତେ । ନିୟମିତ ଖବରକାଗଜ ଆଣନ୍ତେ ଘରକୁ । ପିଲାଙ୍କୁ ଓଡ଼ିଆ ଖବରକାଗଜ ପଢ଼ିବାକୁ ତାଗିଦ କରନ୍ତେ ।

ଶିକ୍ଷା ବିଭାଗ ଆଉ ଏକ ନିୟମ ମଧ୍ୟ କରିବା ଦରକାର । ଆମ ରାଜ୍ୟରେ ଗଢ଼ିଉଠୁଥିବା ଇଂରାଜୀ ମାଧ୍ୟମ ସ୍କୁଲ୍‌ରେ ଆମ ରାଜ୍ୟର ଭାଷାକୁ ଏକ ବାଧ୍ୟତାମୂଳକ ଭାଷା ଭାବରେ ରଖିବାର ନିୟମ କରାଯାଉ ଦଶମ ଶ୍ରେଣୀ ଯାଏଁ । ଅନ୍ୟ ଭାଷାଭାଷୀ ପିଲାଙ୍କୁ ଏଥିରୁ ବାଦ୍ ଦିଆଯାଉ ମନା ନାହିଁ, କିନ୍ତୁ ଆମ ଓଡ଼ିଆ ପିଲାଏ ଇଂରାଜୀ ମାଧ୍ୟମ ସ୍କୁଲ୍‌ରେ ମଧ୍ୟ ଓଡ଼ିଆ ଭାଷାକୁ ଗୋଟିଏ ବାଧ୍ୟତାମୂଳକ ବିଷୟରେ ପଢ଼ନ୍ତୁ ।

ଆଉ ଏକ ଆଶା ଉଦ୍ରେକକାରୀ ଭଲ ଖବର ହେଲା- ଛାତ୍ରଛାତ୍ରୀଙ୍କ ମଧ୍ୟରେ ପଢ଼ିବା ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟଗୁଡ଼ିକରେ 'ପଢ଼ିବା, ଗଢ଼ିବା ଓଡ଼ିଶା' କାର୍ଯ୍ୟକାରୀ ହେଉଛି । ମଙ୍ଗଳବାରଠାରୁ ରାଜ୍ୟର ୭୬୨ଟି ପିଏମ୍‌ଶ୍ରୀ ବିଦ୍ୟାଳୟରେ ଏହି ଅଭିଯାନ ଆରମ୍ଭ କରିବାକୁ କୁହାଯାଇଛି । ଜାନୁଆରୀ ୬ରୁ ୧୦ ମଧ୍ୟରୁ ବିଦ୍ୟାଳୟ ସ୍ତରରେ ମୌଖିକ ଭାଷା ବିକାଶ, ବିସ୍ତୃତ ପଠନ ଓ ଲିଖନ ଭଳି କାର୍ଯ୍ୟକ୍ରମ କରାଯିବ । ପରବର୍ତ୍ତୀ ସମୟରେ ଜିଲ୍ଲାସ୍ତରରେ ଏଇଭଳି କାର୍ଯ୍ୟକ୍ରମ ହେବା ପରେ ଜାନୁଆରୀରେ ରାଜ୍ୟସ୍ତରୀୟ ରିଡିଂ ଏକ୍ସିଲେନ୍ସ ମେଳା ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ୫ଦିନିଆ କାର୍ଯ୍ୟକ୍ରମ ମଧ୍ୟରୁ ୪ଦିନ ଶ୍ରେଣୀଗୃହ କାର୍ଯ୍ୟକଳାପ ହେବାକୁ ଥିବାବେଳେ ଗୋଟିଏ ଦିନ ପ୍ରଦର୍ଶନୀ ଅନୁଷ୍ଠିତ ହେବ ।

କେବଳ ଯେ ସ୍କୁଲ୍‌ରେ କିଛି ସମୟ ପାଇଁ ଓଡ଼ିଆ ଖବରକାଗଜ ପଢ଼ିଲେ ଭାଷାପ୍ରୀତି ଏବଂ ଭାଷା ପ୍ରତି ଆଗ୍ରହ ପଢ଼ିବ ପିଲାଙ୍କ ମନରେ, ଏ ଆଶା କରିବା ଭୁଲ୍ ହେବ । ବାପା-ମା' ମଧ୍ୟ ଓଡ଼ିଆ ଭାଷାକୁ ଭଲପାଇବାର ଅଭ୍ୟାସ କରିବା ଉଚିତ୍ । ସବୁବେଳେ ମୋବାଇଲ୍ ଭିତରେ ବୁଡ଼ି ରହିଲେ ଏହାର ପ୍ରଭାବ ପିଲାଙ୍କ ଉପରେ ନିଶ୍ଚେ ପଡ଼ିବ । ସର୍ବପ୍ରଥମେ ବାପା ମା' ଘରକୁ ଓଡ଼ିଆ ସମ୍ବାଦପତ୍ରଟିଏ ଆଣନ୍ତୁ । ପ୍ରତିଦିନ ସକାଳୁ ସକାଳୁ ଓଡ଼ିଆ ଖବରକାଗଜଟିଏ ଘରକୁ ଆସିଲେ ଏବଂ ପଢ଼ିବାକୁ ଆରମ୍ଭ କଲେ ଏହା ଦିନେ ନିଶାରେ ପରିଣତ ହେବ ।

# ଗୁଜବରଟନାକାରୀଙ୍କୁ ମଦତ୍ ଦେଉଥିବା ମଣିଷମାନେ

**ସତ କହିବାକୁ କିଆଁ ଡରିବି**

**ଅମ୍ବିକା ପ୍ରସାଦ ଦାସ**

> **ସଂପୃକ୍ତ ପଦାଧିକାରୀ କିଛି ସମୟ ପରେ ତାଙ୍କୁ ଜଣାଇଲେ- ଆଜ୍ଞା, ଆମର ତ ଦରମା ଦେବାକୁ ଟଙ୍କା ନଥିଲା, କମ୍ପ୍ୟୁଟର କିଣିବାକୁ କିଏ କେତେବେଳେ ଅର୍ଡର ଦେଲା? ଯେଉଁଠି ଟଙ୍କାଟିକର କମ୍ପ୍ୟୁଟର କିଣା ହୋଇନି ସେଠି କୋଟି କୋଟି ଟଙ୍କା ଲୁଟ୍ ହେଲା କେମିତି? ଏଥର ବାବୁ କଡ଼ା ଚିଠି ଲେଖିଲେ ସଂପୃକ୍ତ ଖବରକାଗଜ କର୍ତ୍ତୃପକ୍ଷଙ୍କୁ । ଯଦି ମୋ' ସ୍ପଷ୍ଟୀକରଣ ନ ଛାପିବେ ତା'ହେଲେ ମୁଁ ଆପଣଙ୍କ ଦପ୍ତର ସାମ୍ନାରେ ଅନଶନ କରିବି । ଦୁଇ ତିନିଦିନ ମଧ୍ୟରେ ନେତାଙ୍କ ସ୍ପଷ୍ଟୀକରଣ ସେଇ ଖବରକାଗଜର ପୃଷ୍ଠାମଣ୍ଡନ କଲା । ଗୁଜବରଟନାକାରୀଙ୍କ ସବୁ ଚାଲ୍ ଫେଲ୍ ମାରିଲା ସେତେବେଳେ ।**

ସେ ଦିନ ଜଣେ ପ୍ରିୟଜନ କଥାପ୍ରସଙ୍ଗରେ ପଚାରିଲେ- ସତ୍ୟର ସାହାରା ନନେଇ କିଛି ଲୋକ ଗୁଜବର ସାହାରା ନିଅନ୍ତି କାହିଁକି? ମନଗଢ଼ା କାହାଣୀ ରଚି ଏଇଧରଣର ଲୋକେ ଅନ୍ୟକୁ ଅପବାଦ ଦେଇ କି ସୁଖ ପାଆନ୍ତି?

ମୁଁ କହିଲି- ଯେତେବେଳେ ସାମ୍ନାରେ ଥିବା ମଣିଷର ସଫଳତାକୁ କେହି ହଜମ କରିନପାରେ ସେତେବେଳେ ସେ ଏଇ ରାସ୍ତା ଆପଣେଇଥାଏ । ମିଥ୍ୟାର ସାହାରା ନେଇ ମନଗଢ଼ା କାହାଣୀ ରଚିବା ଓ ସେଇ ଆଧାରରେ ଗୁଜବ ପ୍ରସାର କରି ଖୁସିରେ କୁରୁଳି ଉଠେ ସେ ।

ପ୍ରିୟଜନ ପଚାରିଲେ- ଏମାନେ କେଉଁ ଶ୍ରେଣୀର?

ମୁଁ କହିଲି- ଏମାନେ ସାଧାରଣତଃ ଅସହିଷ୍ଣୁ ଶ୍ରେଣୀର । ନିଜ ହାତପା'ନ୍ତାରେ ଯେତେବେଳେ ସଫଳତା ନପା'ନ୍ତି ସେତେବେଳେ ପଛରେ ପଡ଼ିଯା'ନ୍ତି ସଫଳ ମଣିଷର । କେବଳ ଏମାନେ ଯେ ଅସହିଷ୍ଣୁ ଶ୍ରେଣୀର ତା' ନୁହେଁ ବରଂ ଏମାନଙ୍କୁ ନୀରବରେ ମଦତ୍ ଦେଉଥିବା ଓ ସତ୍ୟ ଜାଣିବି ଗୁଜବକୁ ଅଧିକ ପ୍ରସାରିତ କରୁଥିବା ଲୋକେ ବେଶି ମାରାତ୍ମକ ।

ଏଇ କ୍ରମରେ ମନେପଡ଼େ ୨୩-୨୪ ବର୍ଷ ତଳର ଏକ ଘଟଣା । ସେତେବେଳେ ଏକ ପ୍ରତିଷ୍ଠିତ ଖବରକାଗଜରେ ମୁଁ ଥାଏ ବ୍ୟୁରୋଚିଫ୍ ଓ ଉମାପଦ ଭାଇ ଥା'ନ୍ତି ବାର୍ତ୍ତା ସମ୍ପାଦକ । ସେଇ ଖବରକାଗଜର ସେତେବେଳେ ବେଶ୍ କାଟ୍ତି ଥିଲା । ଦମ୍‌ଦାର ଖବର ସାଙ୍ଗକୁ ରାଜନୈତିକ ବିଶ୍ଳେଷଣ ଓ ନିଆରା ଢଙ୍ଗରେ ପ୍ରସ୍ତୁତ ନେତା, ପ୍ରଶାସକଙ୍କ ସାକ୍ଷାତକାରକୁ ନେଇ ଖବରକାଗଜ ଲଗାତାର ଚର୍ଚ୍ଚାରେ ଥିଲା । ଏ କ୍ଷେତ୍ରରେ ଆମ ଭୂମିକା ସ୍ୱାଭାବିକ ଭାବେ ଅନେକଙ୍କର ଦୃଷ୍ଟି ଆକର୍ଷଣ କରୁଥିଲା । କିନ୍ତୁ ଏଇ ସଫଳତା ହଜମ ହୋଇପାରୁନଥିଲା କେତେଜଣଙ୍କର । ଆମେ ତ ମନ୍ତ୍ରୀ, ଯନ୍ତ୍ରୀଙ୍କ ପାଖେ ଲସରପସର ହେଉନୁ କି କ୍ଷମତାଧରଙ୍କ ପାଖରୁ ଅନୁଚିତ୍ ଅନୁଗ୍ରହ ଲାଗି କୃପାପ୍ରାର୍ଥୀ ହେଉନୁ ତେଣୁ କେଉଁବାଟେ ବଦନାମ କରିବେ ଏମାନେ? ସେଥିଲାଗି ମଦପିଆ ଆସର ନାଁରେ ରଙ୍ଗିନ ଗୁଜବ ପ୍ରସାର କଲେ ଏଇ ଅସହିଷ୍ଣୁ ।

ଦିନକର ଘଟଣା, ସଂସ୍ଥାର ଏକ କାର୍ଯ୍ୟରେ ଉମାପଦ ଭାଇ ଅଫିସ୍ ଅଧିକାରୀଙ୍କ ସହ ଯାଇଥା'ନ୍ତି ଢେଙ୍କାନାଳ । କାମ ସାରି ଭୋଜନ ପର୍ବରେ ସାମିଲ ହେଲେ ସମସ୍ତେ । ଜଣେ ଅଧିକାରୀ ଉମାପଦ ଭାଇଙ୍କ ସାମ୍ନାରେ ଗ୍ଲାସ୍ ରଖି ଢାଳିଲେ ମଦ । ଅତର୍କିତ ଭାବେ ଏ କାରବାର ଦେଖି ସେ ଏକଦମ୍ କାବା! ଚିହିଁକି ଉଠିଲେ ସେ । ଏସବୁ କ'ଣ? ମୁଁ ଯାର ଧାର୍ ଧାରେନି । ଯିଏ ଭକ୍ତ ତାଙ୍କ ପାଖେ ଲଗାଅ, ମୋ' ପାଖରେ ଏହାର ଆଦୌ ଆବଶ୍ୟକତା ନାହିଁ । ଦେଖିକି ବାନ୍ତି ଉଠାଉଛି ।

ଅଧିକାରୀ ଜଣକ ବିସ୍ମୟଭରା ନୟନରେ ଘଡିଏ ଚାହିଁଲେ ତାଙ୍କୁ । କହିଲେ- କ'ଣ ମ, ଆପଣ ପରା ସବୁଦିନ ରାତିରେ ଅମ୍ବିକା ବାବୁଙ୍କ ସହ ଆପଣଙ୍କ ଛାତ ଉପରେ ମଦ ପିଉଛନ୍ତି, ଏଠି କ'ଣ ମନା କରୁଛନ୍ତି?

ଉମାପଦ ଭାଇ ପଚାରିଲେ- ଆପଣଙ୍କୁ ଏକଥା କିଏ କହିଲା?

ଅଧିକାରୀଜଣକ ସଫେଇଦେଲେ- ଆମ ଅଫିସ୍‌ରେ ବେଶ୍ କେତେଜଣ ଏଥିନେଇ ଟୁପୁରଟାପୁର୍ ହୁଅନ୍ତି । ଆପଣଙ୍କ ସମ୍ପାଦନା ବିଭାଗରୁ ଯିଏ ବି ଯେଉଁ କାରଣରୁ ଏକଥା ଆରମ୍ଭ କରିଥାନ୍ତୁ ନା କାହିଁକି ତାହା ଅନ୍ୟମାନଙ୍କ ପାଇଁ ବିଶ୍ୱାସଯୋଗ୍ୟ ହେବନି କେମିତି?

ଏବେ ଉମାପଦ ଭାଇ ବୁଝିଲେ ଅସହିଷ୍ଣୁଙ୍କ ଚାଲ୍‌କୁ । ଯଦି କେହି କୌଣସି ସଫଳ ପୁରୁଷକୁ ଅନ୍ୟ କେଉଁବାଟେ କ୍ଷତି ପହଞ୍ଚାଇ ନପାରେ ତେବେ ତା' ପାଇଁ ସହଜ ରାସ୍ତା ହେଲା ଚରିତ୍ର ସଂହାର...

କହିଲେ- ହଇଓ ବାବୁ, ମୁଁ ତ ହେଲେ ଚା' ପିଏ, ହେଲେ ସେ ଅଭ୍ୟାସ ବି ଅମ୍ବିକାର ନାହିଁ । ମଦ ତା' ଲାଗି କାହିଁ କେତେ ଦୂରରେ । ସେ ଅଫିସ୍‌କୁ ଆସିଲା ବେଳେ ଆମ ଘର ଦେଇ ଯାଏ, ଆମେ ପରଦିନ କାଗଜ ପାଇଁ କି ଧରଣର ଖବର ଓ ସ୍ୱତନ୍ତ୍ର ପ୍ରସ୍ତୁତି କଲେ କାଗଜ ଚର୍ଚ୍ଚାରେ ରହିବ ସେଥିନେଇ ଆଲୋଚନା କରୁ । ଯାହା ସାମଗ୍ରିକ ଭାବେ ସଂସ୍ଥା ସହ ସଂପୃକ୍ତ ସମସ୍ତଙ୍କ ମଙ୍ଗଳ ପାଇଁ । ହେଲେ ମଦପିଆ ନାଁରେ ତାହା ମିଛ ପ୍ରଚାର କରିବାରେ କାହାର କି ଲାଭ ହେଲା?

ଅଧିକାରୀଜଣକ ମୁଣ୍ଡରେ ହାତ ଦେଲେ । ଦୀର୍ଘଶ୍ୱାସ ନେଇ କହିଲେ- ଏମାନଙ୍କୁ ପାରି ହେବନି । ସଜ ମାଛରେ ପୋକ ପକାଇ ଦେବେ । ଛାଡ଼ନ୍ତୁ, ଖାଇବା ଆରମ୍ଭ କରିବା ।

ନବେଦଶକର ଶେଷଭାଗର ଆଉ ଏକ ଘଟଣା । ସାଧାରଣରେ ଜଣେ ନୀତିବାନ ନେତାର ପତିଆରା ଜାହିର୍ କରୁଥିବା ଜଣେ ବ୍ୟକ୍ତି ହୋଇଥାନ୍ତି କ୍ଷମତାସୀନ । କ୍ଷମତା କାଳରେ ତାଙ୍କର ଆତ୍ମୀୟସ୍ୱଜନ ଯଦିଓ ଅନେକଟା ଫାଇଦା ନେଇଥାନ୍ତି ତେବେ ଶୁଭଚିନ୍ତକ ଭାବେ କେତେଜଣ ସମର୍ପିତ ମଣିଷ ଥା'ନ୍ତି ଯେଉଁମାନେ ବିନା କୌଣସି ସ୍ୱାର୍ଥ ଲାଳସାରେ ତାଙ୍କୁ ରୀତିମତ ସୁରକ୍ଷା ଦେଇଚାଲିଥିଲେ ତାଙ୍କ ବ୍ୟକ୍ତିତ୍ୱକୁ ଦେଖି । ଏପରିକି ତାଙ୍କ ଆପଦବିପଦକୁ ନିଜର ମନେକରି ସାମ୍ନାକୁ ଆସି ଲଢ଼ିବା କାରଣରୁ ଅନେକଙ୍କ ଟାର୍ଗେଟକୁ ଆସିଥିଲେ ସେମାନେ । ପ୍ରତିବଦଳରେ ସମ୍ମାନ ତ ମିଳିଲାନି ବରଂ ମନଗଢ଼ା କଥା ଜରିଆରେ ଜଣେ ନିଃସ୍ୱାର୍ଥପର ଶୁଭ ଚିନ୍ତକଙ୍କୁ ମାନସିକ ସ୍ତରରେ ଆଘାତ ଦେବା ପାଇଁ ତାଙ୍କ ଆତ୍ମୀୟସ୍ୱଜନମାନେ ସବୁପ୍ରକାର ଉଦ୍ୟମ କଲେ । ଏହା ସମ୍ଭବ ହେଉଥିଲା ଏଇଥିଲାଗି ଯେ ନେତାଜଣକ ସବୁ ଜାଣି ବି ମନଗଢ଼ା କାହାଣୀ ଶୁଣି ତାକୁ ଉପଭୋଗ କରୁଥିଲେ ।

୨୫ବର୍ଷ ତଳେ ନେତାଙ୍କ ଦଳ କ୍ଷମତାରୁ ଗଲା । ସେ ନିଜେ ବି ଭୋଟ୍‌ରେ ହାରିଗଲେ । ଏବେ ପାଖରେ ଆଉ ବିଶେଷ କାମଧନ୍ଦା ନାହିଁ । ଗୁଜବ ରଟନାକାରୀମାନେ ପାଖେପାଖେ ଛାଇ ଭଳି ଲାଗିରହିଲେ । ସେମାନେ ଯାଙ୍କ ପାଖରେ ମନଗଢ଼ା କାହାଣୀର ପସରା ମେଲାଇଲେ । ଏପରିକି ସେଇ ନିଃସ୍ୱାର୍ଥପର ନିର୍ଭେଜାଲ ମଣିଷ (ଯିଏ କି ନେତାଜଣକ କ୍ଷମତାରେ ଥିବାବେଳେ ତାଙ୍କ ସୁରକ୍ଷାଦାତା ସାଜିଥିଲେ) ତାଙ୍କୁ ମଧ୍ୟ ଗୁଜବରଟନାକାରୀ ଛାଡ଼ିଲେନି । କହିବୁଲିଲେ- କାଳେ କ୍ଷମତା କାଳରେ ସେ ନେତାଙ୍କ ଦ୍ୱାରା ଅନୁଗୃହୀତ ହୋଇଥିଲେ... କ୍ଷମତାଧର ନେତାଙ୍କ ଅଧୀନସ୍ଥ ସଂସ୍ଥାକୁ କମ୍ପ୍ୟୁଟର ଯୋଗାଇ ମୁନାଫା ଉଠାଇଥିଲେ ଇତ୍ୟାଦି ଇତ୍ୟାଦି । ତେବେ ନେତାଜଣକ ଏମାନଙ୍କ ଏଇ ଗୁଜବକୁ ପ୍ରତିରୋଧ କରିବା ବଦଳରେ ନୀରବ ରହି ଉପଭୋଗ କରୁଥିଲେ । ଫଳରେ ମିଥ୍ୟା କାହାଣୀର ନାୟକମାନଙ୍କର ସାହସ ବଢ଼ିବଢ଼ି ଚାଲିଲା । ଏମିତିରେ ତିନି ଚାରିବର୍ଷ ଗଲା । ହଠାତ୍ ଦିନେ ଏଇ ମନଗଢ଼ା କାହାଣୀ ଆଧାରରେ ଏକ ପ୍ରତିଷ୍ଠିତ ଖବରକାଗଜରେ ପ୍ରକାଶ ପାଇଲା ମୁଖରୋଚକ ଖବର । ସଂପୃକ୍ତ ନେତା ମନ୍ତ୍ରୀ ଥିଲାବେଳେ କାଳେ ତାଙ୍କ ସହ ଘନିଷ୍ଠ ସେତେବେଳର ସେଇ ନିଃସ୍ୱାର୍ଥପର ସୁରକ୍ଷାଦାତା (ଯିଏ କି କୌଣସି ପ୍ରତ୍ୟାଶା ନରଖି ତାଙ୍କୁ ବରାବର କେବଳ ଯେ ସୁରକ୍ଷା ଦେଇଥିଲା ତା'ନୁହେଁ ବରଂ ତାଙ୍କ ଲାଗି ଲଢ଼ିବାକୁ ଯାଇ ଅନେକଙ୍କର ରୋଷର ସାମ୍ନା କରିଥିଲା)ଙ୍କୁ କୋଟି କୋଟି ଟଙ୍କାର କମ୍ପ୍ୟୁଟର ଯୋଗାଣ ପାଇଁ ଠିକା କରାଇ ଦେଇଥିଲେ... ବିଭିନ୍ନ ଦପ୍ତରରେ ବ୍ୟବସାୟ କରାଇ ଦେଇଥିଲେ ଇତ୍ୟାଦି ଇତ୍ୟାଦି । ସୁରକ୍ଷାଦାତା ଯୁବକଜଣଙ୍କର ସରଳ ଓ ନିଷ୍କପଟ ସ୍ୱଭାବର ଭରପୂର ଫାଇଦା ନେଲେ ଏଇ ଗୋଷ୍ଠୀ ।

କିନ୍ତୁ ପ୍ରତିଷ୍ଠିତ ଖବରକାଗଜରେ ସେଇ ଖବର ପ୍ରକାଶ ପାଇଲା ପରେ ଭୀଷଣ ଆଘାତ ପାଇଲେ ସେ । ସିଧା ପଚାରିଲେ ସେଇ ନେତାଙ୍କୁ । ଆପଣଙ୍କୁ ନିଃସ୍ୱାର୍ଥପର ଭାବେ ଭଲପାଇବା ଓ ଅକୁଣ୍ଠ ସମର୍ଥନ ଦେଇ ବିପଦକାଳରେ ସୁରକ୍ଷା ଦେବାର ମୂଲ୍ୟ କ'ଣ ଏଇୟା? ଆପଣଙ୍କ ମନ୍ତ୍ରୀତ୍ୱ କାଳରେ ନିଜର ବା ନିଜ ପ୍ରିୟଜନଙ୍କର କାଣିଚାଏ ସ୍ୱାର୍ଥ ହାସଲ ଲାଗି ଆପଣଙ୍କର କେବେ କୃପାଭିକ୍ଷା କରିଥିଲି କି? ଆପଣଙ୍କ ସହ ନେସି ହୋଇ ରହିଥିବା ଲୋକେ ଯେତେବେଳେ ତାହା ମିଛ କହି ଅପବାଦ ଦେଉଥିଲେ ଆପଣ ଥରୁଟେ ବି ସତ କହିଲେନି... ଯେତେବେଳେ ଆପଣ ନିଜେ ଅପବାଦକୁ ନେଇ ବ୍ୟସ୍ତ ହେଉଥିଲେ ଆମେ ଆପଣଙ୍କୁ ସୁରକ୍ଷା ଦେଉଥିଲୁ, ଥରୁଟିଏ ମନେପକାଇଲେନି ସେ ଉପକାରର କଥା? ଯଦି ଆପଣ ଠିକ୍ ମଣିଷ ହୋଇଥିବେ ତେବେ ଅନ୍ତତଃ ନିଜ ସମ୍ମାନ ରକ୍ଷା ପାଇଁ ଯେଉଁ ଖବରକାଗଜରେ ଆମକୁ ଲକ୍ଷ୍ୟ କରି ମନଗଢ଼ା ଖବର ବାହାରିଛି ତା'ର ଲିଖିତ ସ୍ପଷ୍ଟୀକରଣ ଆପଣ ସେଇଠି ରଖିବେ, ନହେଲେ ବୁଝାପଡ଼ିବ ଯେ ଆପଣ ନିଜେ ଏଇ ଗୁଜବରଟନାକାରୀଙ୍କ ସହ ପ୍ରକାରାନ୍ତରେ ସାମିଲ୍ ଅଛନ୍ତି ।

ଏଇ କେଇପଦ ରୋକ୍‌ଠୋକ୍ କଥା ଶୁଣି ନେତା ଭୀଷଣ ଚିନ୍ତିତ ହୋଇପଡ଼ିଲେ । ତୁରନ୍ତ ଫୋନ୍ ଲଗାଇଲେ ତାଙ୍କ ମନ୍ତ୍ରିତ୍ୱ କାଳରେ ନିର୍ଦ୍ଦେଶକ ଥିବା ବ୍ୟକ୍ତିଙ୍କୁ । ପଚାରିଲେ- ମୋ' କ୍ଷମତା କାଳରେ ଅମୁକ ସଂସ୍ଥାକୁ ଆମ ବିଭାଗରୁ କମ୍ପ୍ୟୁଟର ଯୋଗାଇବାର ବ୍ୟବସ୍ଥା ଥିଲା କି? କେତେ ଟଙ୍କାର କେବେ କିଣାଯାଇଥିଲା?

ସଂପୃକ୍ତ ପଦାଧିକାରୀ କିଛି ସମୟ ପରେ ତାଙ୍କୁ ଜଣାଇଲେ- ଆଜ୍ଞା, ଆମର ତ ଦରମା ଦେବାକୁ ଟଙ୍କା ନଥିଲା, କମ୍ପ୍ୟୁଟର କିଣିବାକୁ କିଏ କେତେବେଳେ ଅର୍ଡର ଦେଲା? ଯେଉଁଠି ଟଙ୍କାଟିକର କମ୍ପ୍ୟୁଟର କିଣା ହୋଇନି ସେଠି କୋଟି କୋଟି ଟଙ୍କା ଲୁଟ୍ ହେଲା କେମିତି?

ଏଥର ବାବୁ କଡ଼ା ଚିଠି ଲେଖିଲେ ସଂପୃକ୍ତ ଖବରକାଗଜ କର୍ତ୍ତୃପକ୍ଷଙ୍କୁ । ଯଦି ମୋ' ସ୍ପଷ୍ଟୀକରଣ ନ ଛାପିବେ ତା'ହେଲେ ମୁଁ ଆପଣଙ୍କ ଦପ୍ତର ସାମ୍ନାରେ ଅନଶନ କରିବି । ଦୁଇ ତିନିଦିନ ମଧ୍ୟରେ ନେତାଙ୍କ ସ୍ପଷ୍ଟୀକରଣ ସେଇ ଖବରକାଗଜର ପୃଷ୍ଠାମଣ୍ଡନ କଲା । ଗୁଜବରଟନାକାରୀଙ୍କ ସବୁ ଚାଲ୍ ଫେଲ୍ ମାରିଲା ସେତେବେଳେ ।

ସକଳ ଚେଷ୍ଟା ସତ୍ତ୍ୱେ ଯେତେବେଳେ କେତେଜଣ ଅନ୍ୟମାନେ ପହଞ୍ଚିଥିବା ସ୍ତରରେ ପହଞ୍ଚି ନପାରନ୍ତି ସେମାନେ ସଫଳ ଲୋକକୁ ନିଚା ଦେଖାଇବା ଲାଗି ଏହିପରି ମିଥ୍ୟା, ମନଗଢ଼ା କାହାଣୀର ସାହାରା ନିଅନ୍ତି । ତେବେ ଏଇଧରଣର ମଣିଷମାନଙ୍କୁ ଯେଉଁମାନେ ରୋକିବା କଥା ସେମାନେ ଯେତେବେଳେ ନୀରବ ରହି ଉପଭୋଗ କରନ୍ତି ସେତେବେଳେ ମିଥ୍ୟା ରଚନାକାରୀଙ୍କ ବଳ ବଢ଼େ ।

ଏହି ପରିପ୍ରେକ୍ଷୀରେ ଉପରୋକ୍ତ ଦୁଇଟି ଘଟଣା କେବଳ ଉଦାହରଣ ମାତ୍ର । ସମାଜର ବିଭିନ୍ନ ସ୍ତରରେ ମନଗଢ଼ା କାହାଣୀ ଜରିଆରେ ପଦପଦବୀରେ ଥିବା ସଫଳ ମଣିଷମାନଙ୍କୁ ଟାର୍ଗେଟ କରାଯାଏ । ସତ୍ୟର ସାହାରାରେ ସଠିକ୍ ରାସ୍ତାରେ ଥିବା ସଚ୍ଚା ମଣିଷ ଗୁଜବରଟନା କାରଣରୁ ସିନା ସାମୟିକ ଆଘାତ ପାଏ ହେଲେ ପରେ କିନ୍ତୁ ବେଶି କ୍ଷତାକ୍ତ ହୁଅନ୍ତି ମିଥ୍ୟା ରଚନାକାରୀ ଓ ତାଙ୍କୁ ନୀରବରେ ବଳ ଦେଉଥିବା ମଣିଷମାନେ ।

# ପ୍ରଦୂଷଣ ଓ କୁହୁଡ଼ିର ଯନ୍ତ୍ରଣା

■ **ସୌଭାଗ୍ୟ ରଞ୍ଜନ ମହାନ୍ତି** ■

ଦେଶରେ ଏବେ ଘନ କୁହୁଡ଼ିର ଋତୁ ଆରମ୍ଭ ହୋଇଯାଇଛି, ଯାହାର ପ୍ରଭାବରେ କେବଳ ଉତର ଭାରତ ନୁହେଁ, ଦେଶର ବିଭିନ୍ନ ଭାଗରେ ଦୁଃଖ, ଦୁର୍ଦ୍ଦଶା, ଦୁର୍ଘଟଣା ଏବଂ ଆତଙ୍କ ଖେଳିଯାଇଛି । ମୌସୁମୀର ବିଦାୟ ପରେ ଋତୁ ଚକ୍ରରେ ଦେଶରେ ଶୀତ ଋତୁର ଆଗମନ ଘଟିବା ସହ ବାୟୁ ମଣ୍ଡଳରେ ପ୍ରଦୁଷଣର ମାତ୍ରାବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ଦୀପାବଳୀ ଉତ୍ସବ ପରଠାରୁ ଜାତୀୟ ରାଜଧାନୀ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ବାୟୁ ମଣ୍ଡଳରେ ପ୍ରଦୂଷଣର ମାତ୍ରା ଏବେ ବୃଦ୍ଧି ପାଇଛି ଯେ, ତାହା କେବଳ ସ୍ୱାସ୍ଥ୍ୟ ପାଇଁ ଅନୁପଯୁକ୍ତ ହୋଇନାହିଁ, ସମ୍ପୂର୍ଣ୍ଣ ବିଷାକ୍ତ ହୋଇଯାଇଛି । ଦିଲ୍ଲୀର ବାୟୁ ଏତେ ମାତ୍ରାରେ ବିଷାକ୍ତ ହୋଇଛି ଯେ, ଜରୁରୀ କାର୍ଯ୍ୟ ନଥିଲେ, ଦିଲ୍ଲୀ ଛାଡି ଅନ୍ୟତ୍ର କିଛି ସପ୍ତାହ ପାଇଁ ବାହାରକୁ ଚାଲିଯିବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ସହ ସର୍ବୋଚ୍ଚ ଅଦାଲତ ମଧ୍ୟ ପରାମର୍ଶ ଦେବାକୁ କୁଣ୍ଠାବୋଧ କରିନାହାଁନ୍ତି। ଏଥିରୁ ଜାତୀୟ ରାଜଧାନୀର ବାୟୁମଣ୍ଡଳ ସ୍ୱାସ୍ଥ୍ୟ ପାଇଁ କେତେ ଅନୁପଯୁକ୍ତ ହୋଇପଡିଛି, ତାହା ସ୍ପଷ୍ଟ ବୁଝାପଡେ । କେବଳ ଦିଲ୍ଲୀ ନୁହେଁ, ଉତର-ପୂର୍ବାଞ୍ଚଳ ବିଶେଷ କରି ଗଙ୍ଗୋତ୍ରୀ ସମତଳ ଅଞ୍ଚଳ ସମେତ ମୁମ୍ବାଇ, କୋଲକତା, ଲକ୍ଷ୍ନୌ, ଜୟପୁର, ଭୁବନେଶ୍ୱର ସହର ସମେତ ଦେଶର ବହୁ ସହରରେ ବାୟୁ ପଦୂଷଣର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆର) ବହୁ ସ୍ଥାନରେ ୪୦୦ ପାର କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ)ର ଗାଇଡ ଲାଇନ ଅନୁଯାୟୀ ଏହା ସ୍ୱାସ୍ଥ୍ୟ ପାଇଁ କେବଳ ଅନୁପଯୁକ୍ତ ନୁହେଁ, ହାନୀକାରକ ମଧ୍ୟ । ଯାହାକି ବାୟୁ'ର ଗୁଣବତାରେ ସବୁଠାରୁ ଅତି ଗୁରୁତର। ସ୍ୱଚ୍ଛ ବାୟୁ ଏବେ ଦିଲ୍ଲୀ ସହ ଦେଶର ବହୁ ଭାଗରେ ସ୍ୱପ୍ନ ହୋଇଯାଇଛି ବୋଲି କହିଲେ ହୁଏତ ଅତିରଞ୍ଜିତ ହେବ ନାହିଁ। ସେହିପରି କୁହୁଡି ଯାହାକି ତାପମାତ୍ରା ହ୍ରାସ କରିବାର କାରଣ ହୋଇଥିବା ବେଳେ ଆର୍ଦ୍ରତା ଭୂପୃଷ୍ଠ ପର୍ଯ୍ୟନ୍ତ ଆଣିଥାଏ । ଆଶାତୀତ ଭାବେ ତାପମାତ୍ରା ହ୍ରାସ ସାଙ୍ଗକୁ ଘନ କୁହୁଡି ସାଧାରଣ ଜୀବନ ଯାତ୍ରାକୁ କେବଳ ଏକ ପ୍ରକାର ବିପର୍ଯ୍ୟସ୍ତ କରିନାହିଁ, ଆତଙ୍କର କାରଣ ହୋଇଛି । ଘନ କୁହୁଡି ବାୟୁ ମଣ୍ଡଳକୁ ବିଷାକ୍ତ କରେ ନାହିଁ, କିନ୍ତୁ କୁହୁଡିର ଘନତ୍ୱ ଏବଂ ବାୟୁର ପ୍ରଦୂଷଣ ଯୋଗୁଁ ଭୂପୃଷ୍ଠରେ ଦୃଶ୍ୟମାନର ମାତ୍ରାକୁ ଅତିମାତ୍ରାରେ ହ୍ରାସ କରିଥାଏ । ଘନକୁହୁଡି ପାଇଁ ସ୍ୱାଭାବିକ ଜୀବନଯାତ୍ରା କେବଳ ପ୍ରଭାବିତ ହୋଇ ନଥାଏ, ଦୁର୍ଘଟଣାର କାରଣ ଭାବେ ଉଭା ହୋଇଛି । ଗତ ସପ୍ତାହକ ମଧ୍ୟରେ ଉତ୍ତରପ୍ରଦେଶ, ଦିଲ୍ଲୀ ସମେତ ଉତର ଭାରତରେ କେତେକ ଅଂଚଳରେ ସିରିଜ୍ ଦୁର୍ଘଟଣାମାନ ଘଟି ଶତାଧିକ ଲୋକଙ୍କର ଜୀବନ ଯାଇଥିବାବେଳେ ବିମାନ, ଟ୍ରେନ, ଚଳାଚଳ ଗୁରୁତ୍ୱର ଭାବେ ବାଧାପ୍ରାପ୍ତ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ୨୨୮ରୁ ଅଧିକ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଇଣ୍ଡିଗୋ ବିମାନର ଉଡାଣ ବାତିଲ ଯୋଗୁଁ ଯାତ୍ରୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିବା ବେଳେ ଏବେ କୁହୁଡି ଯୋଗୁଁ ବିମାନ ସେବା ପ୍ରଭାବିତ ହେବା ଫଳରେ ଯାତ୍ରୀ ଦୁର୍ଦ୍ଦଶା ବଳିଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଜାତୀୟ ରାଜଧାନୀ ଦିଲ୍ଲୀରେ ଏକ୍ୟୁଆର ଏବେ ଗ୍ରାଫ-୪ ଅତିକ୍ରମ କରିଛି, ଦିଲ୍ଲୀ ସରକାର ମାସ୍କ ପରିଧାନକୁ ବାଧ୍ୟତାମୂଳକ କରିବା ସହ ନିର୍ମାଣ, ଭଙ୍ଗାରୁଜା କାର୍ଯ୍ୟକୁ ନିଷିଦ୍ଧ କରିଛନ୍ତି । ସେହିପରି ପ୍ରାଥମିକ ସ୍କୁଲଗୁଡିକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ଛୁଟି ଘୋଷଣା କରିଛନ୍ତି। ଆହୁରି ମଧ୍ୟ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ, ପେଟ୍ରୋଲ ଟାଙ୍କିରେ ପେଟ୍ରୋଲ, କିମ୍ବା ଡିଜେଲ ମିଳିବ ନାହିଁ ବୋଲି ଏକ କଠୋର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅବଶ୍ୟ ଦିଲ୍ଲୀ ସରକାରଙ୍କର ଏଭଳି ନିର୍ଦ୍ଦେଶନାମାକୁ ଅନ୍ୟ କେତେକ ରାଜ୍ୟ ଅନୁସରଣ କରି ଅନୁରୂପ ପଦକ୍ଷେପ ନେଇସାରିଲେଣି । ଏକ୍ଷେତ୍ରରେ ଓଡ଼ିଶା ହେଉଛି ଦ୍ୱିତୀୟ ରାଜ୍ୟ । ରାଜଧାନୀ ଭୁବନେଶ୍ୱର ସହ ରାଜ୍ୟର ବହୁ ସହରରେ ବାୟୁ ପ୍ରଦୂଷଣର ମାତ୍ରା ବୃଦ୍ଧି ସହ ଘନକୁହୁଡି ଏବେ ଆତଙ୍କର କାରଣ ହୋଇଛି । ଭୁବନେଶ୍ୱରର ଏକ୍ୟୁଆଇ ୩୦୦ ଅତିକ୍ରମ କରିଥିବା ବେଳେ ଦେଶର ସର୍ବାଧିକ ପ୍ରଦୁଷିତ ସହର ମଧ୍ୟରେ ଓଡିଶାର ୩ଟି ସହର ତଥା ବାଲେଶ୍ୱର, ଅନୁଗୁଳ, ତାଳଚେର ରହିଛି । ଏହା ନିଃସନ୍ଦେହ ଯେ, ବାୟୁ ଜୀବନ ଦାନ କରିଥାଏ । ବାୟୁବିନା ପ୍ରାଣୀଜଗତ କ୍ଷଣେ ତିଷ୍ଠିବା ଅସମ୍ଭବ। ବାୟୁର ସ୍ୱଚ୍ଛତା, ଶୁଦ୍ଧତା ଅକ୍ଷୁଣ୍ଣ ରଖିବା ପାଇଁ କଠୋର ଆଇନଗତ ପଦକ୍ଷେପ ଗ୍ରହଣ କରିବା ସହ ଜଳବାୟୁର ପରିବର୍ତ୍ତନକୁ ରୋକିବା ବର୍ଷ ତମାମ କ୍ରିୟାନୁଷ୍ଠାନର ଆବଶ୍ୟକତା ରହିଛି । ଅନ୍ୟଥା ବିଷାକ୍ତ ବାୟୁ ଏକ ଋତୁଚକ୍ରରେ ଅସନ୍ତୁଳନ ଜୀବନ ନେବା ସାର ହେବ ।


ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ
ମୋ. ୭୯୭୮୬୬୬୪୦୩


# ଧର୍ମର ପ୍ରକୃତ ସ୍ୱଭାବ

■ **ଡା. ଦିଲ୍ଲୀପ କୁମାର ମହାରଣା** ■

ଗୋଟିଏ ଖରାପ କାମ କରି ଯେପରି ଉତ୍ତମ ଫଳ ଆଶା କରାଯାଇ ନପାରେ, ସେହିପରି ଗୋଟିଏ ଉତ୍ତମ କାମ କରି ମନ୍ଦଫଳ ପାଇବାର ଆଶଙ୍କା କରିବା ଉଚିତ ନୁହେଁ । ଲେମ୍ବୁ ମଞ୍ଜି ପୋତି ଆମ୍ବଗଛ ଆଶା କରିପାରିବ କି? ସବୁ ଧର୍ମ ଓ ସବୁ ରୂପର ସମ୍ପର୍କ ପରମାତ୍ମାଙ୍କ ସହିତ । ମଣିଷ ଯେତେ ସବୁ ମୂର୍ତ୍ତିପୂଜା କରେ, ସମସ୍ତଙ୍କ ମଧ୍ୟରେ ପରମାତ୍ମା ବିରାଜିତ । ଏ ସମଗ୍ର ସଂସାର ଭିତରେ ବହୁ ପ୍ରକାରର ଜୀବ ଅଛନ୍ତି । ମାତ୍ର ଏ ସମସ୍ତଙ୍କ ମଧ୍ୟରେ ମନୁଷ୍ୟ ଶ୍ରେଷ୍ଠ । ଆହାର ଓ ବିହାର ସବୁ ପ୍ରାଣୀଙ୍କ ମଧ୍ୟରେ ସାଧାରଣ ଗୁଣ, ମାତ୍ର ମନୁଷ୍ୟ ଠାରେ ଦୁଇଟି ବିଶେଷ ଗୁଣ ଅଛି । ସେ ଦୁଇଟି କେଲା ଧର୍ମ ଓ ଜ୍ଞାନ । ଏ ଦୁଇଟି ବିନା ମଣିଷ ପଶୁ ସହ ସମାନ । ସେଥିପାଇଁ ମଣିଷର କର୍ତ୍ତବ୍ୟ ହେଲା ଧର୍ମ କ'ଣ ତାହା ବୁଝିବା । ସାମାଜିକ ଓ ଆଧ୍ୟାତ୍ମିକ ପ୍ରଗତି ନିମନ୍ତେ ଧର୍ମ ମନୁଷ୍ୟକୁ କିଛି ନିର୍ଦ୍ଦିଷ୍ଟ ଆଚରଣ ବିଧି ଶିଖାଏ, କିଛି ନିର୍ଦ୍ଦିଷ୍ଟ ବିଧି ନିଷେଧ ବଢ଼ାଏ। ଯେଉଁମାନେ ଧର୍ମର ଅନିଷ୍ଟ କରିବାକୁ ଚେଷ୍ଟା କରନ୍ତି, ଧର୍ମ ସେମାନଙ୍କର ଅନିଷ୍ଟ କରିବାକୁ ମଧ୍ୟ ସମର୍ଥ । ସେହିପରି ଯେଉଁମାନେ ଧର୍ମ ମାର୍ଗରେ ଜୀବନ କଟାନ୍ତି ଧର୍ମ ସେମାନଙ୍କର ରକ୍ଷା କରିବାକୁ ସମର୍ଥ। ଧର୍ମର ଆଉ ଗୋଟିଏ ମହତ ଗୁଣ ହେଲା, ଧର୍ମ ଯେଉଁଠି ବିଜୟ ସେଇଠି ଥାଏ। ଏ ଦେଶରେ ବହୁ ପଣ୍ଡିତ ବିଦ୍ୱାନ ଲୋକ ଧର୍ମ ଶବ୍ଦଟିର ଅନେକ ବ୍ୟାଖ୍ୟା କରିଛନ୍ତି। ଯୁଗ ଯୁଗ ଧରି ଏ ଦେଶ ଧର୍ମର ରଜ୍ଜୁ ଦ୍ୱାରା ଏପରି ବନ୍ଧା ହୋଇ ରହିଛି ଯେ, ଧର୍ମ ସମ୍ବନ୍ଧରେ ଏ ଦେଶ ଅନ୍ୟ ସବୁ ଦେଶର ଆଦର୍ଶ ଭାବରେ ଠିଆ ହୋଇ ରହିଛି। ବହୁ ଅର୍ଥ ଯୁକ୍ତ ଏହି ଶବ୍ଦଟିକୁ ଆଜିକାଲି କେବଳ ଗୋଟିଏ ଶବ୍ଦରେ ବର୍ଣ୍ଣନା କରାଯାଉଛି ତାହା ହେଲା କର୍ତ୍ତବ୍ୟ। ମାତ୍ର ଧର୍ମ ଅର୍ଥ କର୍ତ୍ତବ୍ୟ ନୁହେଁ। କର୍ବ୍ୟ ଜଣେ ବ୍ୟକ୍ତି ଗୋଟିଏ ଅବସ୍ଥା, ଗୋଟିଏ ଦେଶ ବା କାଳ ସହିତ ସଂପୃକ୍ତ । ମାତ୍ର ଧର୍ମ ଅନାଦି, ଅନନ୍ତ, ଏହାସବୁ ପ୍ରାଣୀଙ୍କ ପାଇଁ ସର୍ବତ୍ର ସମାନ। ଏହା ଅନ୍ତରାତ୍ମାର ତାତ୍ପର୍ଯ୍ୟ ବହନ କରେ। ଧର୍ମର ଜନ୍ମସ୍ଥାନ ହୃଦୟ। ହୃଦୟରୁ ନିର୍ଗତ ନିର୍ମଳ ଭାବନାଟିଏ କର୍ମରେ ରୂପାନ୍ତରିତ ହେଲେ ତାହା ଧର୍ମର ନାମ ବହନ କରେ । ତୁମ୍ଭେମାନେ ବୁଝିଲା ଭଳି କହିଲେ, ଧର୍ମ ହେଲା, ଅନ୍ୟମାନଙ୍କ ଠାରୁ ତୁମେ ଯେପରି ବ୍ୟବହାର ଆଶା କରୁଛ, ସେମାନଙ୍କୁ ସେହିପରି ବ୍ୟବହାର ଦେଖାଅ। ଅନ୍ୟମାନଙ୍କୁ କଷ୍ଟ ହେଲାଭଳି କର୍ମ ନକରିବା ହିଁ ଧର୍ମ । ଅନ୍ୟ କିଏ ତୁମ ସୁଖ ଦେଲେ ତୁମେ ମଧ୍ୟ ଏପରି କର୍ମ କରିବା ଉଚିତ ଯାହା ତାକୁ ସୁଖ ପ୍ରଦାନ କରିବ। ଅନ୍ୟମାନେ ତୁମର ଦୁଃଖ କଷ୍ଟର କାରଣ ହେଲେ ତୁମେ ବି ସେମାନଙ୍କ ଦୁଃଖ-କଷ୍ଟର କାରଣ ହେବା ଅଧର୍ମ ।

ବେଳେ ବେଳେ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଦୁଷ୍କର୍ମ କରୁଥିବା ଲୋକଙ୍କୁ କଠୋର ଭାବରେ ତିରସ୍କାର କରିବାକୁ ପଡ଼େ ତାର ସଂସ୍କାର ନିମନ୍ତେ। ବେଳେବେଳେ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଛୁରୀ ବ୍ୟବହାର କରୁଥିବା ଲୋକ ଅତ୍ୟନ୍ତ କ୍ରୁର ଏବଂ ଅଧର୍ମୀ ବୋଲି କୁହାଯାଇ ପାରିବ ନାହିଁ । ଜଣେ ସର୍ଜନ ହୃଦରୋଗୀକୁ ଆରୋଗ୍ୟ କରିବା ଉଦ୍ଦେଶ୍ୟରେ ଛୁରୀ ବ୍ୟବହାର କରିଥାଏ। ଏହା କ୍ରୁରତାର ଚିହ୍ନ, ନା ମିତ୍ରତାର ଚିହ୍ନ? କିଛି ଅସତ୍ୟ କାମ କଲେ ତାହା ଅଧର୍ମ ହେବ, ମାତ୍ର ଯାହା ପ୍ରେମର ସହ କରାଯାଏ ତାହା ଅଧର୍ମ ନୁହେଁ । ସମଗ୍ର ଆଇନ ବ୍ୟବସ୍ଥା, ନୀତି ବ୍ୟବସ୍ଥା ପ୍ରେମ ଉପରେ ଆଧାରିତ। ଉଦାହରଣ ସ୍ୱରୂପ ପିଲାଟିଏ ଯଦି ଦୁଷ୍କର୍ମ କରେ, ଆଉ ତାର ମାଆ ସେଥିପାଇଁ ତାକୁ ପିଟେ, ଏହାକୁ କଣ କ୍ରୂରତା ଓ ଅଧର୍ମ କହିବ? ଧର୍ମ ଅନେକ ପ୍ରକାରର। କାଳଧର୍ମ, ସଂସାର ଧର୍ମ, ହୃଦୟ ଧର୍ମ, ଗୋଷ୍ଠୀଧର୍ମ, ଆଦି ନାନା ରକମର ଧର୍ମ ଅଛି। ଏସବୁ ଧର୍ମର ସମାହାର ହେଉଛି ସନାତନ ଧର୍ମ। ଏହି ଦୃଷ୍ଟିରୁ କହିବା ସମ୍ଭବ ଯେ ସବୁ ଧର୍ମ ଓ ସବୁ ରୂପ ପରମେଶ୍ୱରଙ୍କର। କୌଣସି ଧର୍ମ ତୁମକୁ ପିତାମାତାଙ୍କୁ ଅଶ୍ରଦ୍ଧା କରିବା, ଶିକ୍ଷକଙ୍କର ଅସମ୍ମାନ କରିବା ଶିଖାଏ ନାହିଁ। କୌଣସି ଧର୍ମ ମଣିଷକୁ ମିଛ କହିବା ଶିଖାଏ ନାହିଁ । ସବୁ ଧର୍ମ ମଧ୍ୟରେ ସମାନ କିଛି ସାଧାରଣ ଉପଦେଶ ରହିଛି, ଯାହା ସମସ୍ତଙ୍କ ପାଇଁ ଭଲ। କିନ୍ତୁ ବର୍ତ୍ତମାନ ଏହି ସାଧାରଣ ସତ୍ୟକୁ ଲୋକେ ଉପେକ୍ଷା କରି କୌଣସି ଧର୍ମରେ ନଥିବା ନୀତି ପ୍ରତି ଆକୃଷ୍ଟ ହେଉଛନ୍ତି। ସେଥିପାଇଁ ଅଧର୍ମର ପ୍ରାଦୁର୍ଭାବ ଏତେ ବଢ଼ିଯାଇଛି। ଯଦି ଆପଣା ଧର୍ମରେ ଦୃଢ଼ ବିଶ୍ୱାସ ରଖି ଲୋକେ ଆପଣା ଧର୍ମ ପାଳନ କରିବାରେ ମନ ଦିଅନ୍ତେ। ତେବେ ଏତେ ବାଦ ବିସମ୍ବାଦ ଜାତ ହୁଅନ୍ତା ନାହିଁ, କିମ୍ବା ଲୋକେ ଏପରି ଅସଭ୍ୟ ଆଚରଣ ଦେଖାନ୍ତେ ନାହିଁ। ଆପଣା ଧର୍ମରେ ବିଶ୍ୱାସ ଅଛି ବୋଲି ଚିତ୍କାର କରି ଯଦି ତୁମେ ଧର୍ମ ବିରୁଦ୍ଧ ଆଚରଣ କରିବ ତେବେ ଅନ୍ୟାନ୍ୟ ଧର୍ମରେ ତୁମର କି ବିଶ୍ୱାସ ରହିବ ତାହା ବୁଜିବାକୁ ଆଉ ବାକି ରହିବ ନାହିଁ। ଧର୍ମରେ ଯଦି ପ୍ରକୃତ ବିଶ୍ୱାସ ଅଛି, ତେବେ ଧର୍ମ ବିରୁଦ୍ଧ ଆଚରଣ କରିବ କିପରି? ମୁହଁର କଥା ଓ ଆଚରଣ ମଧ୍ୟରେ ବିରୋଧ ରହିବା ଅର୍ଥ ଧର୍ମକୁ କେବଳ ଗୋଟାଏ ଗୋପାଳ ବୋଲି ଯାହାସବୁ କହନ୍ତି ସେ ସବୁ କେବଳ ମୁହଁର କଥା, ହୃଦୟ ଭିତରେ ଏଥିରୁ ଏତେ ଟିକେ ବି ନାହିଁ। ତୀର୍ଥକ୍ଷେତ୍ରକୁ ଗଲେ ମନ୍ଦିର ବା ଉପାସନା କ୍ଷେତ୍ରକୁ ଗଲେ ଲୋକେ ଯେତେ ଭକ୍ତି ଓ ବିଶ୍ୱାସ ଦେଖାନ୍ତି ସେ ସବୁ ସେଠାରୁ ଫେରି ଆସିଲାବେଳେ ସେଠାରେ ହିଁ ଛାଡ଼ି ଦେଇ ଆସନ୍ତି । ଏମାନଙ୍କ ପାଇଁ ଗୀତାରେ ଗୋଟିଏ ଉପଦେଶ ଅଛି ସତତଂ ଯୋଗିନଃ ଅର୍ଥାତ୍ ନିରନ୍ତର ଯୋଗସ୍ଥ ହୋଇ ରହ, ଭକ୍ତର ଭକ୍ତି ସତତ ରହୁ। ପୂଜା, ଜପ କଲାବେଳେ କେବଳ ଭକ୍ତି, ଅନ୍ୟ ସମୟରେ ସେ ସବୁ କିଛି ନାହିଁ। ସଦଗୁଣ ଓ ସଦାଚାର କେବଳ ଗୋଟିଏ ସମୟ ବା ସ୍ଥାନ ସହିତ ବନ୍ଧା ହୋଇ ରହିବା ଉଚିତ ନୁହେଁ, ଏହା ସାରା ଜୀବନରେ ନିରନ୍ତର ଅଭ୍ୟାସ କରିବା ଉଚିତ ।


*ଶିଖରପୁର ଉପରସାହି, କଟକ*
*ମୋ. ୮୨୮୦୯୬୩୨୮୩*



# ସପ୍ତମ ଋତୁ ପଞ୍ଚମ ସ୍ୱର

## ସାହିତ୍ୟ ଆସର

## ଡାଇରୀ ସାଇତା କବିତା

● ରମେଶ ମଙ୍ଗରାଜ



୪୬୬

ପାହାନ୍ତି ଶୀତର ସାଥେ
ଫେରିଗଲା ପୁରୁଣା ବରଷ
ଶୀତର ସକାଳେ ଏବେ
ନୂଆ ରୂପେ ହସେ ନୂଆବର୍ଷ ।୧।

ବାରି ହୋଇଯାଏ ଶୀତ
ଇଂରାଜୀର ବର୍ଷ ଗଣତିରେ
ବଦଳଇ କ୍ୟାଲେଣ୍ଡର
ଦୁଃଖ-ସୁଖ ଦୋ'ଛକି ବାଟରେ।୨।

ଶୀତ ଆସେ ଶୀତ ଫେରେ
କିଛି ନୂଆ ସ୍ମୃତି ଦେଇଥାଏ
ଆୟୁଷ କମେଇ ଦେଇ
ବୟସରେ ବର୍ଷେ ଯୋଡ଼ିଦିଏ ।୩।

୪୬୭

ପାକଳ ବୟସ ପାଇଁ
ଶୀତ ଭାରି ଦିଅଇ ଯନ୍ତ୍ରଣା
ଭାରି ମନେପଡ଼ିଥାଏ
ହଜିଥିବା ସ୍ମୃତିର ଅଗଣା ।୧।

ତାରୁଣ୍ୟର ତରୁତଳେ
ଶୀତଗାଏ ପ୍ରେମିକାର ଗୀତି
ଇଚ୍ଛାହୁଏ ଏଇ ଶୀତ
ସବୁବେଳେ ରହନ୍ତା ଏମିତି ।୨।

ବୟସର ମଧ୍ୟାହ୍ନରେ
ଶୀତ କିଛି ଭିନ୍ନ କଥା କହେ
ଶୀତ ପାଇଁ ଭାବୁଭାବୁ
ସମୟର ନଈ ବହିଯାଏ ।୩।

୪୬୮

ମୋ ସ୍ମୃତିରେ ଶୀତ ଯେବେ
ପ୍ରେମିକାକୁ ସାଥେ ଧରି ଆସେ
ସେତେବେଳେ ଜାଡ଼ରାତି
ବାର୍ଦ୍ଧକ୍ୟରେ ଯୌବନ ପରସେ ।୧।

ଇଚ୍ଛାହୁଏ ବରଫରେ
ଖେଳିବାକୁ ସ୍କେଟିଙ୍ଗ୍‌ର ଖେଳ
ପ୍ରେମିକାର ବାହୁବନ୍ଧେ
କାଟିବାକୁ ଶୀତର ସକାଳ ।୨।

ଲାଜେଇ ପ୍ରେମିକା ଭଳି
ଶୀତ ଟାଣି ମଥାରେ ଓଢ଼ଣୀ
ଏକାନ୍ତରେ କହିଥାଏ
ଏ ବୟସେ ଛୋପରା ହୁଅନି ।୩।

ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା
ମୋ. ୯୧୭୮୬୨୧୬୨୮୦



# ଗୁଡ଼ି

## କଥା ଏତିକି

● ସୁନୀଲ ବୋଷ

ଆକାଶରେ ଗୁଡ଼ି ଦେଖିଲେ ଏବେ ବି ମନେପଡ଼େ ଗୁଡ଼ିଉଡ଼ା ବୟସର କଥା ଆଉ ଗୌତମର ବାପାଙ୍କ ସେ କଡ଼ା ତାଗିଦା- ''ଛତରାମାନେ ଗୁଡ଼ି ଉଡ଼ାନ୍ତି ।''

ଏ କଥା ମୋତେ ଏତେ ବାଧିଥିଲା, ଆଜିଯାଏଁ ମନେ ଅଛି ।

ଗୌତମ ଏବେଦିନେ ମୋତେ ଫୋନ୍ କରିଥିଲା । ସିଏ ଏବେ ଆମେରିକାରେ । ତା' ସଂସାର ସେଇଠି । ଏଠି ଏତେ ବଡ଼ ଘରଟାରେ ମଉସା-ମାଉସୀ କେବଳ ଦି'ଜଣ । ଏ ବୟସରେ ଦେଖିବାକୁ କେହି ନାହାନ୍ତି । ଦେହ ପା' ହେଲେ ମୋତେ ଫୋନ୍ କରନ୍ତି ।

ଆମେ ପାଖାପାଖି ରହୁଥିଲୁ । ଗୌତମର ବାପା ଅଫିସର ଥିଲେ । ଆମ ବାପା ସେଇ ଅଫିସ୍‌ରେ ଥିଲେ ତାଙ୍କ ତଳ ପୋଷ୍ଟରେ । ସେମାନେ ବଡ଼ କ୍ୱାର୍ଟର୍ସରେ ରହୁଥିଲେ, ଆମର ଥିଲା ଛୋଟ କ୍ୱାର୍ଟର୍ସ । ଗୌତମର ମୋର ଗୋଟିଏ ସ୍କୁଲରେ ଗୋଟିଏ କ୍ଲାସରେ ପଢ଼ୁଥିଲୁ । ସେତେବେଳେ ପ୍ରାୟ ସମସ୍ତେ ସରକାରୀ ସ୍କୁଲରେ ହିଁ ପଢୁଥିଲେ । ପିଅନ ଠାରୁ ଅଫିସର ଯାଏଁ ସମସ୍ତଙ୍କ ପିଲାଏ ।

ଆମେ ଗୌତମର ମୋର ଖୁବ୍ ଗୁଡ଼ି ଉଡ଼ାଉ ଶୀତଦିନେ । ଗୁଡ଼ି କଟିଗଲେ ଗୁଡ଼ି ଧରିବାକୁ ଗୁଡ଼ି ପଛରେ ଧାଇଁ ଧାଇଁ ଅନେକ ଦୂରକୁ ଚାଲିଯାଉ ଦିନେ ଦିନେ । ଫେରୁ ଫେରୁ ସଞ୍ଜ ପାକଳ ହୋଇଯାଇଥାଏ । ଥରେ ଏମିତି କଟା ଗୁଡ଼ି ଧରିବା ପାଇଁ ଏତେ ଦୂରକୁ ଚାଲିଗଲୁ ଯେ, ଫେରୁ ଫେରୁ ଟିକେ ବେଶି ଡେରି ହୋଇଗଲା । ଗୌତମର ଟ୍ୟୁସନ୍ ସାର୍ ଅପେକ୍ଷା କରିଥାନ୍ତି ତାକୁ । ସେଇଦିନ ମଉସା ଗୌତମକୁ ଖୁବ୍ ଗାଳି ଦେଇଥିଲେ । ମୋତେ କହିଥିଲେ- ତୁ ଯଦି ଭଲ ପିଲା, ତା'ହେଲେ ଗୌତମ ସାଙ୍ଗରେ ମିଶି ଖରାପ ହଅନା ! ଆଉ ଯଦି ତୁ ଖରାପ୍, ତା'ହେଲେ ତାକୁ ସାଙ୍ଗ କର ନା ! ମଣିଷ ହେବାକୁ ଚେଷ୍ଟା କର ! ଗୁଡ଼ି ଉଡ଼ାରେ ଯେତିକି ଆଗ୍ରହ ଦେଖାଉଛୁ ପାଠରେ ଯଦି ସେତିକି ଆଗ୍ରହ ଦେଖେଇବୁ ମଣିଷ ହୋଇଯିବୁ ।

ମଉସା ବାପାଙ୍କୁ ମଧ କହିଥିଲେ- ମୋ ଉପରେ ନଜର ରଖିବାକୁ । କହିଥିଲେ ତାକୁ ଟିକେ ଦେଖନ୍ତୁ ନହେଲେ, ଅମଣିଷ ହୋଇଯିବ !

ଗୌତମ ଏବେ ମୋତେ ଆମେରିକାରୁ ଫୋନ୍ କରି କହିଲା- ସିଏ କୁଆଡେ ଆମ ଏଇ ସହରରେ ଗୋଟେ ବଢ଼ିଆ ଓଲ୍ଡଏଜ୍ ହୋମ୍‌ର ଠିକଣା ପାଇଛି ଇଣ୍ଟରନେଟ୍‌ରୁ । ପେଡ୍ ଓଲ୍ଡଏଜ୍ ହୋମ୍ । ପୂରା ତାରକା ହୋଟେଲ ଭଳି ସୁବିଧା । ପଇସା ଟିକେ ବେଶି କିନ୍ତୁ ସବୁ ଦାୟିତ୍ୱ ସେମାନେ ନେବେ । ଏସି ରୁମ୍, ପ୍ରତିଦିନ ହେଲ୍‌ଥ ଚେକ୍‌ଅପ୍, ବଢ଼ିଆ ଖାଇବା, ପ୍ରତିଦିନ ପ୍ରବଚନ ଏବଂ ମନୋରଞ୍ଜନର କାର୍ଯ୍ୟକ୍ରମ ମଧ ରହିଛି । ବହୁତ ବଡ଼ବଡ଼ିଆଙ୍କ ବାପା-ମା' ସେଠି ଅଛନ୍ତି । ସେମାନଙ୍କ ପିଲାଏ ଯାଆନ୍ତି ସେମାନଙ୍କୁ ଦେଖା କରିବାକୁ । ମୁଁ ତ ଦୂରରେ ଅଛି, ତୁ ଯିବୁ ମଝିରେ ମଝିରେ । ମୁଁ ଟଙ୍କା ପଠେଇ ଦେବି । ତୁ ବାପା-ବୋଉଙ୍କୁ ଟିକେ ବୁଝେଇ ସେଠିକୁ ସିଫ୍ଟ କରେଇ ଦେବୁ । ଘରଟା କାହାକୁ ଗୋଟେ ଭଡ଼ା ଦେଇଦେବୁ । ତୁ ତ ଆମର କେୟାରଟେକର ଆଉ ବାପାଙ୍କର ସୁନାପୁଅ ।

ମୁଁ କହିଲି- ମଉସା-ମାଉସୀ ରାଜିହେବେ ତ ?

ଗୌତମର ଫୋନ୍ ପାଇବ । ପରେ ମୁଁ ଯାଇଥିଲି ସେମାନଙ୍କ ପାଖକୁ । ସେମାନେ କ'ଣ ନିଜ ଘର ଛାଡ଼ି ଓଲ୍ଡଏଜ୍ ହୋମ୍‌କୁ ଯିବାକୁ ରାଜି ହୋଇଥାନ୍ତେ ? ମୋତେ ମଉସା କହିଲେ- ତୁ' ଗୁଡ଼ି ଉଡ଼େଇ ଉଡ଼େଇ ବେଶ୍ ମଣିଷ ହେଇଛୁ । ବାପା-ମା'ଙ୍କୁ ପାଖରେ ରଖିଛୁ । ଗୌତମ କ'ଣ ତୋ ଭଳି ହୋଇପାରିଲା ? ଅବଶ୍ୟ ତାକୁ ଦୋଷ ଦେଇ ଲାଭ କ'ଣ ? ଗୁଡ଼ି ଉଡ଼େଇ ଥିଲେ ନିଶ୍ଚେ ଥା'ନ୍ତା ଆମ ପାଖରେ । ମୁଁ ତ ତାକୁ ଗୁଡ଼ି ଉଡ଼େଇବାକୁ ଦେଲିନି । ତୁ' ତୋ' ପିଲାଙ୍କୁ ଗୁଡ଼ି ଉଡ଼େଇବାକୁ ମନା କର୍‌ନା ।

ସେଦିନ ମଉସା-ମାଉସୀଙ୍କ ପାଖରୁ ଫେରିଲାବେଳେ ଦି' ପୁଅଙ୍କ ପାଇଁ ଦି'ଟା ଗୁଡ଼ି କିଣିଲି । ସେମାନଙ୍କୁ ସବୁବେଳେ ମୁଁ ଗୁଡ଼ି ଉଡ଼େଇବା ପାଇଁ ମନା କରୁଥିଲି । ଭାବୁଥିଲି- ମୁଁ ତ ଗୁଡ଼ି ଉଡ଼େଇ ଉଡ଼େଇ ପାଠପଢ଼ାରେ ଧ୍ୟାନ ଦେଲିନି ବୋଲି ଆଜି ନିଅଣ୍ଟ ମୋ



ପଛରେ ଗୋଡ଼େଇଛି । ପିଲାଏ ମୋର ସେମିତି ନହୁଅନ୍ତୁ । ଆଜି କିନ୍ତୁ ମଉସାଙ୍କ ମୁହଁରୁ ଗୌତମର କଥାଶୁଣି ଭାବୁଛି- ଗୁଡ଼ି ଉଡ଼େଇ ଉଡ଼େଇ ଭଲ ପାଠ ପଢ଼ିପାରିନି ସତ କିନ୍ତୁ ଅମଣିଷ ତ ହୋଇନି ? ବାପା-ମା'ଙ୍କୁ ତ ରଖିଛି ପାଖରେ ? ଗୌତମ ଭଳି ତ କହୁନି ସେମାନଙ୍କୁ ଓଲ୍ଡଏଜ୍ ହୋମ୍‌ରେ ରଖେଇ ଦେବା ଭଲ ବୋଲି ?

# ଶୀତ ଓ ନୂଆବର୍ଷ

୩୧ ଡିସେମ୍ବର । ସମସ୍ତେ ବ୍ୟସ୍ତ ଥିଲେ ନୂଆବର୍ଷର ଆଗମନରେ । ତାରକା ହୋଟେଲ୍‌ମାନଙ୍କରେ ଝୁଲୁଥିଲା ଆଲୁଅର ଗଜରା । ଫୁଲ ଦୋକାନରେ ଫୁଲ ତୋଡ଼ାର ସମ୍ଭାର । ଦରଫୁଟା ଗୋଲାପ କଢ଼ମାନେ ଅପେକ୍ଷାରେ ଥିଲେ ନୂଆବର୍ଷର ।

ଗ୍ରୀଟିଙ୍ଗ୍‌ସ ଦୋକାନରେ ଭିଡ଼ଥିଲା, ମୋବାଇଲ୍ ବ୍ୟସ୍ତ ଥିଲା । ମିଠାମାନେ ପଶୁଥିଲେ ବାକ୍ସ ଭିତରେ । ସୁନ୍ଦରୀ ନର୍ତ୍ତକୀମାନେ ଓଠରେ ଲିପ୍‌ଷ୍ଟିକ୍‌ର ଗାଢ଼ ଆସ୍ତରଣ ଦେଉଥିଲେ । ସଂକ୍ଷିପ୍ତ ପୋଷାକରେ ସଜଉଥିଲେ ବୋଧେ ନିଜକୁ ।

ନୂଆବର୍ଷ ଆଉ ବେଶୀ ଦୂରରେ ନାହିଁ । ଆସିବ ଆସିବ ହେଲାଣି । ବଗିଚାରେ ଫୁଲ ଫୁଟିଛି । ଫୁଆରାରୁ ପାଣି ଉଠୁଛି । ନେଳି ନାଲି ଆଲୁଅ ଜଳୁଛି । ଧୁମ୍‌ଧୁମ୍ ଷ୍ଟେରିଓ ବାଜୁଛି । ବିଦେଶୀ ମଦ ଦୋକାନ ପାଖରେ ଭିଡ଼ ଜମିଛି ।

ପକେଟ୍‌ରେ ହାତ ପୂରେଇଲା । କଣା ପକେଟ୍‌ରେ ହାତ ଗଳିଗଲା । ପୁରୁଣା ଜ୍ୟାକେଟ୍‌ର ସବୁତକ ପକେଟ୍ ଦରାଣ୍ଡି ନେଲା । କିଛି ନଥିଲା । ଦୋକାନୀ ମନା କଲା । ଆଜି ବାକି ନାହିଁ । ବହୁତ ନେହୁରା ହେଲା ।

ନୂଆବର୍ଷ ପାଖେଇ ଆସୁଥିଲା । ପୂର୍ବଦିନର ନିଶା କଟି ଯାଇଥିଲା । ଆଉ ଗୋଟେ ପଲିଥିନ୍ ପାଉଚ୍ ପଡ଼ି ଯାଇଥିଲେ ନୂଆବର୍ଷର ମଜା ଆସି ଯାଇଥାନ୍ତା ।

ସିଏ ଫେରିଲା, ଏଥର ଦେହ ଥରିଲା । ନିଶା କଟିଯାଇଥିଲା ।

ରାସ୍ତା କଡ଼ରେ ମା' ପୁଅ ହଳେ ହାତ ପାତିଲେ । ପିଲାଟା ଥରୁଥିଲା ଶୀତରେ । କହିଲା- ନୂଆବର୍ଷରେ କିଛି ଦିଅ ! ଲୋକଟା କ'ଣ ଭାବିଲା କେଜାଣି ତା' ପୁରୁଣା ଜ୍ୟାକେଟ୍‌ଟା



କାଢ଼ି ଘୋଡ଼େଇଦେଲା ପିଲାଟାକୁ ।

ଏଥର ଚାଲିଲା ସହରର ରେଡ୍‌ଲାଇଟ୍ ଏରିଆ ଆଡ଼େ । ଶୀତ ବେଶ୍ ଜମି ଆସିଥିଲା । ନୂଆବର୍ଷ ଆଉଟିକେ ପାଖେଇ ଆସିଥିଲା ।

ଝୋପଡ଼ିର କବାଟ ବାଡ଼େଇଲା । ତା' ଚିହ୍ନା ଦେହକୁ ଖୋଜିଲା । ସିଏ କବାଟ ଫିଟେଇଲା ଆଉ କହିଲା- ଟଙ୍କା ଅଛି ? ଆଜି ବର୍ଷର ଶେଷ ଦିନରେ ବାକି ଚଳିବନି । ବାକିରେ ଶୀତ ଛାଡ଼ିବନି ।

ଲୋକଟା କହିଲା- ଭାରି ଶୀତ ! କାଲି ଦେଇଦେବି ଟଙ୍କା, ମୁଁ କ'ଣ ନୂଆ ଲୋକ ? ଜ୍ୟାକେଟ୍‌ଟା ଦେଇଦେଲି ତ ଛକମୁଣ୍ଡର ସେ ଭିକାରୀ ଛୁଆଟାକୁ, ଏବେ ଏ ଶୀତରେ କେମିତି ଫେରିବି ?

ସିଏ କହିଲା- ହଉ ଭିତରକୁ ଆସ ! ଗୋଟେ ତ ଅନ୍ତତଃ ଭଲ କାମ କରିଛ ଏ ବର୍ଷ । ତେଣୁ ଆଜି ଫ୍ରି ! କାଲିଠୁ ଆଉ ବାକି ନାହିଁ । ନୂଆ ବର୍ଷରୁ ନୂଆ ରେଟ୍ ଲାଗିବ ।

●ସୁନୁ
ମୋ. ୯୪୩୯୦୦୯୩୩୭

# ଶାନ୍ତିର ପ୍ରତୀକ

● ସୌଦାମିନୀ ମିଶ୍ର (ଦାଶ)

ଘୁମୁରୁ ଘୁମୁରୁ ଗୀତ ଲାଗେ ତା'ର
ସାରେଗାମା ସାତ ସୁର
ତାଳ ଲୟ ଛନ୍ଦେ ଆହାକି ମଧୁର
ଥାଏ ରସ ଭରପୁର ।

ଚକା ଭଉଁରୀ ସେ ଖେଳୁଥାଏ ଘୁରି
ହୋଇ ଅତି ପ୍ରଫୁଲ୍ଲିତ
ଅଳତା ବୋଳା ସେ ପାଦର ଛନ୍ଦରେ
ମନ ହୁଏ ଆକର୍ଷିତ ।

ଉଡ଼ିଯାଇ ବେଗେ ଅଟାଳିକା ପରେ
ବସିଯାଏ ନୀରବରେ



ତୀକ୍ଷ୍ଣ ଦୃଷ୍ଟି ବଳେ ଖାଦ୍ୟ କଣିକାକୁ
ଦେଖିପାରେ ସହଜରେ ।

ଭାରି ଛନକା ସେ ସରଳ ପକ୍ଷୀଟେ
ସତେକି ହୁଏ ଗେହ୍ଲେଇ
ଧକେଇ ଧକେଇ କହୁଥାଏ କିଛି
ସୁନ୍ଦର ଗ୍ରୀବା ହଲେଇ ।

କାଇଁଚ ପରିକା ଟିକି ଟିକି ଆଖି
ରଙ୍ଗରେ ବର୍ତ୍ତୁଳ ଅଙ୍ଗ
ଘର କୋଠାବାଡ଼ି ପ୍ରାସାଦ ପ୍ରିୟ ସେ
ଭାରି ଲାଜକୁଳା ଢଙ୍ଗ ।

ଟୁପୁରୁ ଟୁପୁରୁ ହଲି ଝୁଲି ଚାଲି
ଖୁଦ କଣିକାରେ ଖୁସି
ଗହମ ମାଣ୍ଡିଆ ସୋରିଷ ବିରିରେ
ସରାଗ ଥାଏ ତା' ବେଶି ।

ଶାନ୍ତି ବାହକ ସେ ସାଜେ ଦେବଦୂତ
ସଂଦେଶ ନେଇଣ ଦିଏ
ରାଗ ହିଂସା କିଛି ନଥାଏ ତା' ଠାରେ
ଶାନ୍ତିର ପ୍ରତୀକ ସିଏ ।

ମୋ-୭୯୭୮୬୧୧୮୦୧



# ସାନ ବୋହୂ

● ସନ୍ତୋଷ ମିଶ୍ର

ଡିସେମ୍ବର ମାସର ଶୀତୁଆ ସକାଳ । ହାଡ଼ଫଟା ଶୀତ । ପ୍ରାତସ୍ନାନ ସାରି ଶ୍ରୀଦେବୀ କିଛିସମୟ ଠାକୁର ପୂଜା କଲେ । କେତେଖଣ୍ଡ ବିସ୍କୁଟ ଚୋବେଇ, ଦିଘୋଟ ଚାହା ପିଇଲେ । ଭୋକ ତ ଲାଗୁନି । ଖାଇବେ କ'ଣ?

ଦାମିନୀ ବଡ ସରାଗରେ କହୁଥିଲା - ମାଆ ଉଦଳା ପହଞ୍ଚିଲା ବେଳକୁ ଗୋଟାଏ ପାଖାପାଖି ହେଇଯିବ । ଦି'ଖଣ୍ଡ ବିସ୍କୁଟ କ'ଣ ଭୋକକୁ ଆୟତ୍ତ କରି ପାରିବ । ମୋ କଥା ମାନ, ମୁଢ଼ି ମିକ୍ସଚର ପିଆଜ କଞ୍ଚାଲଙ୍କା ଆଣି ଦେଉଚି । ପେଟପୂରା ଖାଇଦେ ।

ଶ୍ରୀଦେବୀ ସାମାନ୍ୟ ବିରକ୍ତ ହୋଇ କହିଲେ- ଥାଉ ତୋ' ସୁଆଗ । ତୁ ଯାହା ଖାଇବା କଥା ଖା । ମୋର କିଛି ଖାଇବାର ନାହିଁ ।

ଦାମିନୀ କହିଲା- ମୁଁ ଚୁଡ଼ା ଦି ମୁଠା ଅମୂଲ ଟିକେ ଦେଇ ଖାଇ ଦେଉଚି । ଆଜି ରବିବାର ଉଦଳାରେ ନିଶ୍ଚୟ ମଟନ୍ ହେଇଥିବ ।

ଶ୍ରୀଦେବୀ କହିଲେ- ହଁ ସେଇୟା କର । ନହେଲେ ସେଠି ପେଟେ ମୋଟନ ଠୁସିବୁ କେମିତି । କେବେ ଭଲା ଭାବିଥାନ୍ତୁ ଭାଇ, ଭାଉଜଙ୍କର ବି ଗୋଟେ ଗୋଟେ ମନ ଅଛି । କେବେହେଲେ ଥରେ ସେମାନଙ୍କୁ ମଟନ୍ କିମ୍ବା ଚିକେନ୍ ଖାଇବାକୁ ଦେଇଚୁ କିଛ ନିରୁତ୍ତର ରହିଲା ଦାମିନୀ । ଭଡ଼ା କାରର ଆଗ ସିଟରେ କେବଳ ଡ୍ରାଇଭର । ପଛ ସିଟରେ ଶ୍ରୀଦେବୀଙ୍କ ସହିତ ଦାମିନୀ । କାରର ବେଗ ସହିତ ତାଳ ଦେଇ ଶ୍ରୀଦେବୀଙ୍କ ସ୍ମୃତିପଟରେ ଭାସି ଯାଉଥିଲ ଅତୀତର ସ୍ମୃତି ସମୂହ । କଲେଜରେ ବି. ଏ . ପଢୁଥିବା କୋଡିଏ ବର୍ଷର ସହରୀ ଝିଅଟିଏ ଶଶିପ୍ରଭା । ପାଠପଢ଼ା ଛାଡ଼ି ସାନବୋହୂ ହୋଇ ଆସିଲା ନିପଟ ମଫସଲ ଅଞ୍ଚଳର ମାଟି କାନ୍ଥ, ଚାଳ ଛପର ଘରକୁ । ଛାତ ପଡ଼ିଥିବା ଘର, ଗାଧୁଆଘର ଛାଡ଼ି ଗୋବର ଲିପା ମାଟିକାନ୍ଥ,ବରପାଲି ପାଇଖାନା । ଆଚମ୍ଭିତ ହୋଇ ସବୁ ଦେଖୁଥିଲା ଶଶିପ୍ରଭା । ମାସେ ଉଭାରେ ସାନ ନଣନ୍ଦର ବାହାଘର । ବାପଘରୁ ଆଣିଥିବା ଯୌତୁକ ଟଙ୍କା ସମେତ,ଲୁଗାପଟା,ପ୍ରସାଧନ ସାମଗ୍ରୀ ବାହାଘର କାମରେ ଲାଗିଗଲା । ଏପରିକି ଥରେ ଦାମିନୀ ଶାଶୁ ଘରକୁ ଯାଉଥିବା ସମୟରେ ନୂଆ ଶାଢ଼ି ନଥିବାରୁ ଅଡୁଆରେ ପଡ଼ିଥିଲେ ଶ୍ରୀଦେବୀ । ସଦ୍ୟ ବାପଘରୁ ଫେରିଥିବା ଶଶିପ୍ରଭାକୁ ଜଣାଇବାରୁ ସେ ତା'ର ପାଲଟା ଶାଢ଼ି ବିନା ଦ୍ୱିଧାରେ ଦେଇଥିଲା । ଅବଶ୍ୟ ପ୍ରତିବଦଳରେ ନୂଆ ଶାଢ଼ି ଦେବାର ପ୍ରତିଶ୍ରୁତି ପାଣିର ଗାର ହୋଇ ରହିଗଲା ।

ନିଜର ତଥା ଭଉଣୀର ବାହାଘର ପରେ, କୋରାପୁଟରେ ଚାକିରି କରୁଥିବା ସାନ ପୁଅ ଦିନେ ବାପାଙ୍କୁ କହିଲା- ବାପା, ଭାବୁଚି ଶଶିପ୍ରଭାକୁ ସାଙ୍ଗରେ ନେଇ ଯିବି । ରହିବା ପାଇଁ ସରକାରୀ ଘର ମିଳିଛି । ହେଲେ ହୋଟେଲ ଖାଦ୍ୟ ଦେହରେ ଯାଉନି । ବିଷର୍ଣ୍ଣ ଦେଖାଗଲେ ବାପା । କିଛି କ୍ଷଣ ଚିନ୍ତା କରି କହିଲେ- ଝିଅ ବାହା ହୋଇ ଶାଶୁ ଘରକୁ ଗଲା । ଏବେ ବୋହୂ ଚାଲିଗଲେ ଆମେ ବୁଢ଼ାବୁଢ଼ୀ ଦୁହେଁ ଅସହାୟ ହୋଇ ପଡ଼ିବୁ । କିଛି ଦିନ ଯାଉ । ମୁଁ ଖବର ଦେଲେ ଆସି ନେଇଯିବୁ । ବାପାଙ୍କ କଥା ଶୁଣି ଶ୍ରୀଦେବୀ ପ୍ରତିବାଦ କରିବାକୁ ଯାଉଥିଲେ । ସ୍ୱାମୀ ସ୍ତ୍ରୀ ହିସାବରେ ଆମେ ତ କେବେ ଅଲଗା ହୋଇ ରହିନୁ । ପୁଅ ବୋହୂଙ୍କୁ ଆମେ କାହିଁକି ଅଲଗା ରଖିବା । ବୈବାହିକ ସୁଖରୁ ସେମାନଙ୍କୁ କାହିଁକି ବଞ୍ଚିତ କରିବା । ଭଗବାନ ଆମକୁ କେବେହେଲେ କ୍ଷମା ଦେବେ ନାହିଁ । ଏହା ପାପ, ଅନ୍ୟାୟ ! ହେଲେ ସେ କିଛି ପ୍ରତିବାଦ କରି ପାରିଲେ ନାହିଁ । ଝିଅ ଥିଲାବେଳେ ସବୁ ଘରକାମ କରୁଥିଲା । ଏବେ ବୋହୂ ଚାଲିଗଲେ ଘର ସମ୍ଭାଳିବ କିଏ । ନିମିଷକେ ବାପାଙ୍କ ଭଳି ସେ ସ୍ୱାର୍ଥପର ହୋଇ ପଡ଼ିଲେ । ତାଙ୍କ ପାଟିରୁ ବଚନ ସ୍ଫୁରିଲା ନାହିଁ ସେ ଲକ୍ଷ କଲେ ବାପାଙ୍କ ନିଷ୍ପତ୍ତି ଶୁଣି ପୁଅ ମୁହଁରେ କଳା ମେଘ ଘୋଟି ଆସିଲା । ବହୁ କଷ୍ଟରେ ସେ କେବଳ ଏତିକି କହି ପାରିଲା - ହଉ, ଠିକ୍ ଅଛି ।

ପୁଅର ମେଘୁଆ ମୁହଁ ଦେଖି ଶ୍ରୀଦେବୀ ଆଉ କୋହ ଚାପି ରଖି ପାରିଲେନି । ଶୋଇବା ଘରକୁ ଯାଇ କବାଟ କିଳି ମନଇଚ୍ଛା କାନ୍ଦିଲେ ।

ପୁଅ ଗଲା ପରେ ଶଶିପ୍ରଭା ବେଶ୍ ମିଳିମିଶି ରହିଲା । ରନ୍ଧା ବଢ଼ା ସାରି ପ୍ରତିଦିନ ରାତିରେ ସେ ଗୋଡ଼ ଘଷିବାକୁ ଆସେ । ଶ୍ରୀଦେବୀ ମନା କରନ୍ତି । ବାପା କିନ୍ତୁ ମନା କରନ୍ତି ନାହିଁ । ଯେତେ ସମୟ ଘସିଲେ ବି ତାଙ୍କ ଗୋଡର ପରାଶ ମେଣ୍ଟେ ନାହିଁ । ବାଧ ହୋଇ ଶ୍ରୀଦେବୀ ମୁହଁ ଖୋଲନ୍ତି- ଶଶି ଶୋଇବୁ ଯାଆ । ସକାଳେ ସହଳ ଉଠିବାକୁ ପଡ଼ିବ ।

ଶଶିପ୍ରଭା ଉପରେ ବେଳେବେଳେ ରାଗ ହୁଏ ଶ୍ରୀଦେବୀଙ୍କର । ବଡ଼ବୋହୂ ଭଳି ସେ ସୁକୁସୁକୁ ହୁଅନ୍ତା ଭଲା । ପୁଅ ପାଖରେ ନେଇ ତାକୁ ଛାଡ଼ି ଦେଇ ଆସନ୍ତେ । ବିନା କାରଣରେ ସେ ଚିଡି ଉଠନ୍ତି । ଅଯଥାରେ ତାକୁ ହଇରାଣ କରିବାକୁ ଇଚ୍ଛା କରନ୍ତି । ଘରକୁ ଯାହା ଖାଇବା ଜିନିଷ ଆସେ ତାକୁ ଆଗ ଖାଇବାକୁ ବାରଣ କରନ୍ତି । ଆମ୍ବ ଆସିଲେ ଲୁଚାଇ ଦିଅନ୍ତି । ବାହାର କଲେ ଚିରୁଳେ ଦିଅନ୍ତି । ମାଛ ଆସିଲେ ତାକୁ ମୁଣ୍ଡ କିମ୍ବା ଲାଞ୍ଜ ଦିଅନ୍ତି । ସେ ଚାହିଁଲେ ବି ତାକୁ ରୋଟି ସହିତ କ୍ଷୀର ଦିଆଯାଏ ନାହିଁ । କ୍ଷୀର ପିଇବା ତ ବହୁତ ଦୂର କଥା । ତଥାପି ସେ କିଛି ପ୍ରତିବାଦ କରେନି । ସବୁ କାମ ହସି ହସି କରି ଯାଉଥାଏ ।

ବଡ଼ ପୁଅ ବୋହୂ ଯେବେ ଆସନ୍ତି, ଛେନା ମୁଡ଼ୁକି, ମିଠା ଆଣନ୍ତି । ସେମାନେ ଭାବନ୍ତି ଦୁନିଆରେ କେବଳ ସେହିମାନେ ହିଁ ଛେନା ମୁଡ଼ୁକି, ମିଠା ଖାଇ ପାରନ୍ତି । ତାଙ୍କ ଭାବନା ସହ ବାପାଙ୍କ ସହିତ ଶ୍ରୀଦେବୀ ମଧ ସାମିଲ ହୋଇଯାନ୍ତି । ଶଶିପ୍ରଭାକୁ ଘର ଭିତରେ ଚାବି ଦେଇ ବାହାରେ ଖଳାରେ ପଡ଼ିଥିବା ଦଉଡିଆ ଖଟ ଉପରେ ବସି ସମସ୍ତେ ଖାଆନ୍ତି । ଚାବି ଖୋଲି ଭିତରକୁ ଆସିଲେ ଶଶିପ୍ରଭା ସମସ୍ତଙ୍କୁ ଖାଇବା ବାଢ଼ି ଦିଏ । ନିଜ ପାଇଁ କିଛି ବଳକା ଖାଦ୍ୟ ଥିଲେ ଖାଏ । ନଥିଲେ ପାଣି ପିଇ ଶୋଇ ଯାଏ । ଡର ଲାଗେ ସାନ ପୁଅ କାନରେ କାଳେ ସବୁ କଥା ଫୋଡି ଦେବ । ସାନ ପୁଅ ଯେମିତି ରାଗି, ତାକୁ ଧରି ଚାକିରି ଜାଗାକୁ ପଳାଇବ । ହେଲେ ସେ ପୁଅକୁ କିଛି କହେ ନାହିଁ । ପୁଅ ନିଶ୍ଚିତ ହୋଇ ଯାଏ, ତା ସ୍ତ୍ରୀ ବାପାମାଆ ପାଖରେ ଖୁବ୍ ସୁଖରେ ଅଛି ।

କିଛି ଦିନପରେ ଶଶିପ୍ରଭାକୁ ଗୋହାଳ କାଢିବା ଏବଂ ଘର ଲିପା କାର୍ଯ୍ୟରେ ନିୟୋଜିତ କରାଗଲା । ଅବଶ୍ୟ ସେଥିପାଇଁ ତାକୁ ରୀତିମତ ତାଲିମ ଦିଆଯାଇଥିଲା । ଯେପରି ଗୋହଳରେ ଥିବା ଗୋବର ପାଛିଆରେ ପୁରାଇ ଖତ ଖାଣିଆରେ ଢାଳିବା, କଞ୍ଚା ଗୋବର ବାଲ୍ଟିରେ ନେଇ ଆନୁପାତିକ ପାଣି ମିଶାଇ ଛଞ୍ଚ କନାରେ ଘର ଚଟାଣ ସମେତ ନିଶୁଣି ଉପରେ ଛିଡା ହୋଇ କାନ୍ଥ ଲିପିବା ଇତ୍ୟାଦି । ପ୍ରଥମେ ପ୍ରଥମେ ତାକୁ ଅଡୁଆ ଲାଗୁଥିଲା । ପରେ ଧୀରେ ଧୀରେ ସବୁ ଅଭ୍ୟାସରେ ପଡ଼ିଗଲାଛ ଦିନେ ସେ ହାତରେ କନା ବାନ୍ଧି ଘର କାନ୍ଥ ଲିପୁଥିବା ସମୟରେ ତା' ବାପା ଅଚାନକ ପହଞ୍ଚି ଝିଅର ଅବସ୍ଥା ଦେଖି କପାଳରେ କରାଘାତ କରି କହିଲେ- ହାଏ ମୁଁ ଭାବିଥିଲି କ'ଣ, ହେଲା କ'ଣ! ତାପରେ ସେ କହିଲେ- ସମୁଦୁଣୀ ! ମୁଁ ଝିଅକୁ ନେବା ପାଇଁ ଆସିଛି । ତା' ମାଆର ଦେହ ବହୁତ ଖରାପ । ଝିଅକୁ ସେ ଦେଖିବାକୁ ଚାହୁଁଛି । କିଛି ଦିନ ପରେ ମୁଁ ଝିଅକୁ ଆଣି ଛାଡ଼ି ଦେଇ ଯିବି ।

ଶ୍ରୀଦେବୀ କହିଲେ- ଘରର ମୁରବୀଙ୍କୁ କୁହନ୍ତୁ । ସେ ଯାହା କହିବେ । ଘରର ମୁରବୀଙ୍କୁ ଖୋଜିଲା ବେଳକୁ ସେ କାହୁଁ ମିଳିବେ । ଝିଅର ବାପାଙ୍କୁ ଦେଖି ସେ ଉଡନଛୁ ମାରି ସାରି ଥାଆନ୍ତି। ଅତି ସୁନ୍ଦର ଉପାୟ ! ଯଦି ଝିଅ ବାପଘରୁ କେତେବେଳେ କେହି ନେବାକୁ ଆସନ୍ତି, ମୁରବୀ କୌଶଳ କ୍ରମେ ଖସି ପଳାନ୍ତ । ଘଣ୍ଟାଘଣ୍ଟା ଧରି ଅପେକ୍ଷା କଲେ ବି ସେ ଆଉ ଫେରନ୍ତି ନାହିଁ । ଏଥର ବି ସେଇୟା ହେଲାଛ ଘରର ମୁରବୀଙ୍କ ଅନୁମତି ବିନା ଝିଅ ବାପ ଘରକୁ ଯିବ କିପରି । ଶେଷରେ ନିରାଶ ହୋଇ ଝିଅର ବାପା ଫେରି ଯାଆନ୍ତି । ଯିବା ପୂର୍ବରୁ ଅଶ୍ରୁ ନିଗାଡୁ ଥିବା ଝିଅକୁ କହନ୍ତି- ମୋ ପାପର ଫଳ ତୁ ଭୋଗୁଚୁ । ଏକମାତ୍ର ଭଗବାନ ହିଁ ଆମର ଭରସା ।

ହଠାତ୍ ଶ୍ରୀଦେବୀଙ୍କୁ ହଲାଇ ଦେଇ ଦାମିନୀ କହିଲା- ମା' କ'ଣ ଏତେ ଭାବୁଚୁ । ଚୁପ୍‌ଚାପ୍ । କଥା କହୁନୁ କାହିଁକି । ଶ୍ରୀଦେବୀ କହିଲେ- କ'ଣ ଆଉ କହିବି । ଜଣେ ବାହାର ଲୋକ ଅଛି । ଅଯଥାରେ କଥା ପ୍ରଘଟ ହେବ । ବରଂ ଚୁପ୍ ଚାପ୍ ଏମିତି ପଛ କଥା ଅନୁଶୀଳନ କରିବା ଭଲ ।

ଏମିତି କିଛି ଦିନ ବିତି ଯିବା ପରେ ଦିନେ ବାପା ଅସୁସ୍ଥ ହୋଇ ପଡିଲେ । ଚିକିତ୍ସା ପାଇଁ ତାଙ୍କୁ ଉଦଳା ଡାକ୍ତରଖାନା ନିଆଗଲା । ସେଠାରେ କାର୍ଯ୍ୟରତ ଡାକ୍ତର କହିଲେ- ଆପଣଙ୍କ ବଡପୁଅ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଅଛନ୍ତି । ଆପଣ ସେଠାକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କଲେ ଭଲ ହେବ । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପେଟ ଅପରେସନ ପରେ ବାପା ଘରକୁ ଫେରିଲେ । ହେଲେ ତାଙ୍କୁ ମଝିରେ ମଝିରେ ବାନ୍ତି ହେଉଥିଲା । ଦୁର୍ବଳତା ହେତୁ ବାହାରକୁ ଯାଇ ବାନ୍ତି କରିବା ତାଙ୍କ ପକ୍ଷରେ ସମ୍ଭବ ନଥିଲା । ବାନ୍ତି କରିବା ପାଇଁ ତାଙ୍କ ପାଖରେ ଗୋଟେ ଅବ୍ୟବହୃତ ବେଲା ରଖା ଯାଇଥିଲା । ବାପା ବାନ୍ତି କରିସାରିବା ପରେ ଶଶିପ୍ରଭା ବେଲାରେ ଥିବା ବାନ୍ତି ନେଇ ବାହାରେ ଫୋପାଡୁ ଥିଲା । ପୁଣି ତାକୁ ସଫା କରିଆଣି ଯଥା ସ୍ଥାନରେ ରଖୁଥିଲା । ସେହି କାମ ସେ ନିର୍ବିକାର ଚିତ୍ତରେ କରୁଥିଲା । କେବେହେଲେ ତା ମୁହଁରେ ଘୃଣା ଭାବ ପରିଲକ୍ଷିତ ହୋଇ ନଥିଲା । ଅବଶ୍ୟ କର୍କଟ ବ୍ୟାଧିରେ ଆକ୍ରାନ୍ତ ବାପାଙ୍କର ପ୍ରାୟ ବର୍ଷେ ପରେ ଦେହାନ୍ତ ଘଟିଥିଲା ।

ପରେ ପରେ ଶ୍ରୀଦେବୀ ବି ଅସୁସ୍ଥ ହୋଇ ପଡିଲେ । ଶଶିପ୍ରଭା ତାଙ୍କୁ ନେଇ ଉଦଳା ଡ଼ାକ୍ତରଖାନାରେ ଦେଖାଇଲା । ଡାକ୍ତର ପରାମର୍ଶ ଦେଲେ- ଆଭ୍ୟନ୍ତରୀଣ ସମସ୍ୟା ହେତୁ ଅପରେସନ ନିହାତି ଜରୁରୀ । ଏଠାରେ ସମସ୍ତ ସୁବିଧା ଉପଲବ୍ଧ ନଥିବାରୁ ବାଲେଶ୍ୱର କିମ୍ବା ବାରିପଦା ନେଲେ ଭଲ ହେବ ।

ବାରିପଦାରେ ଶାଶୁ ବୋହୂ ଦୁହେଁ ପହଞ୍ଚିଲେ । ସେମାନଙ୍କୁ ଦେଖି ଅପ୍ରତିଭ ହୋଇ ପଡିଲେ ବଡ଼ ପୁଅ,ବଡ଼ ବୋହୂ । ଆସିବାର କାରଣ ପଚାରନ୍ତେ ଶଶିପ୍ରଭା କହିଲା- ମାଆଙ୍କ ଅପରେସନ ଅତ୍ୟନ୍ତ ଜରୁରୀ । ସେଥିପାଇଁ ଆସିଲୁ । ବଡ଼ ପୁଅ ଉତ୍ତେଜିତ ହୋଇ କହିଲା- ଉଦଳାରେ କ'ଣ ଡାକ୍ତର ନାହାନ୍ତି । ସେଠି ଅପରେସନ ନକରି ଏଠିକି ଆସିଲ କାହିଁକି? ଶ୍ରୀଦେବୀଙ୍କ ଉପରେ ବଜ୍ରାଘାତ ହେଲା ଯେମିତି । ଦୁଇ ହାତରେ ମୁଣ୍ଡକୁ ଧରି ସେ ପାଖରେ ଥିବା ଚୌକି ଉପରେ ବସି ପଡିଲେ । ଧନ୍ୟରେ ପୁଅ ! ଆମେ ବାପମାଆ କେତେ କଷ୍ଟ କରି ତୋତେ ପାଠ ପଢେଇଲୁ । ଭୋକ ଉପାସରେ ରହି, ଜମିବାଡ଼ି ବିକି, ଘରଦ୍ୱାର ବନ୍ଧା ପକେଇ ତୋତେ ଡାକ୍ତର କଲୁ । ବାପାଙ୍କ ଅପରେସନ ବେଳେ ଟଙ୍କାଟିଏ ବି ବାହାର କଲୁନି । ବଡ଼ଝିଅ ପାଖରୁ ଟଙ୍କା ଆଣି ଅପରେସନ କରାଗଲା । ଏବେ ମାଆକୁ ବି ହତାଦର କରୁଚୁ ! ଅପରେସନ ହେଲେ ଟଙ୍କା ଖର୍ଚ୍ଚ ହେବ ବୋଲି ଚିନ୍ତାରେ ପଡ଼ି ଯାଇଚୁ । ବାପା ଚାଲିଗଲା ପରେ ଏକାକୀ ଗାଁରେ ରହି ଭାଗ ଚାଷରୁ ମିଳିଥିବା ଧାନ ବିକ୍ରିକରି ସଞ୍ଚିଥିବା ଟଙ୍କା ଋଣ ପରିଶୋଧର ବାହାନା କରି ନେଇ ଆସୁ । ସେତେବେଳେ ମା' କେମିତି ଚଳିବ ସେ କଥା ଭାବି ତ ବିବ୍ରତ ବୋଧ କରି ନାହୁଁ । ତେବେ ଏବେ କାହିଁକି? ମୁଦ୍ରା ରାକ୍ଷସ !! ଶ୍ରୀଦେବୀ ଏତେ କଥା ଭାବିଗଲେ ସିନା, କିଛି କହି ପାରିଲେ ନାହିଁ । ବଡ଼ ପୁଅର ବିରକ୍ତି ଭାବ ଦେଖି ଶଶିପ୍ରଭା କହିଲା- ଆପଣ ମାଆଙ୍କ ଅପରେସନ ପାଇଁ ବ୍ୟବସ୍ଥା କଲେ ସମସ୍ତ ଖର୍ଚ୍ଚ ଆମେ ବହନ କରିବୁ । ଆପଣ ମନା କଲେ ଆମେ ବାଲେଶ୍ୱରରେ ତାଙ୍କ ଅପରେସନ କରିବୁ । ନିଶ୍ଚଳ ହୋଇ ବସିଥିବା ମାଆଙ୍କୁ ଚାହିଁଲା ବଡପୁଅ । ତାପରେ କହିଲା- ବାଲେଶ୍ୱର କାହିଁକି ନେବ ଏଇଠି ଅପରେସନ କରିବା । ଯାହା ଖର୍ଚ୍ଚ ହେବ ଅଧା ତମେ ଦେବ, ଅଧା ଆମେ ।

ଶ୍ରୀଦେବୀଙ୍କ ଅପରେସନ ହେଲା ବାରିପଦାରେ । ଖବର ପାଇ ବଡ଼ଝିଅ ଆସିଲା । ସାନଝିଅର ଦେଖା ନଥିଲା । ସମୁଦାୟ ଅପରେସନ ଖର୍ଚ୍ଚର ଅର୍ଦ୍ଧାଂଶ ଶଶିପ୍ରଭା ଦେଇଥିଲା । ପରେ ଜଣା ପଡିଥିଲା ଅବଶିଷ୍ଟ ଅର୍ଦ୍ଧାଂଶ ବଡ଼ଝିଅ ଠାରୁ ବଡ଼ ପୁଅ ଆଦାୟ କରିଥିଲା । ଧନ୍ୟରେ ପୁଅ ! ଏଥର ବି ତୋତେ ଟଙ୍କାଟେ ଖର୍ଚ୍ଚ କରିବାକୁ ପଡିଲାନି !!

ଅପରେସନର ଗୋଟିଏ ଦିନ ପରେ ସାନପୁଅ କହିଲା- ମାଆ ମୁଁ ଶଶିପ୍ରଭାକୁ ଉଦଳା ନେଇ ଯାଉଚି । ଘରେ ପିଲା ଦୁଇଟା ବହୁତ ହଇରାଣ ହେଉଥିବେ । ଏଠି ନର୍ସିଂହୋମରେ ତ ସବୁ ସୁବିଧା ଅଛି । ବଡ଼ ପୁଅ ଘର ଏଠାରୁ ମାତ୍ର ଗୋଟିଏ କିଲୋମିଟର ଦୂରରେ । ସେଠି ବଡ଼ ପୁଅ ସମେତ ବଡ଼ ବୋହୂ, ବଡ଼ ଝିଅ, ନାତି ଅଛନ୍ତି । ତୋର କିଛି ଅସୁବିଧା ହେବନି । ଶ୍ରୀଦେବୀ କିଛି କହିଲେନି । ହେଲେ ତାଙ୍କ ମଳିନ ମୁହଁରେ କେତୋଟି ଚିନ୍ତାର ରେଖା ଫୁଟି ଉଠିଲା । ବିଦାୟ ନେବା ଅବସରରେ ପ୍ରଣାମ କଲାବେଳେ ହଠାତ୍ ସେ ଶଶିପ୍ରଭା ହାତକୁ ଧରିପକାଇ କହିଲେ- ତୁ ଯାଆନି । ରହିଯାଆ । ତୁ ଗଲେ ମୁଁ ମରିଯିବି ।

ସାନପୁଅ କହିଲା- ମାଆ ! ତୁ ଏମିତି ଅବୁଝା ହେଉଚୁ କାହିଁକି? ଶ୍ରୀଦେବୀ କିଛି ନକହି ଚୁପ୍‌ଚାପ୍ ବସି ରହିଲେ । ଆଖିରୁ ତାଙ୍କର ଧାର ଧାର ଲୁହ ବୋହି ଯାଉଥିଲା । ମାଆଙ୍କ ଆଖି ଲୁହରେ ଦ୍ରବୀଭୂତ ହୋଇ ପଡିଲେ ପୁଅବୋହୂ । ପରିଶେଷରେ ଶଶିପ୍ରଭା ସାନ ପୁଅକୁ କହିଲା- ହଉ, ମୁଁ ମାଆଙ୍କ ପାଖରେ ଆଉ କିଛି ଦିନ ରହି ଯାଉଚି । ମୁଁ ଖବର ଦେଲେ ତମେ ଆସି ନେଇଯିବ ।

ଶ୍ରୀଦେବୀଙ୍କ ଅନୁମାନ ଠିକ୍ ଥିଲା । ଶଶିପ୍ରଭା ରହିବାରୁ ନର୍ସମାନେ କେହି ଧରା ଛୁଆଁ ଦେଲେନି । ପାଲଟା ଲୁଗା ଧୋଇବା,ଶୌଚ କାର୍ଯ୍ୟରେ ସହାୟକ ହେବା, ରୁମ୍ ଝାଡୁ କରିବା, ବିଛଣା ବିଛେଇବା, ଯଥା ସମୟରେ ଔଷଧ ଦେବା ଆଦି ସମସ୍ତ କାମ ଶଶିପ୍ରଭା କରୁଥିଲା । ଏପରିକି ଦିନରେ ଏବଂ ରାତିରେ ମଧ ବଡ଼ ପୁଅଘରୁ ଚାଲିଚାଲି ତାଙ୍କ ପାଇଁ ଖାଇବା ଆଣୁଥିଲା । ବଡ଼ ପୁଅ,ବଡ ବୋହୂ, ନାତି କିମ୍ବା ବଡ଼ ଝିଅ କେହିହେଲେ ଏ ବିଷୟରେ ଚିନ୍ତା କରୁନଥିଲେ । ବଡ଼ ଝିଅ କହୁଥିଲା- ସାନ ବୋହୂ ବାପାମାଆଙ୍କ ଚାକରାଣୀ ଥିଲା । ଏବେ କେବଳ ମାଆର ଚାକରାଣୀ ।

ବଡ଼ ପୁଅ କହୁଥିଲା- ମାଗଣାରେ କ'ଣ ବିରାଡ଼ି ଡିଆଁ ଖାଆନ୍ତା । ଚାକରାଣୀ ହୋଇ ଚାକରାଣୀ କାମ କରିବାରେ ଅସୁବିଧା କୋଉଠି ରହିଲା । ନାତି ଟୋକା କହୁଥିଲା- ସମସ୍ତେ କ'ଣ ମୋ ମାଆ ଭଳିଆ ରାଣୀ ହୋଇ ରହି ପାରିବେ !!! ହଠାତ୍ ପଶି ଆସୁଥିବା ବଡ଼ବୋହୂ ପଚାରିଲା- କୋଉ ଚାକରାଣୀ । ନାତି ଟୋକା କହିଲା- ଇସ୍ କି ଆକ୍ଟିଂ ! ସାତ ଖଣ୍ଡ ରାମାୟଣ ସରିଲାଣି, ପଚାରୁଚ ସୀତା ମାଇ କି ଅଣ୍ଡିରା !!!

ହଠାତ୍ ଦମିନୀ ଚିତ୍କାର କରି ଉଠିଲା- ମାଆ ! ଆମେ ଉଦଳା ପହଞ୍ଚି ସାରିଲେଣି ! ଗହନ ଚିନ୍ତା ରାଜ୍ୟରୁ ସହସା ଫେରି ଆସିଲେ ଶ୍ରୀଦେବୀ । ବାହାରକୁ ଚାହିଁ ଦେଖିଲେ ଶଶିପ୍ରଭା ହସିହସି ତାଙ୍କ ଆଡ଼କୁ ଆଗେଇ ଆସୁଚି ।

ଉଦଳା,ମୟୂରଭଞ୍ଜ
ମୋ: ୯୪୩୯୨୯୫୦୦୯

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୮ ଜାନୁଆରୀ ୨୦୨୬ । ଗୁରୁବାର

# ଧାନ ଦଲାଲକୁ ଧରିଲେ ବିଧାୟକ



**ଟିଟିଲାଗଡ଼,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା ପ୍ରଶାସନ ଡିସେମ୍ବର ୫ରୁ ଧାନ ମଣ୍ଡି ଖୋଲି ଚାଷୀଙ୍କ ଧାନ କ୍ରୟ କରିବ ବୋଲି ଘୋଷଣା କରିଥିଲା । ହେଲେ ଡିସେମ୍ବର ୨୦ ତାରିଖରେ ମଣ୍ଡି ଖୋଲିଲା । ଯାହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଅନେକ ଚାଷୀ ଦଲାଲର ଶିକାର ମଧ୍ୟ ହୋଇଛନ୍ତି । ଦଲାଲମାନେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ୩୧୬୯ ଟଙ୍କା ବଦଳରେ ୨୫୦୦ ଟଙ୍କା ମଧ୍ୟରେ ଧାନ କ୍ରୟ କରୁଛନ୍ତି ।

ଏଭଳି କ୍ଷେତ୍ରରେ ଗତ ୫ ତାରିଖରୁ ମିଲର୍ସଙ୍କ ଆନ୍ଦୋଳନ ନେଇ ମଣ୍ଡି ସମ୍ପୂର୍ଣ୍ଣ ବନ୍ଦ ପଡିଛି । ଏନେଇ ଦଲାଲ ଉତ୍ସାହିତ ହୋଇଥିବା ବେଳେ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛି । ଏହି ପରିପ୍ରେକ୍ଷୀରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଅଭିଯୋଗ ପାଇ ଆଜି ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଘୋଡାର ଗାଁରେ ଚାଷୀଙ୍କ ଠାରୁ କମ ଦରରେ ଧାନ କିଣୁଥିବା ଜଣେ ଦଲାଲଙ୍କୁ ଯାଇ ଧରିବା ଚର୍ଚ୍ଚାର ବିଷୟ ହୋଇଛି । ପରେ ପୋଲିସ ଡାକି ବିଧାୟକ ଧାନ ଗାଡି ସହ ଉକ୍ତ ଦଲାଲକୁ ଧରାଇଥିଲେ ।

# 'ଜମି ଦୁର୍ନୀତିର ତଦନ୍ତ ନହେଲେ ଅନଶନ'

**ଝାରସୁଗୁଡ଼ା,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଝାରସୁଗୁଡ଼ା ପୌରପରିଷଦ ଅନ୍ତର୍ଗତ ସାରସମାଲ ଗ୍ରାମ ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜମିରେ ବଡ଼ ଧରଣର ବେଆଇନ କାରବାର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି । ଅଞ୍ଚଳରେ ପ୍ରାୟ ଗ୍ରାମ୍ୟ ଜଙ୍ଗଲ, ବଡ଼ ଜଙ୍ଗଲ, ଗୋଚ଼ର ଜମି ଓ ଅନ୍ୟାନ୍ୟ କିସମର ସରକାରୀ ଜମି ଥିଲା । କିନ୍ତୁ କିଛି ମୁଷ୍ଟିମେୟ ପରିବାର ସରକାରୀ ଜମି ତାଙ୍କ ନାମରେ ନେଇଯାଇଥିବା ଅଭିଯୋଗ ହୋଇଛି । ସାରସମାଲ ଗ୍ରାମବାସୀ ଓ ଯୁବ ସାମ୍ମୁଖ୍ୟର ମିଳିତ ଉଦ୍ୟମରେ ହଜାର ହଜାର ଗ୍ରାମବାସୀ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରି ଧାରଣା ଦେବା ସହିତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ ।

ଯୁବ ସାମ୍ମୁଖ୍ୟର କହିବା ଅନୁସାରେ ଏହି ଜମି ଗୁଡ଼ିକ କେଉଁଭଳି ଭାବରେ ମୁଷ୍ଟିମେୟ ପରିବାର ବର୍ଗଙ୍କ ନାମରେ ନାମିତ ହୋଇଛି ଏବଂ ଜମି ପଟ୍ଟା ମିଳିଛି ତାର କୌଣସି ପ୍ରକାର ନଥିପତ୍ର ଜିଲା ରେକର୍ଡ ରୁମ, ତହସିଲ, ସମ୍ବଲପୁର ବନ୍ଦୋବସ୍ତ କାର୍ଯ୍ୟାଳୟରେ ମିଳୁ ନାହିଁ । ଶହ ଶହ କୋଟି ମୂଲ୍ୟର ଜମି ହେରଫେର କରି କିଛି ମୁଷ୍ଟିମେୟ ପରିବାର ତାଙ୍କ ନାମରେ ନାମିତ କରିଥିବା ଯୁବ ସାମ୍ମୁଖ୍ୟ ପକ୍ଷରୁ ଅଭିଯୋଗହୋଇଛି । ଅନ୍ୟପକ୍ଷରେ ସେହି ଜାଗାରେ ଦୀର୍ଘ ବର୍ଷ ଧରି ରହି ଆସୁଥିବା ଗ୍ରାମବାସୀ ଜମି ସ୍ୱାମିତ୍ୱର ଅଧିକାର ପାଇ ନାହାନ୍ତି । ପୂର୍ବ ସରକାର ଅନେକ ସମୟରେ ଭୂମିହୀନମାନଙ୍କୁ ଜମି ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ସେହି ଜାଗାରେ ଦୀର୍ଘ ବର୍ଷ ଧରି ରହି ଆସୁଥିବା ଗ୍ରାମବାସୀ ଜମି ସ୍ୱାମିତ୍ୱର ଅଧିକାର ପାଇ ନାହାନ୍ତି । ପୂର୍ବ ସରକାର ଅନେକ ସମୟରେ ଭୂମିହୀନମାନଙ୍କୁ ଜମିପଟ୍ଟାଆବଣ୍ଟନ କରିଥିଲେ । କିନ୍ତୁ ଜମି ଚିହ୍ନଟ କିମ୍ବା ଦଖଲ ପ୍ରଦାନ କରିନାହାନ୍ତି । ଗ୍ରାମବାସୀଙ୍କ ପ୍ରତି ଏଭଳି ପ୍ରତାରଣା ଅସନ୍ତୋଷର କାରଣ ହୋଇଛି । ସାମ୍ମୁଖ୍ୟର ସକ୍ରିୟ ସଦସ୍ୟ ରୂପେଶ ମୁଣ୍ଡାଙ୍କନେତୃତ୍ୱରେ ଗ୍ରାମବାସୀ ବେହେରାମାଲ କିସାନ ଛକରୁ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ଜିଲ୍ଲାପାଳ କୁଣାଲ ମୋତି ରାମଚନ୍ଦ୍ରାଣଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଜମି ଦୁର୍ନୀତିର ଯାଞ୍ଚ ପାଇଁ କମିଟି ଗଠନ, କମିଟିରେ ୨ ଗ୍ରାମବାସୀଙ୍କୁ ସଦସ୍ୟ ରଖିବା, ପଟ୍ଟା ପାଇଥିବା ଭୂମିହୀନଙ୍କ ଜମି ଚିହ୍ନଟ କରି ଦଖଲ ପ୍ରଦାନ ଆଦି ନେଇ ଦାବି ହୋଇଛି । ୧ ମାସ ମଧ୍ୟରେ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନରେ ବସିବାକୁ ଚେତାବନୀ ଦିଆଯାଇଛି । ଯୁବ ସାମ୍ମୁଖ୍ୟର ଉପଦେଷ୍ଟା ପ୍ରଭାକର ଓରାମ, ରବୀନ୍ଦ୍ର ସୋହେଲା, ପର୍ଯ୍ୟବେକ୍ଷକ ଜିତେନ୍ଦ୍ରୀୟ ଧୁରୁଆ, ସହ-ପର୍ଯ୍ୟବେକ୍ଷକ ଅସିମ ପଟେଲ, ସାଧାରଣ ସଂପାଦକ ନନ୍ଦୁ ରୋହିଦାସ, ଗ୍ରାମବାସୀ କାଶୀନାଥ ମୁଣ୍ଡା, ଜଗନ୍ନାଥ ମୁଣ୍ଡା, ନାଏକ ବାର୍ଲା, ଶ୍ୟାମସୁନ୍ଦର ବାର୍ଲା, ଅମିତ ମୁଣ୍ଡା, ଧନିରାମ ରୋହିଦାସ, ଗୋପି ମୁଣ୍ଡା, ଅଜିତ ଓରାମ, ଗୋପିନାଥ ମୁଣ୍ଡା, ମୋହନ କୁଜୁର, କୈଳାସ ତିର୍ଗା, ସୀତାରାମ କୁଜୁର, ନିରଞ୍ଜନୀ ମୁଣ୍ଡା, ଫୁଲ ମୁଣ୍ଡା, ରାଧା ମୁଣ୍ଡା, ସୁମନ ସାହୁ, ଦସମୀ ମୁଣ୍ଡା, ଅଷ୍ଟମୀ ମୁଣ୍ଡା, ଶିବଯାତ୍ରୀ କୁଜୁର, ନନ୍ଦୁ ମୁଣ୍ଡା, ଶୈଳେନ୍ଦ୍ରୀ ମୁଣ୍ଡା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ ।

# ଯାତ୍ରୀଙ୍କୁ ହଇରାଣ କରୁଛନ୍ତି ଟିକେଟ୍ କାଉଣ୍ଟର ହକର

**ଦାରିଙ୍ଗବାଡି,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ଗୌଡ଼ ସାହିର ଜଣେ ବିଧବା ମହିଳାଙ୍କୁ ଘରୋଇ ବସର ଟିକେଟ୍ କାଉଣ୍ଟରର ହକର ଟିକେଟ ପଇସା ନ ଫେରାଇ ଓଲଟା ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରୁଥିବା ଅଭିଯୋଗ ହୋଇଛି । ମହିଳା ଜଣଙ୍କ ଉକ୍ତ ଟିକେଟ କାଉଣ୍ଟର ହକରର ନିର୍ଯାତନା ସହିନପାରି ଥାନାକୁ ଅଭିଯୋଗ କରିବାକୁ ପହଞ୍ଚିଥିବା ମହିଳା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏଭଳି ଉକ୍ତ ହକର ଜଣଙ୍କ ତାଙ୍କ ପ୍ରତି ବାରମ୍ବାର ଏକାଧିକଥର ବାତିଲ ହୋଇଥିବା ଟିକେଟ୍‌ର ଅର୍ଥ ଫେରାଇନଥିବା ସେ ଅଭିଯୋଗ କରିଛନ୍ତି । ପ୍ରକାଶ ଯେ ଗୌଡ଼ ସାହିର ଶଶୀ ଗୌଡ଼ ଜଣେ ବିଧବା ମହିଳା ସେ ତାଙ୍କ ଝିଅ ପୁଅଙ୍କୁ ନେଇ ଗୌଡ଼ ସାହିରେ ରହୁଥିବା ବେଳେ ତାଙ୍କ ଝିଅ ଏକ ରାସ୍ତା ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଏବେ ଦିବ୍ୟାଙ୍ଗ ହୋଇଛନ୍ତି । ସେ ତାଙ୍କର ଚିକିତ୍ସା ପାଇଁ ବାରମ୍ବାର ଭୁବନେଶ୍ୱର ଓ ବ୍ରହ୍ମପୁର ଯାଉଥିବାବେଳେ ଗତ ଡିସେମ୍ବରରେ ସେ ଭୁବନେଶ୍ୱର ଯିବାକୁ ଦାରିଙ୍ଗବାଡି ବସ୍ ଷ୍ଟାଣ୍ଡ ଚକାଡୋଲା ବସ୍‌ରେ ଅଗ୍ରିମ ଟିକେଟ୍ କରିଥିଲେ । ସେ ହକର ତାରାପ୍ରସାଦ ସାହୁଙ୍କୁ ଟିକେଟ୍ ପାଇଁ କୁଆଡେ ୟୁପିଆଇରେ ୪୦୦ ଟଙ୍କା ପ୍ରଦାନ କରିଥିଲେ । କିନ୍ତୁ ଶଶୀଙ୍କ ଭୁବନେଶ୍ୱର ଯିବା ବାତିଲ ହେବାରୁ ସେ ଟିକେଟ୍ କାଉଣ୍ଟରରେ ଅଗ୍ରିମ ଜଣାଇଥିଲେ ଓ ତାଙ୍କ ଅର୍ଥ ଫେରାଇବାକୁ କହିଥିଲେ ହେଲେ ତାଙ୍କ ପଇସା ସେ ଏବେ ସୁଦ୍ଧା ପାଇନଥିବା କହିବାରୁ ତାଙ୍କୁ ଦୁର୍ବ୍ୟବହାର ଦେଖାଇଥିବା ଘଟଣା ଶଶୀ ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି । ସେ ମଙ୍ଗଳବାର ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ । ନୂଆ ଅଫିସର ଥିବାରୁ ସେ ଆଇଆଇସିଙ୍କୁ ଚିହ୍ନି ନ ପାରି ଫେରିଆସିଥିଲେ । ସେ ଆହୁରି କହିଛନ୍ତି ଯେ, ପୂର୍ବରୁ ଏମିତି ଅଗ୍ରିମ ଟିକେଟ୍ କରି ତାଙ୍କ ଗସ୍ତ ବାତିଲ ହୋଇ ୧୬ ଟଙ୍କା ସେ ଫେରିପାଇବାକୁ ରହିଥିବା ବେଳେ ମୋଟ ୨ ହଜାର ଟଙ୍କା ସେ ଫେରିପାଇବାକୁ ଥିବା କହିଛନ୍ତି । ଏ ନେଇ ହକର ତାରାପ୍ରସାଦ ସାହୁଙ୍କୁ ତାଙ୍କ ଫୋନ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ଖବର ଲେଖିବା ସୁଦ୍ଧା ଫୋନ ରିଡିଭ କରିନଥିଲେ । ଘଟଣାର ସତ୍ୟାସତ୍ୟ ତଦନ୍ତ ହେବା ଓ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଶଶୀଙ୍କ ଭଳି ଏହି ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଘରୋଇ ବସ୍‌ଗୁଡ଼ିକରେ ଯାତ୍ରୀ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି ।

# ଗୃହପାଳିତ ପଶୁଙ୍କ ଲାଗି ସ୍ୱାସ୍ଥ୍ୟ ସେବା

**ରାୟଗଡ଼ା,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**



ରାୟଗଡ଼ା ବନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର ଅଧୀନରେ ରାୟଗଡ଼ା ବନଖଣ୍ଡର ରାୟଗଡ଼ା ବନାଞ୍ଚଳ ସେକ୍ସନ କାର୍ଯ୍ୟାଳୟ ତରଫରୁ ଲଡ଼ା ଗ୍ରାମରେ ଗୃହପାଳିତ ପଶୁମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ କରାଯାଇଥିଲା ।

ଏହି ଶିବିରରେ ଗ୍ରାମର ଗାଈ, ମହିଷ, ଛେଳି ଓ ଅନ୍ୟାନ୍ୟ ଗୃହପାଳିତ ପଶୁମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା, ପ୍ରତିରୋଧାତ୍ମକ ସେବା ସହ ପଶୁ କଲ୍ୟାଣ ସମ୍ବନ୍ଧୀୟ ସଚେତନତା ପ୍ରଦାନ କରାଯାଇଥିଲା । ଏହା ଦ୍ୱାରା ପଶୁପାଳନ ଉପରେ ନିର୍ଭରଶୀଳ ଗ୍ରାମବାସୀମାନେ ଉପକୃତ ହୋଇଥିଲେ ।

ଏହି କାର୍ଯ୍ୟକ୍ରମରେ ରବି ଚନ୍ଦ୍ର ପାତ୍ର, ଫୋରେଷ୍ଟର, ଗୁମ୍ମା ପଦ୍ମାବତୀ ପାଢ଼ୀ, ଫୋରେଷ୍ଟର ଲାବଣ୍ୟା ମାଝୀ, ବନରକ୍ଷୀ, ଗୁମ୍ମା ବିଟ ସହିତ ପଶୁଚିକିତ୍ସା କର୍ମଚାରୀ ଓ ଗ୍ରାମବାସୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ସମନ୍ୱିତ ପ୍ରୟାସ ଫଳରେ ଶିବିରଟି ସଫଳ ଭାବେ ସମ୍ପନ୍ନ ହୋଇଥିଲା । ଏହି ପଦକ୍ଷେପ ଦ୍ୱାରା ବନ ବିଭାଗର ପଶୁ କଲ୍ୟାଣ, ପରିବେଶ ସୁରକ୍ଷା ଏବଂ ବନାଞ୍ଚଳ ଗ୍ରାମଗୁଡ଼ିକ ସହ ସମ୍ପର୍କ ସୁଦୃଢ଼ କରିବା ପ୍ରତି ପ୍ରତିବଦ୍ଧତା ପ୍ରତିଫଳିତ ହୋଇଛି ।

# ମୁଖ୍ୟମନ୍ତ୍ରୀଙ୍କ ସହ ଯାଜପୁର ବିକାଶ ଉପରେ ଆଲୋଚନା

**କଳିଙ୍ଗନଗର,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନ ଅବସରରେ ଯାଜପୁର ଜିଲ୍ଲାର ବିଜେପି ନେତୃତ୍ୱ ତାଙ୍କୁ ସାକ୍ଷାତ କରି ଜନ୍ମଦିନର ଶୁଭେଚ୍ଛା ଜଣାଇଥିବା ବେଳେ, ଏହି ସାକ୍ଷାତକାରକୁ ଜିଲ୍ଲା ବିକାଶ ଓ ଆସନ୍ତା ରାଜନୈତିକ ପରିବର୍ତ୍ତନର ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ଭାବେ ଦେଖାଯାଉଛି ।

ଏହି ଉଚ୍ଚସ୍ତରୀୟ ସାକ୍ଷାତକାରରେ ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଯାଜପୁର ସଂସଦ ରବି ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ବରଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଯାଜପୁର ବିଧାୟକ ପାର୍ଥୀ ଗୌତମ ରାୟ, ବିଂଝାରପୁର ବିଧାୟକ ସବିତା ମଲିକ ସହ ଯାଜପୁର ଜିଲ୍ଲା ବିଜେପି ସଭାନେତ୍ରୀ ଦେବଯାନୀ ପ୍ରଧାନ ଓ ଅନ୍ୟାନ୍ୟ ନେତୃତ୍ୱ ବୃନ୍ଦ ଉପସ୍ଥିତ ଥିଲେ । ସାକ୍ଷାତକାର ସମୟରେ ଯାଜପୁର ଜିଲ୍ଲାର ସମଗ୍ର ବିକାଶ, କଳିଙ୍ଗନଗର ଶିଳ୍ପାଞ୍ଚଳ, ଯୋଗାଯୋଗ ବ୍ୟବସ୍ଥା, ପାନୀୟଜଳ ସମସ୍ୟା, ସ୍ୱାସ୍ଥ୍ୟ ସେବା, ନିଯୁକ୍ତି ସୃଷ୍ଟି, ସମବାୟ ଓ ହସ୍ତତନ୍ତ କ୍ଷେତ୍ରର ସୁଦୃଢ଼ିକରଣ ସହ ଆଦିବାସୀ ଓ ଗ୍ରାମୀଣ ଉନ୍ନତିକୁ କେନ୍ଦ୍ର କରି ମୁଖ୍ୟମନ୍ତ୍ରୀଙ୍କ ସହ ଗଭୀର ଓ ସକରାତ୍ମକ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁରକୁ ରାଜ୍ୟର ବିକାଶ ମାନଚିତ୍ରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେବା ସହ ସରକାର ଯାଜପୁରର ଉନ୍ନତି ପାଇଁ ପ୍ରତିବଦ୍ଧ ବୋଲି ସଙ୍କେତ ଦେଇଥିବା ଜଣାପଡ଼ିଛି । ରାଜନୈତିକ ପର୍ଯ୍ୟବେକ୍ଷକମାନଙ୍କ ମତରେ, ଏହି ସାକ୍ଷାତକାର ମାଧ୍ୟମରେ ବିଜେପି ଯାଜପୁର ଜିଲ୍ଲାରେ ଦଳୀୟ ସଂଗଠନକୁ ଆହୁରି ସୁଦୃଢ଼ କରିବା ସହ ବିକାଶକୁ ନିଜର ମୁଖ୍ୟ ରାଜନୈତିକ ଏଜେଣ୍ଡା ଭାବେ ଆଗେଇ ନେବାର ସ୍ପଷ୍ଟ ସନ୍ଦେଶ ଦେଇଛି । ଏହି ଅବସରରେ ବିଜେପି ନେତୃତ୍ୱ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ, ସୁସ୍ଥ ଓ ନିରାମୟ ଜୀବନ ପାଇଁ କାମନା କରିଛନ୍ତି ।

# କୁମ୍ଭୀର ଗଣନା ତାଲିମ

**ଦିଗପହଣ୍ଡି,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଦିଗପହଣ୍ଡି ଖମ୍ବାରୀ ଗାଁ ପଞ୍ଚାୟତରେ ଥିବା ବନ ବିଭାଗ ଇକୋ ପାର୍କରେ ବ୍ରହ୍ମପୁର ବନଖଣ୍ଡ କାର୍ଯ୍ୟାଳୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ କୁମ୍ଭିର ଗଣନା ତାଲିମ ଶେଷ ହୋଇଛି । ସହକାରୀ ବନ ସଂରକ୍ଷକ ସସ୍ମିତା ବିଶ୍ୱାଳ ଯୋଗ ଦେଇ ବନପାଳ ଓ ବନ ରକ୍ଷୀମାନଙ୍କୁ କୁମ୍ଭୀର ଗଣନା ତାଲିମ ଦେଇଛନ୍ତି । ଗୁରୁବାର ଗଣନା କାର୍ଯ୍ୟ ଶେଷ ହେବ । ଗତବର୍ଷ ଘୋଡାହାଡ ଗ୍ରାମରେ ୬୪ଟି କୁମ୍ଭିର ଓ ଆଖପାଖ ଗ୍ରାମ ପୋଖରୀ, ଜଳାଶ୍ରୟରେ ୨୩ଟି ଏପରି ୮୭ଟି କୁମ୍ଭୀର ଥିଲେ । ଚଳିତ ବର୍ଷ ଏ ସଂଖ୍ୟା ବୃଦ୍ଧି ପାଇବା ସମ୍ଭାବନା ରହିଛି । ଏହି ଶିବିରକୁ ଦିଗପହଣ୍ଡି ବନପାଳସନ୍ତୋଷ କୁମାର ବିଷୋୟୀ ପରିଚାଳନା କରିଥିଲେ ।

# ପାଣି ପଞ୍ଚାୟତ ସଚେତନତା

**କେନ୍ଦ୍ରାପଡ଼ା,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟବ୍ୟାପି ପାଣି ପଞ୍ଚାୟତ ପକ୍ଷ-୨୦୨୬ ଜାନୁଆରୀ ୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି । ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଜଳସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ ଏକ ସଚେତନତା ରଥକୁ ଜିଲ୍ଲାପାଳ ରଘୁରାମ ଆର.ଆୟର ପୂର୍ବାହ୍ନ ୧୦.୩୦ ମିନିଟ ସମୟରେ ଶୁଭ ଉଦଘାଟନ କରିଛନ୍ତି । ଉକ୍ତ ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକ ମୁଖ୍ୟାଳୟ, ପ୍ରମୁଖ ସେଚ ଅଞ୍ଚଳ ମାର୍ଗ ଦେଇ ପାଣି ପଞ୍ଚାୟତର ସଫଳତା ତଥା କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା ବାର୍ତ୍ତା ବଣ୍ଟନ କରିବ । 'ପାଣି ପଞ୍ଚାୟତ-ଚାଷୀ ଓ ଚାଷର ହିତେ ସର୍ବଦା ଜାଗ୍ରତ 'ସ୍ଲୋଗାନର ବାର୍ତ୍ତା ଜନସାଧାରଣଙ୍କ ମଧ୍ୟରେ ବାଣ୍ଟିବ । ମହିଳାମାନଙ୍କର ପାଣି ପଞ୍ଚାୟତରେ ସଂପୃକ୍ତି ଓ ସମାନତାର ଅଧିକାର ବାର୍ତ୍ତା ମଧ୍ୟ ଲୋକମାନଙ୍କ ନିକଟରେ ପହଞ୍ଚାଇବ । ପାଣି ପଞ୍ଚାୟତମାନଙ୍କ ଦକ୍ଷତା ବିକାଶ, ନିରନ୍ତର ଜଳସେଚନ ଓ ଜଳବାୟୁ ସହନଶୀଳ କୃଷି ମାଧ୍ୟମରେ କୃଷକମାନେ ସଶକ୍ତ ହେବା ସହ ନିଜର ରୋଜଗାରକୁ ବୃଦ୍ଧି କରିପାରିବେ ବୋଲି ଜିଲ୍ଲାପାଳ ମତ ରଖିଥିଲେ । ପାଣି ପାୟତର ପ୍ରତ୍ୟେକ ସଦସ୍ୟଙ୍କ ଭାଗିଦାରୀ ଓ ସମନ୍ୱୟ ବିନା ପାଣି ପଞ୍ଚାୟତର ସଫଳ କାର୍ଯ୍ୟାନ୍ୱୟନ ସମ୍ଭବ ନୁହେଁ ବୋଲି ମଧ୍ୟ ସେ ମତବ୍ୟକ୍ତ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶୁଭ ଉଦଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ସ୍ୱାଇଁ, ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂହ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରାହ୍ମଣ ମହାସଭାର କର୍ମକର୍ତ୍ତା ନିର୍ବାଚନ

**କେନ୍ଦ୍ରାପଡ଼ା,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଓ ପୌରପରିଷଦ ପାଇଁ ବ୍ରାହ୍ମଣ ମହାସଭାର ନୂତନ କର୍ମକର୍ତ୍ତା ନିର୍ବାଚନ କପାଳେଶ୍ୱର ସ୍ଥିତ ଗୋପାଳଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ନିତ୍ୟାନନ୍ଦ ମିଶ୍ର । ପ୍ରଥମେ ବେଦପାଠ କରିଥିଲେ ଅବିନାଶ ମିଶ୍ର । ପଣ୍ଡିତ ହରେକୃଷ୍ଣ ପତି ସମସ୍ତଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ସଭାର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲା ସମ୍ପାଦକ ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର ଓ ପଣ୍ଡିତ କ୍ଷୀରୋଦ କୁମାର ପଣ୍ଡା ସଂସ୍କୃତ ଭାଷାର ଆବଶ୍ୟକତା ଓ ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସଂପ୍ରତି ନିଯୁକ୍ତି କ୍ଷେତ୍ରରେ ଅର୍ଥନୈତିକ କ୍ଷେତ୍ରରେ ପଛୁଆ ବର୍ଗ ତଥା ମେଧା ଭିତ୍ତିରେ ଅଧିକ ନିଯୁକ୍ତି ପ୍ରଦାନ କରାଯିବା ପାଇଁ ଶିକ୍ଷାବିତ ନୃସିଂହ ଚରଣ ତ୍ରିପାଠୀ ମତ ପୋଷଣ କରିଥିଲେ । କର୍ମକର୍ତ୍ତାମାନଙ୍କର ଅବଧି ସଂପୂର୍ଣ୍ଣ ହୋଇଯାଇଥିବାରୁ ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ସଭାପତି ଘୋଷଣା କରିଥିଲେ । କେନ୍ଦ୍ରାପଡା ପୌରପରିଷଦର ସଭାପତି ଭାବେ ପଣ୍ଡିତ ମାଧବଚନ୍ଦ୍ର ପତ୍ରୀ, ଉପସଭାପତି ରବିନାରାୟଣ ଶତପଥି,ସଂପାଦକ ଅଧିବକ୍ତା ଦେବ ପ୍ରସାଦ ସାମନ୍ତରାୟ ଓ ସଙ୍ଗଠନ ସଂପାଦକ ଭାବେ ହରିହର ଶତପଥି ସର୍ବ ସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । କେନ୍ଦ୍ରାପଡା ବ୍ଲକର ଭାବେ ସଭାପତି ଜଗବନ୍ଧୁ କର, ଉପସଭାପତି ଲକ୍ଷ୍ମୀକାନ୍ତ ଦାଶ, ସଂପାଦକ ଅକ୍ଷୟ କୁମାର ପତି, ସଙ୍ଗଠନ ସଂପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ରାମଚନ୍ଦ୍ର ପତି ନିର୍ବାଚିତ ହୋଇଛନ୍ତି । ଉକ୍ତ ସଭାରେ ପଣ୍ଡିତ ତ୍ରିଲୋଚନ ମିଶ୍ର, ଜଗନ୍ନାଥ ତ୍ରିପାଠୀ, ବିଶ୍ୱନାଥ ପ୍ରସାଦ ତ୍ରିପାଠୀ, ରବିନାରାୟଣ ମହାପାତ୍ର, ନରହରି ଶତପଥି, ଭୁବନ ମୋହନ କର, ସୁନାମଣି ମହାପାତ୍ର ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ । ପଣ୍ଡିତ କ୍ଷୀରୋଦ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।

# ପଦ୍ମଲୋଚନ ପାଠାଗାର ତରଫରୁ ସମ୍ବର୍ଦ୍ଧନା

**ରାଜନଗର,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପଦ୍ମଲୋଚନ ପାଠାଗାର ଆନୁକୁଲ୍ୟରେ କବି ଓ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ବାଟୋଇ ପତ୍ରିକାର ସମ୍ପାଦକ କବି ଶତ୍ରୁଘ୍ନ ତରାଇ, ନାଟ୍ୟ ନିର୍ଦ୍ଦେଶକ ତୁଷାରକାନ୍ତ ବେହେରା, କଳାକାର ଅରୁଣ କୁମାର ପାତ୍ର, ଶିବରାମ ବେହେରା, ରବିନ୍ଦ୍ର କୁମାର ପାତ୍ର, ହିମାଂଶୁ ଶେଖର ମହାଳିକ ଓ କବି ସଂଗ୍ରାମ କେଶରୀ ବେହୁରାଙ୍କୁ ଉତ୍ତରୀୟ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସମ୍ପାଦକ ନିର୍ମଳା ମହାକୁଡ଼ ଓ ସଭାପତି ପୁରୁଷୋତ୍ତମ ବେହେରା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# କଳଚରାଲ ଏକାଡମୀର ବାର୍ଷିକୋତ୍ସବ

**ଆଠଗଡ,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆଠଗଡ଼ କଲଚରାଲ ଏକାଡେମୀର ବାର୍ଷିକ ଉତ୍ସବ ଦୁଇଦିନ ଧରି ପାଳନ ହୋଇଯାଇଛି । ପ୍ରାଥମ ଦିନ ଉଦଘାଟନ ସନ୍ଧ୍ୟାରେ ସହକାରୀ ଉପଜିଲ୍ଲାପାଳ ମାନସ ବେହେରା, ଅଜୟ କୁମାର ଦାସ, ସଭାପତି ସଂକୀର୍ତ୍ତନ ମହାମଣ୍ଡଳୀ, ସୋମନାଥ ଭକ୍ତା, ସହ ସମ୍ପାଦକ ଟାଉନ କ୍ଲବ, ସଞ୍ଜୟ କୁମାର ମହାନ୍ତି, କଣ୍ଠଶିଳ୍ପୀ ଯୋଗଦେଇଥିଲେ । ଦ୍ୱିତୀୟ ଦିନ ଉଦଯାପନୀ ସନ୍ଧ୍ୟାରେ ପ୍ରହଲ୍ଲାଦ ନାରାୟଣ ଶର୍ମା ଉପଜିଲ୍ଲାପାଳ ଆଠଗଡ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ସଭା ପରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଦୁଇଦିନ କାର୍ଯ୍ୟକ୍ରମରେ ଏହି ଅବସରରେ ଗୁରୁ ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶରେ ଛାତ୍ରଛାତ୍ରୀମାନଙ୍କଦ୍ୱାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅନୁଷ୍ଠାନର ଉପ ସଭାପତି ଜିତେନ୍ଦ୍ର କୁମାର ସ୍ୱାଇଁ ବାର୍ଷିକ ବିବରଣୀ ରଖିଥିଲେ ଏବଂ ଛାତଛାତ୍ରୀମାନଙ୍କର ସଫଳତା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀବଳଦେବଜୀଉ ମହାପ୍ରଭୁଙ୍କ ରାଜାଭିଷେକ



**ଜଗତସିଂହପୁର,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଜିଲ୍ଲା କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ସମ୍ପର୍ଣ୍ଣ ମୁଦୁପୁର ପଞ୍ଚାୟତ ସିଦ୍ଧଳ ସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀଉ ମହାପ୍ରଭୁଙ୍କ ପୀଠରେ ପ୍ରତିବର୍ଷ ପରି ଚଳିତ ବର୍ଷ ରାଜାଭିଷେକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଠାକୁର ରାଜା ଜିଲ୍ଲାପାଳ ଜେ ସୋନାଲଙ୍କୁ ଶତାଧିକ ଭକ୍ତ ଏକ ସଂକୀର୍ତ୍ତନ ଶୋଭାଯାତ୍ରାରେ ବଡ଼ଦାଣ୍ଡରୁ ପାଛୋଟି ନେଇଥିଲେ । ଜିଲ୍ଲାପାଳ ସମସ୍ତ ଦେବାଦେବୀ ମନ୍ଦିର ପରିକ୍ରମା କରିସାରିବା ପରେ ମନ୍ଦିର ପୁରୋହିତ ସୁରେନ୍ଦ୍ର ନାଥ ଦାଶ ଶର୍ମାଙ୍କ ଦ୍ୱାରା ଅଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ତହସିଲଦାର, ଜଗତସିଂହପୁର ଅଜୟ କୁମାର ମହାନ୍ତି, ଥାନା ଅଧିକାରୀ ଏବଂ ଅନ୍ୟାନ ଅଧିକାରୀମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିସାରିବା ପରେ ମନ୍ଦିର ପରିଚାଳନା ଟ୍ରଷ୍ଟ ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡା ଉପ ଜିଲ୍ଲାପାଳ ତଥା ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ପ୍ରଶାନ୍ତ କୁମାର ତରାଇଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ମନ୍ଦିର ପରିଚାଳନା କମିଟି ସଦସ୍ୟ ପ୍ରିୟ ନାଥ ରାୟ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମନ୍ଦିର ବଡ଼ପଣ୍ଡା ଅରୁଣ କୁମାର ପଣ୍ଡା, ଅନନ୍ତ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଅଶୋକ କୁମାର ପଣ୍ଡା, ସରପଞ୍ଚ ସିଦ୍ଧାର୍ଥ ଶଙ୍କର ରାୟ, ସମିତି ସଭ୍ୟା ମୌସୁମୀ ବାରିକ, ମୁଦୁପୁର ମହିଳା ମହାସଂଘ ସଭାପତି ରିତା ଆଚାର୍ଯ୍ୟ, ସିଦ୍ଧଳ ଗ୍ରାମ୍ୟ କମିଟି ସଭାପତି ପୂର୍ଣ୍ଣ ଚନ୍ଦ୍ର ନାୟକ, ଶତାଧିକ ମହିଳା ସଂଗଠନର କର୍ମକର୍ତ୍ତା ଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହା ପରେ ଠାକୁର ରାଜା ଜିଲ୍ଲାପାଳଙ୍କ ରାଜ ଦରବାର ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ଜନସାଧାରଣ ସେମାନଙ୍କ ସମସ୍ୟା ସମ୍ପର୍କରେ ଅଭିଯୋଗ ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ସମସ୍ତ ଅଭିଯୋଗ ପ୍ରତି ଗୁରୁତ୍ୱ ଦିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ତଥା ଠାକୁର ରାଜା ପ୍ରତିଶ୍ରୁତି ଦେଇଥିଲେ । ଶେଷରେ ଲକ୍ଷ୍ମୀ ନାରାୟଣ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମଙ୍କୁ ସଦସ୍ୟ ରାମଚନ୍ଦ୍ର ଦାଶ, ଚିତ୍ତରଞ୍ଜନ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

# ଶିକ୍ଷା ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ଗଠନର ଦିଗଦର୍ଶକ




**କାକଟପୁର,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

କାକଟପୁର ନିର୍ବାଚନମଣ୍ଡଳୀର ନୋଡାଲ ପିଏମଶ୍ରୀ ହାଇସ୍କୁଲ ଭାବରେ ପରିଚିତ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୧୧ ଘଟିକା ସମୟରେ ଆୟୋଜିତ ଉତ୍ସବରେ ଅତିଥି ଭାବେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପୁରୀଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ, ସାଂସଦ ବ୍ଲକ ପ୍ରତିନିଧି କୈଳାସ ଚନ୍ଦ୍ର ନାୟକ, ସରପଞ୍ଚ ଅଭୟ ସେଠୀ, ସମାଜସେବୀ ରତିକାନ୍ତ ବେହେରା, ସମାଜସେବୀ ଜ୍ଞାନ ରଞ୍ଜନ ସାହୁ, ବରିଷ୍ଠ ନାଗରିକ ନିରଦ ବରନ ମହାନ୍ତି, ଆୟୋଜକ କାକଟପୁର ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ନାଥ ନନ୍ଦ, ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ରୀନା ଲତା ପରିଡା ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ଶିକ୍ଷାନୁଷ୍ଠାନ ଗୁଡିକରେ ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ହେବା ସହିତ ଭବିଷ୍ୟତରେ ବିଦ୍ୟାର୍ଥୀମାନେ ଉତ୍ତମ ଚରିତ୍ର ଗଠନ କରିବା ଦିଗରେ ଶିକ୍ଷା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଅତିଥିମାନେ ବିଦ୍ୟାଳୟରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ, ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ଷ୍ଟଲ, ଆକାଂକ୍ଷା ମେଳା ପରିଷଦ ପକ୍ଷରୁ ବିଭିନ୍ନ ଗ୍ୟାଲେରୀରେ ଛାତ୍ରଛାତ୍ରୀମାନଙ୍କ ଜିଜ୍ଞାସା, କୌଶଳୀ, ସାହିତ୍ୟ ସୃଜନୀ, କ୍ରୀଡ଼ାଙ୍ଗନ, କାହାଣୀ ଗଛ, ଲୋପ ପାଉଥିବା ପୁରାତନ ସାମଗ୍ରୀରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ, ଦୈନିକ ବଜାର, ଦିନିକିଆ ଉଦ୍ୟୋଗ ଷ୍ଟଲ ଆଦି ବୁଲି ଦେଖିବା ସହିତ ସେମାନଙ୍କ ଠାରୁ ଖାଦ୍ୟ କିଣି ଖାଇବା ସହ ଛାତ୍ରଛାତ୍ରୀମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଉତ୍ସବକୁ ସହକାରୀ ଶିକ୍ଷକ ପ୍ରତାପ ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଉର୍ଦ୍ଦୁ ଶିକ୍ଷକ ସେକ ସମରୁଦିନ ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ



**ଖଣ୍ଡପଡ଼ା,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡା ବ୍ଲକ ଅଧୀନ କୋସକା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଠାରେ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ମଙ୍ଗଳବାର ପାଳିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ଚଳିତ ମାସ ୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ ନେଇ ନିର୍ଦ୍ଦେଶ ରହିଥିବା ବେଳେ ଏ ପରିପ୍ରେକ୍ଷୀରେ କ୍ଷୁଦ୍ର ଜଳସେଚନ ବିଭାଗ ନୟାଗଡ଼ ବିଭାଜନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ନୟାଗଡ଼ ଅଧୀକ୍ଷଣ ଯନ୍ତ୍ରୀ ଇଂ ସୁରଜ୍ କୁମାର ଯାଜୋଡିଆଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରମାକାନ୍ତ ସେଠୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଖଣ୍ଡପଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ସେଠୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଓଡ଼ଗାଁ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ରାଉତ, ରଣପୁର ସହକାରୀ ନିର୍ବାହୀ ଯନ୍ତ୍ରୀ କ୍ଷୀତିଶ କୁମାର ତ୍ରିପାଠୀ ଯୋଗଦେଇ ପାଣି ପଞ୍ଚାୟତ ପକ୍ଷ ପାଳନର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଚାଷୀମାନଙ୍କ ସମସ୍ୟାର ସମାଧାନ, ଚାଷ ଜମିକୁ ସଠିକ ପରିମାଣର ଜଳ ଯୋଗାଣରେ ପାଣିପଞ୍ଚାୟତର ଭୂମିକା ସଂପର୍କରେ ସୂଚନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ନୟାଗଡ ଜିଲ୍ଲାର ୨୨ଟି ପାଣି ପଞ୍ଚାୟତର ସଭାପତି, ସଂପାଦକ ଓ ସଦସ୍ୟମାନେ ଯୋଗ ଦେଇଥିଲେ । ଚାଷୀମାନଙ୍କର ବିଭିନ୍ନ ସମସ୍ୟା ପ୍ରତି ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟି ଦେବାକୁ କୃଷକ ନେତାମାନେ ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମହେନ୍ଦ୍ର କୁମାର ବାରିକ ମଞ୍ଚ ପରିଚାଳନା କରିବା ସହ କାର୍ଯ୍ୟକ୍ରମ ପାଳନ ଅବସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୨୫୦୦ ଟଙ୍କା, ଦ୍ୱିତୀୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଛାତଛାତ୍ରୀଙ୍କୁ ୨ ହଜାର ଓ ୧୫୦୦ ଟଙ୍କା ପୁରସ୍କାର ବାବଦରେ ପ୍ରଦାନ କରାଯାଇଥିଲା । ଏ ଅବସରରେ ଅତିଥିମାନଙ୍କ ସହ ସମସ୍ତ ପାଣି ପଞ୍ଚାୟତ କର୍ମକର୍ତ୍ତା ଓ କର୍ମଚାରୀମାନେ ସରକାରଙ୍କ ଦ୍ୱାରା ପ୍ରଚଳିତ ପାଣି ପଞ୍ଚାୟତ ଯୋଜନାକୁ ସଫଳ ଓ ଦୀର୍ଘ ସ୍ଥାୟୀ କରିବା ପାଇଁ ଶପଥ ପାଠ କରିଥିଲେ । କନିଷ୍ଠ ଯନ୍ତ୍ରୀ ନୃସିଂହ ଚରଣ ଦାଶ, ମୟୁରୀ ଚନ୍ଦ୍ରିକା ସାମଲ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ



**କବିସୂର୍ଯ୍ୟନଗର,୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରାଥମିକ ଶିକ୍ଷାର ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟରେ ଆରମ୍ଭ ହେଲା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା । ପ୍ରଥମ ଥର ପାଇଁ ବୁଧବାର ମୁଖ୍ୟମନ୍ତ୍ରୀ ରାଜ୍ୟରେ ୧୧୮ଟି ବିଦ୍ୟାଳୟରେ ଏହି ଯୋଜନା ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାରେ ୬ଟି ବ୍ଲକରେ ୬ଟି ବିଦ୍ୟାଳୟକୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ କବିସୂର୍ଯ୍ୟନଗର ବ୍ଲକ ପାଇକଯମୁନା ପଞ୍ଚାୟତର ବଣପଲ୍ଲୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଅନ୍ତର୍ଭୁକ୍ତ ରହିଛି । ବୁଧବାର ବଣପଲ୍ଲୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସର ରେ ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ ଯୋଜନାର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ବିଧାୟକଙ୍କ ସମେତ ବିଡ଼ିଓ ରାଜେନ୍ଦ୍ର କୁମାର ନାୟକ, ଗୋଷ୍ଠୀ ଶିକ୍ଷଧିକାରୀ ଅଭିମନ୍ୟୁ ସାହୁ, ସରପଞ୍ଚ ସତ୍ୟବାନ ସାହୁ, ସମିତି ସଭ୍ୟ ଟୁନା ବିଶୋଇ ସୁନାପଲ୍ଲୀ ସରପଞ୍ଚ ଝୁନୁଲତା ଦାଶ, ଏସଏମସି ସଭାପତି, ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକରୀ ପ୍ରମୁଖ ମଞ୍ଚାସିନ ରହି ମୋହନ ସରକାରଙ୍କ ଶିକ୍ଷା ବିକାଶ ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ବକ୍ତବ୍ୟ ଶୁଣିଥିବା ଜଣାଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଦିବାକର ଶତପଥି ସଂଯୋଜନା କରିଥିବା ବେଳେ ସମସ୍ତ ସିଆରସିସି, ବହୁ ସରପଞ୍ଚ, ସମିତି ସଭ୍ୟ, ଗ୍ରାମବାସୀ, ମିଶନ ଶକ୍ତି ମହିଳା, ଉପସ୍ଥିତ ଥିଲେ । କାର୍ଯକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ପରିଚାଳନା କରିଥିଲେ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୮ ଜାନୁଆରୀ ୨୦୨୬ ● ଗୁରୁବାର


## ବିଧାୟକଙ୍କ ନାଁରେ ଭିଜିଲାନ୍ସରେ ଅଭିଯୋଗ

**ନୀଳଗିରି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଜ ପଦବୀର କ୍ଷମତା ଅପବ୍ୟବହାର କରି ଜମିହଡ଼ପ କରିଥିବା ବାଲେଶ୍ୱର ଜିଲ୍ଲା ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆଙ୍କ ବିରୁଦ୍ଧରେ ଅଭିଯୋଗ କରିବା ସହିତ ସମସ୍ତ କାଗଜପତ୍ର ସହ ଭିଜିଲାନ୍ସ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି ନୀଳଗିରି ବ୍ଲକ ସଜନଗଡ ଅଞ୍ଚଳର ରାଜେନ୍ଦ୍ର ସାହୁ ନାମକ ବ୍ୟକ୍ତି। ସୂଚନା ମୁତାବକ ନୀଳଗିରି ବିଧାୟକ କେତେବେଳେ ହାତୀଦାନ୍ତ ମାଫିଆଙ୍କ ସହିତ ମଧୁଚନ୍ଦ୍ରିକା ରହିଥିବା ବେଳେ ପୁଣି କେତେବେଳେ ବିଜେଡ଼ି ନେତ୍ରୀଙ୍କ ବିରୁଦ୍ଧରେ କୁମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହୁଥିବା ପୁଣି କେତେବେଳେ ନିଜ ଦଳର କର୍ମୀଙ୍କୁ ଦୁର୍ବ୍ୟବହାର କରିଥିବାର ଭିଡିଓ ଭାଇରାଲ ଦେଖିବାକୁ ମିଳୁଛି। କିନ୍ତୁ ଏବେ ବିଧାୟକ ଶ୍ରୀ ଖଟୁଆ ନିଜ ପଦବୀର ଅପବ୍ୟବହାର ଓ ଆଇନର ଧାଜ୍ଜିଆ ଉଡ଼ାଇ ସଜନଗଡ ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ୬୧ ଡିସିମିଲ ଜମିକୁ ହଡ଼ପ କରି ନେଇଥିବା ନିଜ ପୈତୃକ ଜମିରେ ବାସ କରୁଥିବା ଶ୍ରୀ ସାହୁ କହିଛନ୍ତି। ଉକ୍ତ ଜମିର କାଗଜପତ୍ରରେ ତ୍ରୁଟିଥିବା ଯୋଗୁଁ ଆଇନରେ ଆଶ୍ରୟ ନେଇଛନ୍ତି। ବର୍ତ୍ତମାନ ନୀଳଗିରି କୋର୍ଟରେ ଉକ୍ତ ମାମଲା ଚାଲିଥିବା ବେଳେ ବିଧାୟକ କିପରି ଉକ୍ତ ଜମି କିଣିଲେ ବୋଲି ପ୍ରଶ୍ନ କରିବା ସହିତ ତାଙ୍କୁ ଉକ୍ତ ଜମି ଖାଲି କରିବା ପାଇଁ ବିଭିନ୍ନ ସମୟରେ ଧମକ ଦେଉଛନ୍ତି ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ବୋଲି ସାମ୍ବାଦିକମାନଙ୍କ ଆଗରେ କହିଛନ୍ତି। ଏଥିସହିତ କୋର୍ଟରେ କେଶ ଚାଲିଥିବା ଓ ନିଜର ମାଲିକାନାସତ୍ୱର ସମସ୍ତ କାଗଜପତ୍ର ବାଲେଶ୍ୱର ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗ ଅଧିକାରୀଙ୍କୁ ଏହାର ନକଲ ପ୍ରଦାନ କରିଛନ୍ତି ଶ୍ରୀ ସାହୁଙ୍କ ପରିବାର ଲୋକ। ଏହି ଅଭିଯୋଗ ପରେ ଶ୍ରୀ ସାହୁ ଓ ତାଙ୍କ ପରିବାର ପ୍ରତି ବିପଦ ରହିଥିବା ସହ ଯଦି ତାଙ୍କ ପ୍ରତି କୌଣସି ଅଘଟଣ ଘଟେ ତେବେ ନୀଳଗିରି ବିଧାୟକ ଏଥିପ୍ରତି ଦାୟୀ ରହିବେ ବୋଲି କହିଛନ୍ତି ଶ୍ରୀ ସାହୁଙ୍କ ପରିବାର। ଅନ୍ୟପକ୍ଷରେ ଏହି ଘଟଣା ସମ୍ପର୍କରେ ବିଧାୟକ ଶ୍ରୀ ଖଟୁଆ କହିଛନ୍ତି ଯେ ସେ ଚଞ୍ଚକତା କରି କୌଣସି ଜମିହଡ଼ପ କରି ନାହାନ୍ତି କି ଆଇନ ଅନୁଯାୟୀ ଜମିମାଲିକଙ୍କ ଠାରୁ ଟଙ୍କା ଦେଇ ଜମି କିଣିଛନ୍ତି। ମୋର ଲୋକପ୍ରିୟତା ଓ ଜନବିକାଶ କାର୍ଯ୍ୟକୁ ସହ୍ୟ ନପାରି ମୋ ବିରୁଦ୍ଧରେ କେତେକ ଚକ୍ରାନ୍ତକାରୀ ମିଥ୍ୟା ଅପପ୍ରଚର କରୁଛନ୍ତି ମୋତେ ବଦନାମ କରିବା ପାଇଁ ବୋଲି କହିବା ସହ କୋର୍ଟ ଯେଉଁ ରାୟ ଦେବ ତାହା ସେ ଗ୍ରହଣ କରିବେ ବୋଲି କହିଛନ୍ତି ବିଧାୟକ। ଅନ୍ୟପକ୍ଷରେ ବିଧାୟକ ବିଭିନ୍ନ ସମୟରେ ବିଭିନ୍ନ ଘଟଣାକୁ ବାରମ୍ବାର ଚର୍ଚ୍ଚାରେ ରହୁଥିବାକୁ ନେଇ ସମଗ୍ର ନୀଳଗିରି ନିର୍ବାଚନ ମଣ୍ଡଳୀରେ ବେଶ ହଇଚଇ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଛି।

## ପ୍ରେମିକାକୁ ସ୍କୁଟିରେ ବସାଇ ଛେଚା ଖାଇଲା ପ୍ରେମିକ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ଅଧିନସ୍ତ ନୂଆଗାଁ କଲେଜ ରୋଡ଼ରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ନିଆଳି କଲେଜରେ ପାଠ ପଢୁଥିବା ଉକ୍ତ ଥାନା ଅଧିନସ୍ତ କୃଷ୍ଣପ୍ରସାଦ ପଂଚାୟତ ନୂଆ ପୀତାପଡା ଗ୍ରାମର ଯଶବନ୍ତ ମଲିକଙ୍କ ପୁଅ ମୋହିତ ମଲିକ (୧୯)ସେହି କଲେଜରେ ପାଠ ପଢୁଥିବା ଉକ୍ତ ଥାନା ଅଧିନସ୍ତ ନୂଆଗାଁ ପଂଚାୟତ କଙ୍କଡାହୁଡା ଗ୍ରାମର ଯୁବତୀଙ୍କୁ ଭଲ ପାଉଛନ୍ତି। ଉଭୟଙ୍କ ମଧ୍ୟରେ ପରସ୍ପର ପ୍ରତି ଭଲପାଇବା ଥିବା ବେଳେ ଉଭୟ କଲେଜରୁ ଏକ ବାଇକରେ ବାହାରିଥିବା ବେଳେ ପ୍ରେମିକକୁ ପ୍ରେମିକା ଘର ପାଖରେ ଛାଡି ଦେବା ପାଇଁ କହିଥିଲା। ବୁଧବାର ଦିନ ୧୨.୩୦ ମିନିଟରେ ଅଧା ବାଟରେ ଯୁବତୀର ଭାଇ ହାପି ମଲିକ ଓ ପିତା ତୋଫାନ ମଲିକ ମୋହିତଙ୍କୁ ପ୍ରବଳ ପିଟିବା ସହ ରକ୍ତାକ୍ତ ଅବସ୍ଥାରେ ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ରରେ ଫୋପାଡି ଦେଇଥିଲେ। ଖବର ପାଇ ମୋହିତର ବାପ-ମା ଓ ସ୍ଥାନୀୟ ଅଞ୍ଚଳବାସୀ ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ମୋହିତର ଚିକିତ୍ସା କରାଇଛନ୍ତି। ଏ ନେଇ ନିଆଳି ଥାନାରେ ମୋହିତର ମା ସୌଦାମିନୀ ମଲିକ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣା ଉପରେ ନିଆଳି ଥାନା ପୋଲିସ ତଦନ୍ତ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ପ୍ରେମିକାକୁ ଗାଡ଼ିରେ ବସାଇବା ପ୍ରେମିକକୁ ମହଙ୍ଗା ପଡିଛି।

## ବିନା ଫଳକରେ ଡିଏମଏଫ ଟଙ୍କାର କାମ !

**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**



ଯାଜପୁର ଜିଲ୍ଲା ଦାନଗଦି ବ୍ଲକରେ ସରକାରୀ ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ) ଟଙ୍କାକୁ କେନ୍ଦ୍ର କରି ଚାଲିଥିବା ଅସାଧୁ ଖେଳ ପୁଣିଥରେ ପଦାରେ ପଡ଼ିଛି। ଦାନଗଦି ବ୍ଲକ ମୁଖ୍ୟାଳୟରୁ ପ୍ରାୟ ୧ କି.ମି. ଦୂରରେ ଥିବା ରାଜସ୍ୱ ନିରୀକ୍ଷକ ଅଫିସ ପରିସରରେ ଜିଲ୍ଲା ଖଣିଜ ପାଣ୍ଠି ଯୋଜନାରେ ୭ ଲକ୍ଷରୁ ଅଧିକ ଟଙ୍କାର ବାଉଣ୍ଡାରୀ କାର୍ଯ୍ୟ ଚାଲିଥିବା ବେଳେ ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ଗନ୍ଧ ଦେଖିବାକୁ ମିଳୁଛି। ସବୁଠାରୁ ଚିନ୍ତାଜନକ କଥା ହେଉଛି, କାର୍ଯ୍ୟସ୍ଥଳରେ ଏପର୍ଯ୍ୟନ୍ତ କୌଣସି ସୂଚନା ଫଳକ ଲାଗିନାହିଁ। ଯାହା ଦ୍ୱାରା କାମର ମୂଲ୍ୟ, ବିଭାଗ, ଠିକାଦାର, ତଦାରଖ କରୁଥିବା ଇଞ୍ଜିନିୟର, କାର୍ଯ୍ୟ ଆରମ୍ଭ ଓ ସମାପ୍ତି ତାରିଖ ସବୁ କଥାକୁ ଜାଣିଶୁଣି ଲୁଚାଇ ରଖାଯାଇଛି। ଏହାକୁ ନେଇ ଠିକାଦାର ଓ କିଛି ଦାୟୀ ଅଧିକାରୀଙ୍କ ଅସାଧୁ ମେଣ୍ଟରେ କାମ ଚାଲିଥିବା ଅଭିଯୋଗ ଜୋର ଧରିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବହୁ ବର୍ଷ ପୂର୍ବରୁ ତିଆରି ହୋଇଥିବା ପୁରୁଣା ମାଙ୍କଡ଼ା ପଥର ବାଉଣ୍ଡାରୀକୁ ନଭାଙ୍ଗି ସେହି ପୁରୁଣା, ଗୁଣବତ୍ତାହୀନ ପଥର ଉପରେ ପୁନର୍ବାର ସିମେଣ୍ଟ ଓ ପଟୁ ବାଲି ଲଗାଇ ନୂତନ ବାଉଣ୍ଡାରୀ କରାଯାଉଛି। ପାଣି ଖାଇ ଦୁର୍ବଳ ହୋଇଥିବା ଏହି ପଥର ଉପରେ କାମ କରି ସରକାରୀ ଟଙ୍କାକୁ କାଗଜରେ ମାତ୍ର ଖର୍ଚ୍ଚ ଦେଖାଇବା ଯୋଜନା ବୋଲି ଅଭିଯୋଗ ହେଉଛି। ଏପରି ଗୁରୁତ୍ୱପୂର୍ଣ୍ଣ ସରକାରୀ ଅଫିସରେ ନିର୍ମାଣ କାମ ଚାଲିଥିବା ସତ୍ତ୍ୱେ ନା ପ୍ରଶାସନୀୟ ନିରୀକ୍ଷଣ, ନା ଗୁଣବତ୍ତା ଯାଞ୍ଚ, ନା ନିୟମର ପାଳନ କରାଯାଉଛି ଏହା ପ୍ରଶାସନିକ ଫେଲରକୁ ସ୍ପଷ୍ଟ କରୁଛି। ଏପରି ସ୍ଥିତିରେ ପ୍ରଶ୍ନ ଉଠୁଛି, ଦାୟୀ ଅଧିକାରୀମାନେ କାହାକୁ ସୁରକ୍ଷା ଦେଉଛନ୍ତି? ଜିଲ୍ଲା ଖଣିଜ ପାଣ୍ଠି ଟଙ୍କା ଠିକାଦାର ଓ ଅଧିକାରୀ ମେଣ୍ଟର ହରିଲୁଟରେ ପରିଣତ ହେଉନାହିଁ ତ? ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀମାନେ ଏହି ମାମଲାରେ ଜିଲ୍ଲା ପ୍ରଶାସନ ଓ ଭିଜିଲାନ୍ସ ବିଭାଗ ଦ୍ୱାରା ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ଦାବୀ କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା ପ୍ରଶାସନ ଚୁପ୍ ରହିବ କି, ଦୁର୍ନୀତିର ମୂଳକୁ ଆଘାତ କରିବ?

## ପ୍ରାକ୍ତନ ପ୍ରଧାନ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି

**ସାକ୍ଷୀଗୋପାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷାବିତ୍ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ମିଶ୍ରଙ୍କ ପଞ୍ଚମ ବାର୍ଷିକ ଶ୍ରଦ୍ଧାଞ୍ଜଳି ଉତ୍ସବ ସତ୍ୟବାଦୀ ବ୍ଲକ ପାରକେଣା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସୁକାନ୍ତ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଅଧକ୍ଷ ସୁନିଲ କୁମାର ପଣ୍ଡା ଓ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ଧୀରେନ୍ଦ୍ରନାଥ ଦାଶ ଓ ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ସାମ୍ବାଦିକ ବସନ୍ତ ପଟନାୟକ, ଗବକୁଣ୍ଡ ହାଇସ୍କୁଲର ପୂର୍ବତନ ଛାତ୍ର ସୁବାଷ ଚନ୍ଦ୍ର ଦାଶ ଯୋଗ ଦେଇଥିଲେ। ସଭା ଆରମ୍ଭ ପୂର୍ବରୁ ଦିବ୍ୟାଙ୍ଗ କଳାକାରମାନେ ଭଜନ ପରିବେଷଣ କରିଥିଲେ। ସମାଜ ସେବା, ଶିକ୍ଷା, କଳା ସଂସ୍କୃତି ଓ ସାମ୍ବାଦିକତା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରମୁଖ ବ୍ୟକ୍ତିମାନଙ୍କୁ ତଥା ସତ୍ୟବାଦୀ ବ୍ଲକର ବିଭିନ୍ନ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷାବିତ ସୁଦାମ ବାରିକ ମଞ୍ଚ ପରିଚାଳନା କରିଥିଲେ।

## ୯ରୁ ସୋଆରେ ଜାତୀୟ ଅକୁପେସନାଲ ଥେରାପିଷ୍ଟ ସମ୍ମିଳନୀ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୫୦୦ ଅକୁପେସନାଲ୍ ଥେରାପିଷ୍ଟ ଜାନୁଆରୀ ୯ରୁ ୧୧ ପର୍ଯ୍ୟନ୍ତ ସ୍ଥାନୀୟ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଯାଉଥିବା ଅଲ୍ ଇଣ୍ଡିଆ ଅକୁପେସ୍‌ନାଲ ଥେରାପିଷ୍ଟସ ଆସୋସିଏସନ୍‌ର ବାର୍ଷିକ ସମ୍ମିଳନୀରେ ଯୋଗ ଦେବେ। ଏହି ସମ୍ମିଳନୀରେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର ଅନେକ ବିଶେଷଜ୍ଞ ଓ ବକ୍ତା, ଏକାଡେମିକ ବ୍ୟକ୍ତି, ଗବେଷକ ଓ ଛାତ୍ରଛାତ୍ରୀ ଯୋଗ ଦେଇ ଏହି ବିଶେଷ ବିଷୟରେ ଜ୍ଞାନ ଆହରଣ କରିବାକୁ ସୁଯୋଗ ପାଇବେ। ଓଟିକନ୍-୨୦୨୬ ଭାବେ ନାମିତ ଏହି ସମ୍ମିଳନୀକୁ ଅଲ୍ ଇଣ୍ଡିଆ ଅକୁପେସ୍‌ନାଲ ଥେରାପିଷ୍ଟସ ଆସୋସିଏସନ୍‌ର ଓଡ଼ିଶା ଶାଖା ଓ ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ରିହାବିଲିଟେସନ୍ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ (ଏସ୍‌ଭିଏନ୍‌ଆଇଆରଟିଆର) ଦ୍ୱାରା ଆୟୋଜନ କରାଯାଇଛି।

ଏହି ସମ୍ମିଳନୀର ମୁଖ୍ୟ ପ୍ରସଙ୍ଗ ରହିଛି 'ଟ୍ରାଡିସନ୍ ଟୁ ଟେକ୍ନୋଲଜି: ଏମ୍ବ୍ରେସିଂ କଲ୍‌ଚରାଲ ଡାଇଭର୍ସିଟି ଇନ୍ ଅକୁପେସ୍‌ନାଲ ଥେରାପି'। ଜାନୁଆରୀ ୯ ସକାଳ ୧୦ଟାରେ ସମ୍ମିଳନୀର ଉଦ୍‌ଘାଟନ କରାଯିବ। ଏଥିରେ ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଓ ଇଲେକ୍ଟ୍ରୋନିକ୍ସ ଏବଂ ଇନ୍‌ଫରମେସନ୍ ଟେକ୍ନୋଲଜି ବିଭାଗ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଏଥିରେ ଲୋକସଭା ସଦସ୍ୟ ବିଭୁ ପ୍ରସାଦ ତରାଇ ଓ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିବେ। ଏହି ଉପଲକ୍ଷେ ଆୟୋଜିତ ହେଉଥିବା ପ୍ରି-କନ୍‌ଫରେନ୍ସ କଂଟିନ୍ୟୁଇଂ ଅକୁପେସ୍‌ନାଲ ଥେରାପି ଏଜୁକେସନ କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ମେଡିକାଲ ଏଜୁକେସନ୍ ଆଣ୍ଡ ଟ୍ରେନିଂ ନିର୍ଦ୍ଦେଶକ ଡକ୍ଟର ସନ୍ତୋଷ କୁମାର ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହେବ।

## ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ

**ବେତନଟୀ:ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତନ ବାଲେଶ୍ୱର ସାଂସଦ ରବୀନ୍ଦ୍ର କୁମାର ଜେନା ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ଅଧୀନ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ନିର୍ବାଚନ ମଣ୍ଡଳୀର ବଦଳି ଗାଁ ଠାରେ ମଙ୍ଗଳବାର ଦିନ ଗରିବ ବୃଦ୍ଧବୃଦ୍ଧାଙ୍କୁ ଗୋଟିଏ ଲେଖାଏଁ କମ୍ବଳ ବଣ୍ଟନ କରିଛନ୍ତି। ପୂର୍ବତନ ସାଂସଦ ଶ୍ରୀ ଜେନା ବଦଳି ଗାଁଠାରେ ଥିବା ବାବା ଭୂତେଶ୍ୱର ମହାଦେବ ପୀଠରେ ପହଞ୍ଚି ପ୍ରଥମେ ମହାଦେବଙ୍କୁ ଦର୍ଶନ ସାରି ଅପେକ୍ଷା କରିଥିବା ହଜାରେରୁ ଉର୍ଦ୍ଧ୍ୱ ଗରିବ ବୃଦ୍ଧବୃଦ୍ଧା ଙ୍କ ଅସୁବିଧା ଏବଂ ସମସ୍ୟା ବାବଦରେ ପଚାରି ବୁଝିଥିଲେ। ପରେ ସେ ନିଜ ସହଯୋଗୀଙ୍କ ସହାୟତାରେ ସମସ୍ତଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଡ଼ସାହି ବ୍ଲକ ଚେୟାରମ୍ୟାନ ମିନତୀ ସିଂ, ସମାଜସେବୀ ପ୍ରକାଶ ଦଳେଇ, ପୂର୍ବତନ ଜିଲ୍ଲା ଜିଲ୍ଲାପରିଷଦ ସଦସ୍ୟ ଯାମିନୀ ନାଏକ, ଯୁବ ନେତା ଅନନ୍ତ ପଷା, ଚନ୍ଦନପୁର ସରପଞ୍ଚ ହରିଶ ଚନ୍ଦ୍ର ମୁର୍ମୁ, ଛେଳିଆ ଏ ସରପଞ୍ଚ ପ୍ରିୟଲତା ସିଂ, ମାନଗୋବିନ୍ଦ ପୁର ସରପଞ୍ଚ କୁନି ସିଂ, ଭୀମଦା ପଞ୍ଚାୟତ ସମିତି ସଦସ୍ୟ ମାଳତୀ ସିଂ, ଦେଉଳିଆ ପଞ୍ଚାୟତ ସମିତି ସଦସ୍ୟ ନିହାର ରଞ୍ଜନ ମହାପାତ୍ର, ଦୁର୍ଗାପୁର ସମିତି ସଭ୍ୟା ରଞ୍ଜିତା ଦାଶ, ପୂର୍ବତନ ସରପଞ୍ଚ ମହାଦେବ ସିଂ, ନୀଳରତ୍ନ ମହାପାତ୍ର, ନିହାର ରଞ୍ଜନ ମହାପାତ୍ର (ଲିପୁ) ଗୋପାଳ ମହାନ୍ତି, ଅଜୟ ବେହେରା, ଦେବାଶିଷ ମିଶ୍ର, ମନରଞ୍ଜନ ରାଉତ, ଚନ୍ଦ୍ର ଶେଖର ଭୂୟାଁ, ପ୍ରିତିଶ ପ୍ରଧାନ, ଚୈତନ୍ୟ ସିଂ, କାଳିଚରଣ ସିଂ, ସନାତନ ବେହେରା, ଅତୁଲ୍ୟ ମହାର୍ଣ୍ଣ, ମୁନା ପଟ୍ଟନାୟକ, ରତ୍ନାକର ନାୟକ, ଝୁନା ସିଂହଙ୍କ ସମେତ ଶତାଧିକ ନେତା ଓ କର୍ମୀ ଏବଂ ବେତନଟୀ ମେଡିଆ ଆସୋସିଏସନର ସମସ୍ତ ସମ୍ବାଦିକ, ବଡ଼ସାହି ଅଞ୍ଚଳର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ।

## ବିଦ୍ୟୁତ୍ ବିଭାଗର ଖୁଣ୍ଟକୁ ବାଉଁଶ ଭରସା

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଗୋପାଳପୁର ସବ୍ ଡିଭିଜନ ଅଧିନ କଜଳପୁର ସେକ୍ସନ ଅଧିନ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଙ୍ଗ ଗ୍ରାମର ଭୋଇ ସାହିରେ ବିଦ୍ୟୁତ୍ ଖୁଣ୍ଟକୁ ବାଉଁଶ ଡିରା। ପ୍ରକାଶ ଥାଉକି ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ମାଙ୍ଗ ଗ୍ରାମରେ ଦଳିତ ସାମ୍ପ୍ରଦାୟର ୫୦ରୁ ଉର୍ଦ୍ଧ୍ୱ ଲୋକେ ବସବାସ କରନ୍ତି। ଏହି ଗ୍ରାମର ଦଳିତ ଜନ ସଂଖ୍ୟା ୫୦%ରୁ ଉର୍ଦ୍ଧ୍ୱ ହେତୁ ଏହି ଗ୍ରାମଟିକୁ ଆଦର୍ଶ ଗ୍ରାମ ଭାବରେ ସରକାର ଘୋଷଣା କରିଛନ୍ତି। ଆଦର୍ଶ ଗ୍ରାମ ନିୟମ ଅନୁଯାୟୀ ଏହି ଗ୍ରାମର ରାସ୍ତାଘାଟ, ବିଜୁଳି ଆଲୋକି କରଣ, ପାନୀୟ ଜଳ ଯୋଗାଣ, ଯୌଥ ଶୌଚାଳୟ ନିର୍ମାଣ, ଜଳ ନିଷ୍କାସନ ନିମନ୍ତେ ଡ୍ରେନ ନିର୍ମାଣ ଇତ୍ୟାଦି ଉନ୍ନତି କରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ୪୦ ଲକ୍ଷ ଟଙ୍କା ମଂଜୁର କରଥିବା ବେଳେ ବିଜୁଳି ବିଭାଗ ଏଠାରେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ଏହି ଗ୍ରାମର ନରୋତ୍ତମ ଭୋଇଙ୍କର ଘର ନିକଟରେ ଏକ ବିଜୁଳି ଖୁଣ୍ଟ ଫନି ବାତ୍ୟାରେ ଭାଙ୍ଗି ଉପୁଡି ଯାଇଥିଲା। ଏହା ଭାଙ୍ଗି ଉପୁଡି ପଡିବା ପରେ ବିଜୁଳି ବିଭାଗ ଆଉ ଏକ ବିଜୁଳି ଖୁଣ୍ଟ ସେହି ସ୍ଥାନରେ ପୋତି ବିଜୁଳି ସଂଯୋଗ ଦେଇଥିଲା। କିନ୍ତୁ ବିଜୁଳି ବିଭାଗ କର୍ମଚାରିଙ୍କର ଖାମ ଖିଆଲି ନୀତିରେ ଖୁଣ୍ଟ ପୋତା ଯୋଗୁଁ ବିଜୁଳି ସଂଯୋଗର ଏକ ବର୍ଷ ପରେ ଖୁଣ୍ଟଟି ପୁନର୍ବାର ମନ୍ଦକୁ ନଇଁ ପଡିଥିଲା। ବିଜୁଳି ବିଭାଗର କର୍ମଚାରିଙ୍କୁ ବାରମ୍ବାର ଅଭିଯୋଗ କଲା ପରେ ସେମାନେ କେହି ମରାମତି କରବାକୁ ଆସୁ ନାହାନ୍ତି, ଖୁଣ୍ଟଟି ବିପଦ ସଂକୁଳ ଅବସ୍ଥାରେ ରହିବାରୁ ଭୋଇ ସାହିର ଲୋକେ ବାଧ୍ୟ ହୋଇ ବାଉଁଶ ଖୁଣ୍ଟ ଡିରା ଦେଇ ରଖିଛନ୍ତି। ଏହି ଖୁଣ୍ଟଟି କେତେବେଳେ ଉପୁଡି କାହା ଉପରେ ପଡିବ ତାହା କହି ହେବ ନାହିଁ। ଯଦି ବିଦ୍ୟୁତ ବିଭାଗ ଏହାକୁ ନ ସଜାଡ଼ନ୍ତି ତେବେ ଖୁଣ୍ଟ ପଡି ଯଦି କେହି ମୃତ୍ୟବରଣ କରନ୍ତି ସେଥି ପାଇଁ ବିଭାଗୀୟ ଅଧିକାରୀ ଦାୟୀ ରହିବେ ବୋଲି ଗ୍ରାମବାସି ଚେତାବନି ଦେଇଛନ୍ତି। ଏନେଇ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର




**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ବୁଧବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଜନସମ୍ପର୍କ ବିଭାଗ ଏବଂ ଓରାୟନ୍ ଟିମ୍ ପକ୍ଷରୁ ମିଳିତ ଭାବରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ୧୦୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ କଟକ ବଡ଼ ମେଡିକାଲ୍ ରକ୍ତଭଣ୍ଡାର ତଥା ଟ୍ରାନ୍ସଫ୍ୟୁଜନ ମେଡିସିନ୍ ବିଭାଗ ମୁଖ୍ୟ ପ୍ରଫେସର ଡ. ସ୍ମିତା ମହାପାତ୍ର ଅତିଥି ଭାବରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ତେଜପ୍ରତାପ, କୁଳସଚିବ ପ୍ରଫେସର ଡ. ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏବଂ ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ଡ. ଜୟପ୍ରକାଶ ଭଟ୍ଟ ମଧ୍ୟ ଉପସ୍ଥିତ ରହି ରକ୍ତଦାତାମାନଙ୍କ ମନୋବଳ ବୃଦ୍ଧି କରିଥିଲେ। ଏସସିବି ମେଡିକାଲ ପକ୍ଷରୁ ଡ. ନୀଳାଶିଷ ପାଣି, ଟେକ୍ନିସିଆନ୍ ରାମଚନ୍ଦ୍ର ଖଟୁଆ, ଲୀଳାବତି ଜେନା, ପ୍ରସନ୍ନଜିତ ବାରିକ, ରଶ୍ମିରଞ୍ଜନ ପ୍ରଧାନ, ସନାତନ ସାହୁ, ବିଶ୍ୱଜିତ ଦୀକ୍ଷିତ ଏବଂ ଏମ୍. ସି. ମୁର୍ମୁ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜନସମ୍ପର୍କ ବିଭାଗ ପରିଚାଳିକା ସୋନାଲି ଦାସ, ଗଣମାଧ୍ୟମ ଯୋଗାଯୋଗ ପରିଚାଳକ ହିତାଂଶୁ ଶେଖର ମହାନ୍ତ, ଓରାୟନ୍ ସଂଯୋଜକ ଡ. ଭରତ ଦାସଙ୍କ ତତ୍ତ୍ୱାବଧାନରେ ଗିରିଜା ଶଙ୍କର ପ୍ରଧାନ, ଅସୀମ ମହାପାତ୍ର, ରିତେଶ ନାୟକ, ନିହାର ରଞ୍ଜନ ସାହୁ, ରୁଦ୍ରନାରାୟଣ ବେହେରା, ମନୋଜ ପରିଡ଼ା, ଓମ୍ ମହାପ୍ରସାଦ ପତି, ବିଶ୍ୱଜିତ ସାହୁ, ତ୍ରିବିକ୍ରମ ବେହେରା, ଭାଗ୍ୟଶ୍ରୀ ସାମନ୍ତରାୟ, ଅନୁ ରାଜପୁତ, ଇଶିକା, ପ୍ରେରଣା, ସ୍ୱର୍ଣ୍ଣଦୀପ, ସାହିଲ, ଭାଗ୍ୟଶ୍ରୀ, ଆରିୟନ୍ ଏବଂ ଜିସାନ୍ ପ୍ରମୁଖ ସ୍ୱେଚ୍ଛାସେବୀ ଦାୟିତ୍ୱ ତୁଲାଇଥିଲେ।

## ଏକାଗ୍ରତା ଓ କର୍ତ୍ତବ୍ୟନିଷ୍ଠା ହିଁ ସଫଳତାର ଚାବିକାଠି

**କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ) ଦ୍ୱାରା ଆୟୋଜିତ କେନ୍ଦ୍ରାପଡା ସହରସ୍ଥ ଟେଲିକମ୍ ପଡିଆରେ ଦ୍ୱାବିଂଶତମ

### ପୁସ୍ତକମେଳାର ଦ୍ୱିତୀୟ ସନ୍ଧ୍ୟା

ରାଜ୍ୟସ୍ତରୀୟ ପୁସ୍ତକମେଳାର ଦ୍ୱିତୀୟ ସନ୍ଧ୍ୟାରେ ଯୁବ କଳା ଓ ସାଂସ୍କୃତିକ ମହୋତ୍ସବ "ଯୁବ ସ୍ପନ୍ଦନ-୧" ଅନୁଷ୍ଠିତ ହୋଇଯାଇଛି। ଆଜିର ମିଟ ଦ ଟ୍ୟାଲେଣ୍ଟ କାର୍ଯ୍ୟକ୍ରମରେ ସଫଳ ଯୁବ ପ୍ରତିଭା ମାନେ ଯୋଗଦେଇ କହିଥିଲେ ଯେ ଏକାଗ୍ରତା ଓ କର୍ତ୍ତବ୍ୟନିଷ୍ଠା ହିଁ ସଫଳତାର ଚାବିକାଠି। ଜିଲ୍ଲାର ଯୁବପିଢ଼ିଙ୍କ ମଧ୍ୟରେ ଅନ୍ତର୍ନିହିତ କଳା, ସଂସ୍କୃତି ଓ ବୌଦ୍ଧିକତାର ଅନ୍ୱେଷଣ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅମ୍ରିନ ସାହାଦତଙ୍କ ସଂଯୋଜନାରେ ଅନ୍ତର୍ଜାତୀୟ ପାରା କ୍ରୀଡ଼ାବିତ ମୋନାଲି ସ୍ୱାଇଁ, ଓଡିଶା ପ୍ରଶାସନିକ ସେବା ଅଧିକାରୀ ବର୍ଷା ସେନାପତି ଓ ମଧୁସ୍ମିତା ଦାସ, ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକ, ଟେକନୋକ୍ରାଟ ତଥା ପରିବେଶବିତ ଡ. ସାଗର ପ୍ରଧାନ, ଡ଼ ଆଶିଷ ସେନାପତି ପ୍ରମୁଖ ଯୋଗଦେଇ ନିଜକୁ ଅସହାୟ ମନେନକରି ସାହସର ସହିତ ପରିଶ୍ରମ କଲେ ସଫଳତା ପାଇବ ବୋଲି କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ରାଜେନ୍ଦ୍ର ମହାପାତ୍ର, ପାର୍ଥ ସାରଥୀ ରାଉତରାୟ, ସନ୍ଦୀପ ସାହୁ, ମଞ୍ଜୁଶ୍ରୀ ଦାସ ପରିଚାଳନା କରିଥିଲେ। ଅପରାହ୍ନରେ ଏନରିଚ୍ ପବ୍ଲିକ ସ୍କୁଲ ପକ୍ଷରୁ ସାଂସ୍କୃତିକ ବିଚିତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ସେହିପରି ରାଜେନ୍ଦ୍ର ମହାପାତ୍ର ପରିଚାଳନାରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗୀତାରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଦ୍ୱିତୀୟ ଦିନ ପୁସ୍ତକମେଳାରେ ବହୁ ପାଠକ ବହି କିଣିବାପାଇଁ ଆଗ୍ରହ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କେମ୍ ସଭାପତି ଅକ୍ଷୟ ପାଣି, ସମ୍ପାଦକ ଏମ୍.ଡି ଜାହିଦ୍ ଖାଁ, ଭବାନି ଓଝା, ପ୍ରତାପ ସ୍ୱାଇଁ, ବଂଶିଧର ମହାନ୍ତି, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗଳ୍ପ ସଙ୍କଳନ 'ଛୋଟ ପକେଟର ଜହ୍ନ'



ଗାଳ୍ପିକ ଡକ୍ଟର ବିରଜା ରାଉତରାୟଙ୍କ ଗଳ୍ପ ସଂକଳନ 'ଛୋଟ ପକେଟର ଜହ୍ନ' କେନ୍ଦ୍ରାପଡା ପୁସ୍ତକମେଳା ପରିସରରେ ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ କଥାକାର ଡକ୍ଟର ରାମଚନ୍ଦ୍ର ବେହେରା ପୁସ୍ତକ ଉନ୍ମୋଚନ କରି ଜୀବନ ଓ ପୃଥିବୀ ସମ୍ପର୍କରେ ଗାଳ୍ପିକ ବିରଜା ରାଉତରାୟଙ୍କ ଦୃଷ୍ଟି ସ୍ୱତନ୍ତ୍ର ଓ ଅନ୍ତର୍ଦୃଷ୍ଟି ବ୍ୟାପ୍ତ ବୋଲି କହିଥିଲେ। ଚିରାଚରିତ ଧାରାର ବାହାରେ ତାଙ୍କ ଗଳ୍ପ ଗଢଣ ବୋଲି ସେ ମତ ରଖିଥିଲେ। ସମାଜର ଅବହେଳିତ ଓ ନିଷ୍ପେଷିତଙ୍କ ବେଦନା ଏହି ଗଳ୍ପ ସଙ୍କଳନର ଅନ୍ତଃସ୍ୱର ବୋଲି ଉନ୍ମୋଚନ ଉତ୍ସବର ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପକ ତପନ କୁମାର ପତି ନିଜ ବକ୍ତବ୍ୟରେ କହିଥିଲେ। ଗାଳ୍ପିକ ପ୍ରଦୀପ କୁମାର ନାୟକ ସଂକଳନ ସମୀକ୍ଷା କରିଥିଲେ। ଯୁବ ଗାଳ୍ପିକ ମାତୃଦତ୍ତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟାଇମପାସ୍ ପବ୍ଲିକେଶନ୍ ପକ୍ଷରୁ ପ୍ରକାଶିତ ଏହି ଗପବହି ରେ ମୋଟ ୧୫ଟି ଗଳ୍ପ ରହିଛି। ଏହା ବିରଜା ରାଉତରାୟଙ୍କ ଅଷ୍ଟମ ଗଳ୍ପ ସଂକଳନ।

## ଲୋକୋ-ପାଇଲଟ୍‌ଙ୍କ ଚାପ ପରିଚାଳନା ପାଇଁ ନିରାପତ୍ତା ସେମିନାର

**ଖୋର୍ଦ୍ଧା ରୋଡ୍:ଏକ୍ସପ୍ରେସ୍ ନ୍ୟୁଜ୍**



ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଲୋକୋ ପାଇଲଟ୍ (ଏଲ.ପି.) ଏବଂ ସହାୟକ ଲୋକୋ ପାଇଲଟ୍ (ଏ.ଏଲ.ପି.) ପାଇଁ 'ଚାପ ପରିଚାଳନା' ଉପରେ ଏକ ତିନି ଦିନିଆ ନିରାପତ୍ତା ସେମିନାର ଆୟୋଜନ କରିଥିଲା ଯାହା ଆଜି ସମାପ୍ତ ହୋଇଛି। ନିରାପଦ, ସୁଗମ ଏବଂ ଦକ୍ଷ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ମାନସିକ ସୁସ୍ଥତା, ଚାପ ନିୟନ୍ତ୍ରଣ ଏବଂ ବୃତ୍ତିଗତ ଦକ୍ଷତା ଉପରେ ସଚେତନତା ବୃଦ୍ଧି କରିବା ପାଇଁ ଏହି ସେମିନାରର ଲକ୍ଷ୍ୟ ଥିଲା।

ଏଲ.ପି. ଏବଂ ଏ.ଏଲ.ପି. ଉଚ୍ଚ କାର୍ଯ୍ୟ ଚାପ ଏବଂ ଅନିୟମିତ ଡ୍ୟୁଟି ପରିସ୍ଥିତିରେ ମଧ୍ୟ କାର୍ଯ୍ୟ କରିଥାନ୍ତି ଯାହା ପାଇଁ ଡ୍ୟୁଟି ପରେ ଏକ ଶାନ୍ତ ଏବଂ ସହାୟକ ପରିବେଶ ବଜାୟ ରଖିବା ଉଚିତ ବୋଲି ଏହି ସେମିନାରରେ ଗୁରୁତ୍ୱ ଦିଆଯାଇଥିଲା। ରେଳବାଇ ବିଶ୍ୱାସ କରେ ଯେ ଘରେ ମାନସିକ ଶାନ୍ତି, ପର୍ଯ୍ୟାପ୍ତ ବିଶ୍ରାମ ସହିତ ଡ୍ୟୁଟି ସମୟରେ ଲୋକୋ ପାଇଲଟ ମାନଙ୍କୁ ସତର୍କ, କେନ୍ଦ୍ରିତ ଏବଂ ଚାପମୁକ୍ତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଯାହା ଦ୍ୱାରା କାର୍ଯ୍ୟକ୍ଷମ ସୁରକ୍ଷା ବୃଦ୍ଧି ପାଏ।

ଏହି ସେମିନାର ୫ ଜାନୁଆରୀ ୨୦୨୬ରେ ଅବସରପ୍ରାପ୍ତ ଆଇଆରଏସ ଲଳିତ କୁମାର ମହାନ୍ତିଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ଆର୍ଟ ଅଫ୍ ଲିଭିଂ ଶିକ୍ଷୟିତ୍ରୀ ଶ୍ରୀମତୀ ସଞ୍ଜୁକ୍ତା ମହାନ୍ତି ବୃତ୍ତିଗତ ଏବଂ ବ୍ୟକ୍ତିଗତ ଜୀବନରେ ମାନସିକ ଶାନ୍ତି, ଆତ୍ମ-ଶୃଙ୍ଖଳା ଏବଂ ଚାପ ପରିଚାଳନାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେମିନାର ସମୟରେ ଯୋଗ, ଧ୍ୟାନ, ଶାରୀରିକ ସୁସ୍ଥତା, ସକାରାତ୍ମକ ମାନସିକତା ଏବଂ ଆଧ୍ୟାତ୍ମିକ ଶୃଙ୍ଖଳା ଭଳି ଚାପ ପରିଚାଳନା ପାଇଁ ସାମଗ୍ରିକ ପଦ୍ଧତି ଉପରେ ଆଲୋଚନା କରାଯାଇଥିଲା। କ୍ୟାବିନ ଏରଗୋନୋମିକ୍ସକୁ ଉନ୍ନତ କରିବା, ବୈଜ୍ଞାନିକ କର୍ତ୍ତବ୍ୟ ସମୟ ନିର୍ଘଣ୍ଟ ମାଧ୍ୟମରେ ଉତ୍ତମ କାର୍ଯ୍ୟ-ଜୀବନ ସନ୍ତୁଳନ, ଦୃଢ଼ ସାମାଜିକ ସହାୟତା ବ୍ୟବସ୍ଥା ଏବଂ ପରାମର୍ଶ ସମ୍ବଳର ଉପଲବ୍ଧତା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା।

ଭାରତୀୟ ରେଳବାଇ ଅଯୌକ୍ତିକ ଡ୍ୟୁଟି ସମୟ, କାର୍ଯ୍ୟକ୍ଷମ ଚ୍ୟାଲେଞ୍ଜ ଏବଂ ବୃତ୍ତିଗତ ଚାପ ପରିଚାଳନା ବିଷୟରେ ଏଲ.ପି. ଏବଂ ଏ.ଏଲ.ପି. ମାନଙ୍କୁ ସଚେତନ କରିବା ପାଇଁ ନିୟମିତ ପରାମର୍ଶ ଏବଂ ସୁରକ୍ଷା ସେମିନାର ଆୟୋଜନ କରିଆସୁଛି। ଏକ ଶାନ୍ତ ଏବଂ ଅନୁକୂଳ ଘରୋଇ ପରିବେଶ ସୃଷ୍ଟି କରିବାରେ ପରିବାର ସଦସ୍ୟଙ୍କ ଭୂମିକା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା।

କାର୍ଯ୍ୟ-ଜୀବନ ସନ୍ତୁଳନ ଆହ୍ୱାନ ମୁକାବିଲା ପାଇଁ କ୍ରୁ ପରିଚାଳନା, ନିୟମିତ ପାରସ୍ପରିକ କ୍ରିୟା, ପରାମର୍ଶ ଏବଂ ପରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅଂଶଗ୍ରହଣକାରୀମାନଙ୍କୁ କବଚ ୪.୦ ଭଳି ଆଧୁନିକ ସୁରକ୍ଷା ବ୍ୟବସ୍ଥା ଏବଂ ସମ୍ବନ୍ଧିତ ତାଲିମ ପଦକ୍ଷେପ ବିଷୟରେ ମଧ୍ୟ ସୂଚନା ଦିଆଯାଇଥିଲା।

ସମାପନୀ ଅଧିବେଶନ ସମୟରେ, ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ (ଭିତ୍ତିଭୂମି) ସୁଭ୍ରଜ୍ୟୋତି ମଣ୍ଡଳ ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରିଥିଲେ। ବରିଷ୍ଠ ବିଭାଗୀୟ ବୈଦ୍ୟୁତିକ ଇଞ୍ଜିନିୟର (ପରିଚାଳନା) ଶୁଭଜିତ ଦାଶ ମଧ୍ୟ ଏଲ.ପି. ଏବଂ ଏ.ଏଲ.ପି. ମାନଙ୍କର ଚାପ ଏବଂ ଏହାକୁ କିପରି ପରିଚାଳନା କରିବେ ସେ ବିଷୟରେ କହିଥିଲେ। ବରିଷ୍ଠ ଲୋକୋ ପର୍ଯ୍ୟବେକ୍ଷକ ଅବନୀ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଅନ୍ୟ ବରିଷ୍ଠ ପର୍ଯ୍ୟବେକ୍ଷକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏ.ଏଲ.ପି. ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅନ୍ତର୍ଗତ ବିଭିନ୍ନ ଷ୍ଟେସନରୁ ୨୪ ଲୋକୋ ପାଇଲଟ୍ ଏବଂ ୧୫ ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍ ସମେତ ମୋଟ ୩୯ ଜଣ କର୍ମଚାରୀ ଏହି ସେମିନାରରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମଟି ଏକ ପାରସ୍ପରିକ ଆଲୋଚନା ଅଧିବେଶନ ସହିତ ଶେଷ ହୋଇଥିଲା ଯେଉଁଥିରେ ଗୁରୁତ୍ୱ ଦିଆଯାଇଥିଲା ଯେ ସୁରକ୍ଷିତ ରେଳ ପରିଚାଳନା ପାଇଁ ଚାପମୁକ୍ତ ମାନସିକତା ଏବଂ ଶାନ୍ତ ପରିବେଶ ଅତ୍ୟନ୍ତ ଜରୁରୀ।

## ବାଲି ଚୋରା ଚାଲାଣ ବେଳେ ହାଇୱା ଜବତ

**ଦେବଗଡ଼:ଏକ୍ସପ୍ରେସ୍ ନ୍ୟୁଜ୍**

କୁଣ୍ଡେଇଗଳା ଥାନା ପୋଲିସ ଦେବଗଡ଼ରୁ ଅନୁଗୁଳ ଜିଲ୍ଲାକୁ ଚୋରାରେ ବାଲି ଚାଲାଣ କରୁଥିବା ଅଭିଯୋଗରେ ଏକ ବାଲି ବୋଝେଇ ହାଇୱା ଗାଡିକୁ ଜବତ କରିବା ସହିତ ଗାଡିର ଚାଳକ ଓ ଖଲାସୀକୁ ଗିରଫ କରିଥିବା ଜଣା ପଡିଛି। ଗତକାଲି ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ବୁଢ଼ାପାଳ ଛକଠାରେ ବାଲି ବୋଝେଇ ହାଇୱା ସଂଖ୍ୟା ଓଡି୧୯ଓ୍ୱାଇ୯୫୩୭କୁ ଅଟକାଇ ବାଲି ସମ୍ପର୍କିତ ଆବଶ୍ୟକ କାଗଜ ମାଗିଥିଲେ। ମାତ୍ର ଗାଡିର ଚାଳକ କୌଣସି ତଥ୍ୟ ଦେଇ ପାରିନଥିଲେ। ତଦ୍ଦ୍ୱାରା ହାଇୱାକୁ ଜବତ କରିବା ସହିତ ଚାଳକ ସୁଶାନ୍ତ ପୋଢ଼ ଓ ଖଲାସୀ ପ୍ରଶାନ୍ତ ସାହୁଙ୍କୁ ଥାନାରେ ଅଟକ ରଖିଥିଲେ। ଏ ମର୍ମରେ ଥାନା ମାମଲା ସଂଖ୍ୟା ୦୫/୨୬ରେ ଏକ ମାମଲା ପଞ୍ଜିକୃତ ହୋଇଥିବାବେଳେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।


### ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-GOODS-SHED-530, ତା.01.01.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧିନସ୍ଥ କପିଳାସ ରୋଡ୍, କଟକ, ନିର୍ଗୁଣ୍ଡି, ଜଗନ୍ନାଥପୁର, ଧାନମଣ୍ଡଳ, ଟମକା, ଗୋଆଲଡିହ, ପର୍ଜଙ୍ଗପୁର ଏବଂ ନୟାଗଡ଼ରେ ମୌଳିକ ସୁବିଧାଗୁଡ଼ିକ ସହିତ ଗୁଡ୍ସ ସେଡ୍‌ର ଉନ୍ନୟନ ସମ୍ବନ୍ଧୀୟ CCTV, ରେଲନେଟ୍, ଅଟୋ ଟେଲିଫୋନ ଏବଂ FOISର ସଂସ୍ଥାପନ ଏବଂ ସଂଯୋଗୀକରଣ।

**ଟେଣ୍ଡର ମୂଲ୍ୟ :** ₹ 2,92,50,408.20, **EMD :** ₹ 2,96,300/-

ବିକ୍ରି ଆରମ୍ଭ ହେବା ତାରିଖ : ତା.09.01.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.01.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-984/Q/25-26



### AFFIDAVIT

By virtue of affidavit sworn an before Executive Magistrate Bhubaneswar, dated 2nd day of January 2026 I, Rabi Narayan Ojha Address At: Baliguda, Po: Mangarajpur, Ps: Brahmabarada, Via: Kabirpur, Dist: Jajpur-755009 Odisha declare that I have changed my minor daughter's name from Monalisha Ojha to **Sunita Ojha** Henceforth, I shall be known as **Sunita Ojha** for all purposes.

**(RABI NARAYAN OJHA)**

### LOST AFFIDAVIT

By virtue of an affidavit sworn before Executive Magistrate Bhubaneswar, dated 26th day of December 2025 vide C. F. No. 63/26.12.2025, I, Bipra Rana Address At/Po: Badamunda, Ps: Bhadra, Dist: Bolangir-767032, Odisha declare that I lost my Registered Sale Deed bearing **No. 11131400306 dt. 18.01.2014** pertaining to Khata No. 162/479, Plot No. 374/927 Area Ac.0.135 in the Mouza: Sijiput registered in the office of SRO Khandagiri.

**(BIPRA RANA)**

### AFFIDAVIT

By virtue of an affidavit sworn before Executive Magistrate, Rajnagar, vide affidavit No.8996, date-02-12- 2025. I Prakash Kumar Sardar, S/O - Ranjit Sardar, Vill-Bagapatia, P.O.-Gupti, P.S- Rajnagar, Dist-Kendrapara, State-Odisha, pin-754225. declare that, I have changed my minor son's name from Kairan Kumar Sardar to **Kiran Kumar Sardar**. Henceforth, he shall be known as **Kiran Kumar Sardar** for all purposes.

**S/d-Prakash Kumar Sardar**

### AFFIDAVIT

By virtue of an affidavit sworn before Executive Magistrate, Rajnagar, vide affidavit no.9136, date-06-01- 2026. I Biswanath Rout, S/O - Banshidhar Rout, Vill-Tangantaila, P.O.-Damarpur,P.S- Rajnagar, Dist- Kendrapara, State-Odisha, pin-754217, declare that, I have changed my minor Grand son's name from Rohit Kumar Rout to **Rahul Kumar Rout**. Henceforth, he shall be known as **Rahul Kumar Rout** for all purposes.

**S/d- Biswanath Rout**


## ପୌରପାଳିକାରେ ୫ଟି ପଞ୍ଚାୟତ ମିଶ୍ରଣକୁ ଗ୍ରାମବାସୀଙ୍କ ବିରୋଧ

**ବ୍ରହ୍ମପୁର:ଏକ୍ସପ୍ରେସ୍ ନ୍ୟୁଜ୍**




ଛତ୍ରପୁର ଏନଏସିକୁ ମୁନିସିପାଲିଟି ମାନ୍ୟତା ପ୍ରଦାନ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଗତ ଡିସେମ୍ବର ୨୬ ତାରିଖରେ ଏନେଇ ଆପତ୍ତି ଅଭିଯୋଗ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦେଶ ନାମା ଜାରି କରାଯାଇଥିଲା। ଏହି ଅବସରରେ ଆଜି ଛତ୍ରପୁର ବ୍ଲକ ଅନ୍ତର୍ଗତ ଅଗସ୍ତି ନୂଆଗାଁ, କଣମଣା, ଆର୍ଯ୍ୟପଲ୍ଲୀ, ଟିକଲଖଣ୍ଡି ଓ ପୋଡା ପଦର ପଞ୍ଚାୟତର ଶତାଧିକ ଲୋକେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କାହା ସ୍ୱାର୍ଥରେ ବିନା ଜନ ଶୁଣାଣିରେ ଉକ୍ତ ପଞ୍ଚାୟତର ଗାଁଗୁଡିକୁ ମିଶ୍ରଣ କରାଯିବ ବୋଲି ମଧ୍ୟ ସେମାନେ ପ୍ରଶ୍ନ କରିଛନ୍ତି। ସରକାରଙ୍କ ପକ୍ଷରୁ ଆପତ୍ତି ଅଭିଯୋଗ ଗ୍ରହଣ ପାଇଁ କୁହାଯିବାର ୧୦ ଦିନ ବିତିଯାଇଥିଲେ ମଧ୍ୟ ଉକ୍ତ ପଞ୍ଚାୟତଗୁଡିକୁ ଚିଠି ପଠା ଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି। ଅଗସ୍ତିନୂଆଗାଁ ପଂଚାୟତର ଅଗସ୍ତିନୂଆଗାଁ, ତେଲୁଗୁନୂଆଗାଁ, ସାନ ନୋଳିଆନୂଆଗାଁ ଓ ବଡ ନୋଳିଆନୂଆଗାଁ ଛତ୍ରପୁର ସହର ଠାରୁ ପ୍ରାୟ ୬ କିଲୋମିଟର ଦୂରରେ ଅବସ୍ଥିତ। ସାନନୋଳିଆଗାଁ ଓ ବଡ ନୋଳିଆନୂଆଗାଁର ଗ୍ରାମବାସୀ ସଂପୂର୍ଣ୍ଣ ମତ୍ସ୍ୟଜୀବୀ। ସେମାନେ ସମୁଦ୍ର ଉପରେ ନିର୍ଭର କରି ନିଜର ଜୀବିକା ନିର୍ବାହ କରୁଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାରେ ଲାଭ ଉଠାଉଛନ୍ତି। ସେହିପରି ଅଗସ୍ତିନୂଆଗାଁ ଓ ତେଲୁଗୁ ନୂଆଗାଁର ଜନସାଧାରଣ ଅଧିକାଂଶ ଦିନ ମଜୁରୀଆ, ଚାଷ, ଗୋପାଳନ ଓ କିଆଫୁଲ ଚାଷ ଉପରେ ନିର୍ଭର କରିଥାନ୍ତି। ସହରାଂଚଳରେ ସାମିଲ ହୋଇ ବିଦ୍ୟୁତ୍ ଭଡା ଠାରୁ ଆରମ୍ଭ କରି ପିଇବା ପାଣି, ଘରର ଟିକସ ଏଭଳି ବିଭିନ୍ନ କ୍ଷେତ୍ରରେ ଅଧିକା ଟିକସ ଦେଇ ଅସୁବିଧାର ସମ୍ମୁଖୀନ ହେବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି।

ସେହିପରି କଣମଣା ପଂଚାୟତର ମାଟିଖାଲ, ଚଷାକଣମଣା, ଟାକିରିଆ ବ୍ରହ୍ମପୁର, ଆଇଆରଇ କଲୋନୀ ବାସିନ୍ଦା ଛତ୍ରପୁର ସହର ଠାରୁ ୩ରୁ ୪ କିଲୋମିଟରର ଦୂରରରେ ରହି ଧାନଚାଷ, କିଆଫୁଲ, ଦିନ ମଜୁରି ଉପରେ ନିର୍ଭର କରୁଛନ୍ତି। ସହରାଂଚଳରେ ମିଶ୍ରଣ କରାଗଲେ ବିଭିନ୍ନ ଟିକସ ଇତ୍ୟାଦି ଗ୍ରାମବାସୀଙ୍କୁ ଦେବାକୁ ହେବ ଏବଂ ଗ୍ରାମାଚଂଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ତଥା ପିଏମ୍ କିଷାନ୍ ନିଶ୍ଚିତ କର୍ମ ନିଯୁକ୍ତି ଏବଂ ବିଭିନ୍ନ ଚାଷ ପାଇଁ ସରକାରଙ୍କ ଯୋଜନାରୁ ଗ୍ରାମବାସୀ ବଂଚିତ ହେବେ। ଟିକଲଖଣ୍ଡି ପଂଚାୟତର ଟିକଲଖଣ୍ଡି, ପୁରୁଣାପାଟାଣା, ଝରପୋଖରୀ ଓ ବାଲିବଗଡ ମଧ୍ୟ ଗ୍ରାମାଚଂଳରେ ରହି ସରକାରଙ୍କ ଯେଉଁ ସବୁ ସୁବିଧା ପାଇପାରୁଛୁ ସହରାଚଂଳରେ ସାମିଲ ହେଲେ ସେହି ସୁବିଧାରୁ ବଂଚିତ ରହିବୁ। ଏଣୁ ଆମ ଗାଁଗୁଡିକୁ ସହରାଚଂଳରେ ସାମିଲ ନ କରିବା ପାଇଁ ଦାବି କରିଛନ୍ତି। ଆଗାମୀ ଦିନରେ ଏହାର ପୁନର୍ବିଚାର ନ କରାଗଲେ ଜନ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ପ୍ରାରମ୍ଭରେ ସ୍ଥାନୀୟ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଶହଶହ ଲୋକମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଁଚି ଥିଲେ। ସେଠାରେ ସିପିଆଇ ନେତା ଡି. ଆଦିନାରାୟଣ ରେଡ୍ଡିଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଛତ୍ରପୁର ବ୍ଲକ ଅଧକ୍ଷା କିରନ କୁମାରୀ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସ, ୨୦ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଏମ୍. ଧନଞ୍ଜୟ ରେଡ୍ଡି, କଣମଣା ସରପଞ୍ଚ ବି. ଦମୟନ୍ତୀ, ପୂର୍ବତନ ସରପଞ୍ଚ ତଥା ଶ୍ରମିକ ନେତା ଏସ. ଚକ୍ରପାଣି ରେଡ୍ଡି, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ବିଜେଡି ନେତା ପ୍ରଶାନ୍ତ କୁମାର କର, କଂଗ୍ରେସ ନେତା ଭାଗିରଥି ବେହେରା, ରାଜ୍ୟ ଯୁବ ବିଜେଡିର ସାଧାରଣ ସମ୍ପାଦକ ବିମଳ କୁମାର ପଣ୍ଡା, ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା, ସମିତି ସଭ୍ୟା ଚୁମକି ସେଠି, ପୂର୍ବତନ ସରପଞ୍ଚ ଡି. ରାମସ୍ୱାମୀ ରେଡ୍ଡି ଓ ଟି. ଗାଉରିଆ ରେଡ୍ଡି, ନାରୀନେତ୍ରୀ ଏନ. ଭାନୁମତି ରେଡ୍ଡି, ସିପିଆଇ ନେତା ନୀଳ କଣ୍ଠ ଦାଶ, ସିଏଚ. ଜନାର୍ଦ୍ଦନ ରେଡ୍ଡି, ଆଇନଜୀବୀ ଡି. ଆଦିନାରାୟଣ ରେଡ୍ଡି, ଚିଙ୍କାରା ବେହେରା, ସାନ ଆର୍ଯ୍ୟପଲ୍ଲୀ ଗ୍ରାମ କମିଟି ସମ୍ପାଦକ ଏମ. ଦିଲ୍ଲିପ, ବି. ଭୀମସେନ, ଟିକିନା ଗୌଡ଼, ସନ୍ତୋଷ ବେହେରା, ଅଭିରାମ ପ୍ରଧାନ ଓ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀଙ୍କ ସମେତ ବହୁ ଜନସାଧାରଣ ମାନେ ଉପସ୍ଥିତ ଥିଲେ।

## ପତିଦେବଙ୍କ କୌଶଳ

**ହେଲ୍‌ଥ ଟନିକ୍**



ପତିଦେବ ପତ୍ନୀଦେବୀଙ୍କ ମୋବାଇଲ୍ ଫୋନ୍‌କୁ ଅଫିସ୍‌ରେ ଥାଇ ମେସେଜ୍ ପଠାଇଲେ- ଆଜି ରାତିରେ ମୋ ସହିତ ମୋର ଦୁଇଜଣ ସାଙ୍ଗ ଆମ ଘରେ ଡିନର କରିବେ। ତାଙ୍କ ପାଇଁ ଭଲକରି ରାନ୍ଧିଥିବ।

ପତିଦେବ ମେସେଜ୍ ପଠାଇବାର ଅନେକ ସମୟରେ ପରେ ବି ପତ୍ନୀଙ୍କଠାରୁ କୌଣସି ଉତ୍ତର ନପାଇବାରୁ ସେ ଆଉ ଗୋଟେ ମେସେଜ୍ ପଠାଇଲେ- ଏ ମାସରୁ ମୋ ଦରମା ବଢ଼ିଯାଇଛି। ତେଣୁ ଆସନ୍ତା ମାସରେ ତୁମ ପାଇଁ ସୁନା ମୁଦିଟିଏ କରିଦେବି ବୋଲି ଭାବୁଛି।

ଏ ମେସେଜ୍‌ର ପଠାଇବାର ପର ମୁହୂର୍ତ୍ତରେ ପତ୍ନୀଙ୍କଠାରୁ ଆସିଲା ଜବାବ- ତୁମେ ସତ କହୁଛ, ମୋ ପାଇଁ ସୁନା ମୁଦିଟିଏ କିଣିଦେବ?

ଏଥର ପତିଙ୍କଠାରୁ ପତ୍ନୀଙ୍କ ପାଖକୁ ମେସେଜ୍ ଗଲା- ଏବେ ମୁଦି କିଣିବାର କୌଣସି ପ୍ଲାନ୍ ନାହିଁ। ମୋ ଆଗ ମେସେଜ୍ ପହଞ୍ଚିଛି କି ନାହିଁ ସେଇଟା ଦେଖୁଥିଲି। ତୁମେ ସେଇଟା ପାଇସାରିଛ। ନହେଲେ କହିଥାନ୍ତ ମୁଁ ତ କୌଣସି ମେସେଜ୍ ପାଇନାହିଁ।

# ଭାରତରେ ମ୍ୟାଚ ନ ଖେଳିବା ଜିଦରେ ବାଂଲାଦେଶ ଅଟଳ

## ଆଇସିସି ଚେତାବନୀକୁ ବେଖାତିର



ଦୁବାଇ,୭।୧
ଏକ୍ସପ୍ରେସ୍ ନ୍ୟୁଜ୍

ଭାରତରେ ଟି-୨୦ ବିଶ୍ୱକପ ମ୍ୟାଚ ନ ଖେଳିବା ଜିଦରେ ଅଟଳ ବାଂଲାଦେଶ କ୍ରିକେଟ ବୋର୍ଡ। ଭାରତ-ବାଂଲାଦେଶ ମଧ୍ୟରେ ଚାଲିଥିବା ତିକ୍ତତା ମଧ୍ୟରେ ବିଶ୍ୱକପ ମ୍ୟାଚର ସ୍ଥାନ ବଦଳାଇବାକୁ କହିଥିଲା ବିସିବି। ଆଇସିସି ଏହାକୁ ଅଗ୍ରାହ୍ୟ କରିଥିଲେ ହେଁ ବାଂଲାଦେଶ କ୍ରିକେଟ ବୋର୍ଡ ଭାରତରେ ମ୍ୟାଚ ଖେଳିବା ସମ୍ପର୍କରେ ନାହିଁ।

ଏହି ପ୍ରସଙ୍ଗରେ ଆଜି ବିସିବିର ବରିଷ୍ଠ ଅଧିକାରୀମାନେ ବୈଠକ କରିଥିଲେ। ବୈଠକରେ ବିସିବି ସଭାପତି ଅମିନୁଲ ଇସଲାମ ବୁଲବୁଲ ଓ ବାଂଲାଦେଶ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟର ପରାମର୍ଶଦାତା ଆସିଫ ନଜରୁଲ ସାମିଲ ହୋଇଥିଲେ। ବୈଠକରେ ନିଷ୍ପତ୍ତି ହୋଇଛି ଯେ ବାଂଲାଦେଶର ବିଶ୍ୱକପ ମ୍ୟାଚ୍ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବାକୁ ବିସିବି ପୁଣି ଦମରେ ଆଇସିସିକୁ ବୁଝାଇବାକୁ ଚେଷ୍ଟା କରିବ। ବାଂଲାଦେଶ ଟି-୨୦ ବିଶ୍ୱକପରେ ତା'ର ୪ଟି ଯାକ ଗ୍ରୁପ ପର୍ଯ୍ୟାୟ ମ୍ୟାଚ ଭାରତରେ ଖେଳିବାକୁ ଧାର୍ଯ୍ୟ ହୋଇଛି। ୩ଟି କୋଲକାତାରେ ଓ ଗୋଟିଏ ମ୍ୟାଚ ମୁମ୍ବାଇରେ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି।

ତେବେ ଆଇପିଏଲ ୨୦୨୬ରୁ ବାଂଲାଦେଶ ପେସର ମୁସ୍ତାଫିଜୁର ରହମନଙ୍କୁ ଅବ୍ୟାହତି ପରେ ରିଲିଜ କରି ଦିଆଯାଇଥିବାରୁ ବିସିସିଆଇ ଓ ବିସିବି ମଧ୍ୟରେ ବିବାଦ ଆରମ୍ଭ ହୋଇଛି। ବିବାଦକୁ ଦୃଷ୍ଟିରେ ରଖି ବିଶ୍ୱକପ ପାଇଁ ଭାରତକୁ ଟିମ ପଠାଇବ ନାହିଁ ବୋଲି କହିଛି ବିସିବି।

ବିଶ୍ୱକପ ମ୍ୟାଚର ସ୍ଥାନ ବଦଳାଇବାକୁ ବିସିବି ପକ୍ଷରୁ ଆଇସିସିକୁ କୁହାଯାଇଥିଲା। ମଙ୍ଗଳବାର ଆଇସିସି ଗୋଟିଏ ଚିଠି କରି ବିସିବିର ଆବେଦନକୁ ଅଗ୍ରାହ୍ୟ କରିଥିଲା। ଏଥିସହ ବାଂଲାଦେଶକୁ ପଏଣ୍ଟ ହ୍ରାସର ଚେତାବନୀ ଦେଇ ଧାର୍ଯ୍ୟ ସୂଚୀ ଅନୁସାରେ ମ୍ୟାଚ ହେବ ବୋଲି କହିଥିଲା। ତଥାପି ବାଂଲାଦେଶ କ୍ରିକେଟ ବୋର୍ଡ ଭାରତରେ ମ୍ୟାଚ୍ ନ ଖେଳିବା ଜିଦରେ ଅଟଳ ରହିଛି।

ବୁଧବାର ବୈଠକରେ ନଜରୁଲ କହିଛନ୍ତି ଯେ "ଆମ ଦେଶ ସମ୍ମାନ କିମ୍ବା ଖେଳାଳି ଓ ସାଧାରଣନାଗରିକମାନଙ୍କ ସୁରକ୍ଷା ବଦଳରେ ଆମେ ଟି-୨୦ ବିଶ୍ୱକପ ଖେଳିବାକୁ ଚାହୁଁନାହୁଁ। ଆଇସିସି ପକ୍ଷରୁ ମିଳିଥିବା ଚିଠିକୁ ପଢ଼ିବା ପରେ ଆମେ ହୃଦୟଙ୍ଗମ କରୁଛୁ ଯେ ଭାରତରେ ବାଂଲାଦେଶର କ୍ରିକେଟରଙ୍କୁ ନେଇ ବଡ଼ଧରଣର ସୁରକ୍ଷା ଚିନ୍ତା ରହିଛି।

ବିସିସିଆଇ ନିଜେ କୋଲକାତା ନାଇଟ ରାଇଡର୍ସ ଟିମ୍‌କୁ କହିଛି ଯେ ସେମାନେ ଏହି ଖେଳାଳି(ମୁସ୍ତାଫିଜୁର ରହମନ)ଙ୍କୁ ସୁରକ୍ଷା ଦେଇ ପାରିବେ ନାହିଁ। ତେଣୁ ତାଙ୍କୁ ଦଳରୁ ବାହାର କରା ଏଥିରୁ ବାଂଲାଦେଶ ଖେଳାଳିଙ୍କ ସୁରକ୍ଷା ଚିନ୍ତା ଭାରତରେ ରହିଥିବା ସ୍ପଷ୍ଟ ହେଉଛି। ଆମେ ବିଶ୍ୱକପ ଖେଳିବାକୁ ଚାହୁଁଛୁ। କିନ୍ତୁ ଶ୍ରୀଲଙ୍କାରେ ଖେଳିବୁ। ଆମେ ଏହି ନିଷ୍ପତ୍ତିରେ ଦୃଢ଼ ରହିଛୁ। ମୋର ଆଇସିସି ଆମ ଚିନ୍ତାକୁ ବୁଝିପାରିବ। ଆଇସିସି ଆମ ଚିନ୍ତାକୁ ଭଲ ଭାବେ ବୁଝି ପଦକ୍ଷେପ ନେବ।"

ଭାରତରେ ଯଦି ମ୍ୟାଚ୍ ହେବ, ତା'ହେଲେ କ'ଣ ବାଂଲାଦେଶ ପ୍ରତିପକ୍ଷ ଟିମ୍‌କୁ ୱାକଓଭର ଦେବ ପ୍ରଶ୍ନରେ ନଜରୁଲ ଭିନ୍ନ ଉତ୍ତର ଦେଇଛନ୍ତି। ସେ କହିଛନ୍ତି, "ଭାରତରେ ଆମେ ଖେଳିବାକୁ ପ୍ରସ୍ତୁତ ନାହୁଁ ବୋଲି ଆଇସିସିକୁ ବୁଝାଇବା ଆମ କାମ। ଆମେ ଆଇସିସିକୁ ଖୁବଶୀଘ୍ର ଜବାବ ଦେବୁ।"

## ପିୟୁସିକୁ ନେଇ ରାସ୍ତାକୁ ଓହ୍ଲାଇବ ଯୁବ-ଛାତ୍ର ବିଜେଡି



ଭୁବନେଶ୍ୱର,୭।୧: ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟରେ ଯାନବାହାନର ପଲ୍ୟୁସନ ସାର୍ଟିଫିକେଟ୍‌କୁ ନେଇ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି, ଯାହାକୁ ନେଇ ସମସ୍ତ ରାଜ୍ୟବାସୀ ଦଣ୍ଡଭୋଗର ଶିକାର ହେଉଛନ୍ତି। ସରକାରଙ୍କ ଏହି ଅକ୍ରୋଶମୂଳକ ପଦକ୍ଷେପକୁ ନେଇ ରାଜ୍ୟବାସୀଙ୍କ ମନରେ ସରକାରଙ୍କ ବିରୋଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରାଜ୍ୟବାସୀଙ୍କ ଏହି ଅସନ୍ତୋଷକୁ ଦୃଢ଼ କରିବା ଲକ୍ଷ୍ୟରେ ବିଜୁ ଯୁବ ଛାତ୍ର ଜନତା ଦଳ ଗୁରୁବାରଠାରୁ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି।

ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଜାରି କରାଯାଇଥିବା ବିବୃତିରେ ଦଳର ଯୁବ ସଭାପତି ଚିନ୍ମୟ ସାହୁ ଓ ଛାତ୍ର ସଭାନେତ୍ରୀ ଇପ୍‌ସିତା ସାହୁ କହିଛନ୍ତି, ରାଜ୍ୟ ସରକାରଙ୍କ ଏହି ଜୋରଜବରଦସ୍ତି ନିଷ୍ପତ୍ତି ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳ ଜାନୁଆରୀ ୮ ତାରିଖ ଦିନ ସକାଳ ୧୦ ଘଟିକାରେ ଆରଟିଓ-୧ ଭୁବନେଶ୍ୱର ଅଫିସ ସମ୍ମୁଖରେ ଏକ ବିଶାଳ ଗଣଧାରଣା କାର୍ଯ୍ୟକ୍ରମ ଆୟୋଜିତ ହେବ। ଚାଲାଣ ଥିଲେ ପଲ୍ୟୁସନ ସାର୍ଟିଫିକେଟ ନ ମିଳିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ବେଆଇନ। ତେଣୁ ଏହାକୁ ତୁରନ୍ତ ପ୍ରତ୍ୟାହାର ଦାବିରେ ଏହି ଗଣଧାରଣା ଆୟୋଜିତ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ବିଜୁ ଯୁବ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ ଏହି ଆନ୍ଦୋଳନ କାର୍ଯ୍ୟ ଜାରି ରଖିବ। ରାଜ୍ୟ ସରକାର ଏହି ବେଆଇନ ନିଷ୍ପତ୍ତି ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରହିବ। ରାଜ୍ୟବାସୀଙ୍କ ହିତ ଦୃଷ୍ଟିରୁ ରାଜ୍ୟ ସରକାରଙ୍କର ଏପରି ବେଆଇନ ନିଷ୍ପତ୍ତି ବିରୋଧରେ ଗୁରୁବାର ସକାଳେ ହେବାକୁ ଯାଉଥିବା ଗଣଧାରଣା କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ବହୁସଂଖ୍ୟାରେ ଯୋଗଦେବାକୁ ଚିନ୍ମୟ ସାହୁ ଓ ଇପ୍‌ସିତା ସାହୁ ନିବେଦନ କରିଛନ୍ତି।

# ଜଣ୍ଡିସ୍ ବ୍ୟାପିବା ପରେ ସ୍କୁଲ ୧୪ ଯାଏ ବନ୍ଦ

ଖୋର୍ଦ୍ଧା,୭।୧
ଏକ୍ସପ୍ରେସ୍ ନ୍ୟୁଜ୍

ଖୋର୍ଦ୍ଧା ପିଏମ୍‌ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ (ହେପାଟାଇଟିସ୍-ସି) ବ୍ୟାପିବା ଭୟରେ ନବୋଦୟ ବିଦ୍ୟାଳୟକୁ ୧୪ ତାରିଖ ଯାଏ ବନ୍ଦ ଘୋଷଣା କରାଯାଇଛି। ଏପରିକି ନିଜ ପିଲାଙ୍କୁ ନେଇଯିବା ଲାଗି ଅଭିଭାବକଙ୍କୁ ନିର୍ଦ୍ଦେଶ ଜାରି ହୋଇଛି।

ବିଦ୍ୟାଳୟରେ ଜଣ୍ଡିସ୍ ଏଭଳି କୋକୁଆଭୟ ସୃଷ୍ଟି କରିଛି ଯେ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଘରକୁ ପଳାଇ ଗଲେଣି। ଘରକୁ ଯାଇଥିବା ବିଦ୍ୟାର୍ଥୀଙ୍କ ରକ୍ତ ନମୁନା ମଧ୍ୟ ପଜିଟିଭ୍ ବାହାରୁଛି। ଦୁଇ ମାସ ତଳେ ୧୮ରୋଗୀ ଚିହ୍ନଟ ହୋଇଥିଲେ। ଏ ରୋଗ ଗତବର୍ଷ ନଭେମ୍ବରରୁ ଆରମ୍ଭ ହେଲାଣି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କହିବା ମୁତାବକ, ଗଲା ଅକ୍ଟୋବର ବେଳକୁ ପିଲାମାନେ ଛୁଟିରେ ଘରକୁ ଯାଇ ଫେରିଥିଲେ। ସେଥିରୁ କିଛି ପିଲା ଜଣ୍ଡିସ୍ ଦ୍ୱାରା ସଂକ୍ରମିତ ହୋଇଥିଲେ। ତାଙ୍କୁ ଚିହ୍ନଟ କରିବାରେ ବିଳମ୍ବ ହେଲା। ଫଳରେ ଧୀରେ ଧୀରେ ରୋଗ ବ୍ୟାପକ ରୂପ ନେଲା। ଗତ ନଭେମ୍ବର ବେଳକୁ ପ୍ରଥମେ ଛଅ ଜଣ ପିଲାଙ୍କଠାରେ ଏହି ରୋଗ ଚିହ୍ନଟ ହେଲା। ତା' ପର ମାସ ଡିସେମ୍ବର ବେଳକୁ ଆଉ ୧୩ ଜଣ ଚିହ୍ନଟ ହେଲେ। ଗଲା ଡିସେମ୍ବର ସୁଦ୍ଧା ମୋଟ ୧୮ ଜଣ ଚିହ୍ନଟ ହୋଇଥିଲେ। କିନ୍ତୁ, ଚଳିତ ଜାନୁଆରି ସୁଦ୍ଧା ରୋଗୀସଂଖ୍ୟା ୪୦କୁ ଛୁଇଁଛି ବୋଲି ବିଦ୍ୟାଳୟର ଷ୍ଟାଫ୍ ନର୍ସ ଶାନ୍ତିଲତା ବସ୍ତିଆ ପ୍ରକାଶ କରିଛନ୍ତି। ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟ ୭୦ରୁ ଅଧିକ ହେବ ବୋଲି ବେସରକାରୀ ଭାବେ କୁହାଯାଉଛି।

ଆକ୍ରାନ୍ତ ପିଲାଙ୍କୁ ଜ୍ୱର ହେଉଛି, ତା' ସହିତ ମୁହଁ ହାତ ହଳଦିଆ ପଡୁଛି। ଲକ୍ଷଣ ଦେଖା ଦେବା କ୍ଷଣି ଡାକ୍ତରଙ୍କର ପରାମର୍ଶ କରାଯାଉଛି ବୋଲି ଶ୍ରୀମତୀ

### ପିଲାଙ୍କୁ ନେଇଯିବାକୁ ଅଭିଭାବକଙ୍କୁ ନିର୍ଦ୍ଦେଶ

ବସ୍ତିଆ ପ୍ରକାଶ କରିଛନ୍ତି। ପିଲାଙ୍କ ସହିତ ଜଣେ ଷ୍ଟାଫ୍ ମଧ୍ୟ ଜଣ୍ଡିସ୍‌ରେ ପୀଡିତ ହୋଇଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ରୋଗର କାରଣ ଖୋଜିବା ଆରମ୍ଭ କରିଛନ୍ତି। ବିଦ୍ୟାଳୟରେ ଥିବା ୧୩ଟି ପାଣିଟାଙ୍କି ସଫେଇ କରାଯାଇଛି। ତା' ସହିତ ଖାଦ୍ୟ ନମୁନା ବି ପରୀକ୍ଷା କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। କିନ୍ତୁ ସମସ୍ତ ନମୁନା ରିପୋର୍ଟ ଠିକ୍ ଆସିଛି ବୋଲି ସେ ପ୍ରକାଶ କରିଛନ୍ତି। ଯେହେତୁ, ଏହି ରୋଗ ଜଳ ଦ୍ୱାରା ସଂକ୍ରମଣ ହେଉଛି, ତେଣୁ ପିଲାଙ୍କ ମଧ୍ୟରେ ଏନେଇ ସଚେତନତା ସୃଷ୍ଟି ଆରମ୍ଭ କରାଯାଇଛି। ବିଦ୍ୟାଳୟର ପାଇଖାନାରୁ ରୀତିମତ ସଫେଇ କରାଯିବା ସହିତ ଜଣେ ଅନ୍ୟ ଜଣଙ୍କ ଟ୍ରେରେ କିମ୍ବା ପାଣି ବୋତଲ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରତି ସପ୍ତାହରେ ଡାକ୍ତର ବିଦ୍ୟାଳୟରେ ଆସି ପରାମର୍ଶ ଦେଉଛନ୍ତି। ମେଡିକାଲ୍ କ୍ୟାମ୍ପ ବି ଆରମ୍ଭ ହୋଇଛି। ତା' ସହିତ ବିଦ୍ୟାଳୟକୁ ଆସି ଅନୁଧ୍ୟାନ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଆଜି ଚିଠି କରାଯାଇଛି ବୋଲି ସ୍କୁଲର ଉପାଧ୍ୟକ୍ଷ ନୃସିଂହଚରଣ ଚକ୍ର ପ୍ରକାଶ କରିଛନ୍ତି।

ଅନ୍ୟପଟେ ରୋଗ ବ୍ୟାପକ ହେବା ଭୟରେ ଅଭିଭାବକମାନେ ପିଲାଙ୍କୁ ଘରକୁ ନେଇ ଯାଉଛନ୍ତି। ବିଦ୍ୟାଳୟରେ ମୋଟ ୫୬୦ ପିଲା ପାଠ ପଢ଼ୁଛନ୍ତି। ସେଥିରୁ ୧୫୦ଜଣ ଘରକୁ ପଳାଇ ସାରିଲେଣି। ଘରକୁ ଯେଉଁ ପିଲାମାନେ ଯାଉଛନ୍ତି, ସେଥିରୁ ମଧ୍ୟ କିଛି ପିଲାଙ୍କ ରକ୍ତ ନମୁନା ପଜିଟିଭ୍ ବାହାରୁଛି ବୋଲି ଷ୍ଟାଫ୍ ନର୍ସ ଶ୍ରୀମତୀ ବସ୍ତିଆ ପ୍ରକାଶ କରିଛନ୍ତି। ଜଣ୍ଡିସ୍ ବ୍ୟାପକ ହେବା ଘଟଣାକୁ ସ୍କୁଲ୍ ଅଧକ୍ଷ କବିତା କର ସ୍ୱୀକାର କରିଛନ୍ତି। ରୋଗର କାରଣ ଜାଣିବା ପାଇଁ ଜଳ ନମୁନା ପରୀକ୍ଷା କରାଯାଇଛି। ଡାକ୍ତରୀ ଟିମ୍ ବି ଆସୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ଆସନ୍ତା ଫେବ୍ରୁଆରି ୧୬ରୁ ବୋର୍ଡ ପରୀକ୍ଷା ଆରମ୍ଭ ହେବାକୁ ଥିବାରୁ ଚିନ୍ତା ବଢ଼ିଛି।

## ମାଦକ ଦ୍ରବ୍ୟ ଜବତ ୫ ଗିରଫ



କଟକ,୭।୧
ଏକ୍ସପ୍ରେସ୍ ନ୍ୟୁଜ୍

ନିଷିଦ୍ଧ ମାଦକ ଦ୍ରବ୍ୟ ବ୍ୟବସାୟ କରୁଥିବା ଅଭିଯୋଗରେ ବୁଧବାର କଟକ ଅବକାରୀ ମୋବାଇଲ ୟୁନିଟ କଟକ ସଦର ଥାନା ଓ ଓଲଟପୁର ଥାନା ଅନ୍ତର୍ଗତ ଟିଙ୍ଗାପଡ଼ା, ଚିଉଲପୁର, କୁଆଁଣପୁର ଓ ଗୁଆଳି ଅଂଚଳରୁ ୫ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ, ଚାଉଳିଆଗଂଜ ଥାନା ଅନ୍ତର୍ଗତ ଟିଙ୍ଗାପଡ଼ା ଗ୍ରାମର ଭାବା କାଣ୍ଡି, ଓଲଟପୁର ଥାନା ଅନ୍ତର୍ଗତ ଚିଉଲପୁର ଗ୍ରାମର ଅଭିରାମ ଭୋଇ, ଓଲଟପୁର ଥାନା ଅନ୍ତର୍ଗତ କୁଆଁଣପୁର କୈଳାସଚନ୍ଦ୍ର ଭୋଇ, କଟକ ସଦର ଥାନା ଅନ୍ତର୍ଗତ ଗୁଆଳି ଗ୍ରାମର ଦୀପକ ସିଂ ଓ କୁନା ସିଂ । ଗିରଫ ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ବିଭାଗ ୪୫ବୋତଲ ନିଷିଦ୍ଧ ମାଦକ ଦ୍ରବ୍ୟ ଜବତ କରିଛି । ନିଷିଦ୍ଧ ମାଦକଦ୍ରବ୍ୟର ଆନୁମାନିକ ମୂଲ୍ୟ ୧୬ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଚଢ଼ାଉରେ ଅବକାରୀ ଇନ୍‌ସପେକ୍ଟର ଭକ୍ତବତ୍ସଳ ବର୍ମା, ଏସଆଇ ଅକ୍ଷୟ ଜେନା, ଏଏସଆଇ ଜୟ ପ୍ରକାଶ ବେଉରିଆ, କନେଷ୍ଟବଳ ଅଜୟ ଜେନା, ଦେବବ୍ରତ ଓଝା, ପୁର୍ଣ୍ଣେସ୍ୱର ମାଝୀ, ଶଙ୍କର ସିଂ, ଦମୟନ୍ତି ନାଥ ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ସମାଜସେବୀ ଅନ୍ନପୂର୍ଣ୍ଣା ମହାନ୍ତିଙ୍କ ପରଲୋକ

କେନ୍ଦ୍ରାପଡ଼ା,୭।୧: ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡା ସହରର ବିଶିଷ୍ଟ ଆଇନଜୀବୀ ପ୍ରଦୀପ୍ତ ମହାନ୍ତିଙ୍କ ଧର୍ମପତ୍ନୀ ତଥା ସମାଜସେବୀ ଅନ୍ନପୂର୍ଣ୍ଣା ମହାନ୍ତି(୬୯)ଙ୍କ ତାଙ୍କ ମହିପାଳ ସ୍ଥିତ ବାସଭବନରେ ପରୋଲୋକ ହୋଇଯାଇଛି । ସେ ଜଣେ ସମାଜସେବୀ, ପରୋପକାରୀ, ଧର୍ମପ୍ରରାୟଣା ମହିଳା ଥିଲେ । ସ୍ନାୟୁ ଜନିତ ରୋଗରେ ପୀଡିତ ହୋଇ ସେ ଚିକିତ୍ସିତ ହେଉଥିଲେ। ତାଙ୍କର ଦେହାନ୍ତ ଖବର ପାଇ ସମାଜସେବୀ ରଞ୍ଜିତ ସାହୁ, ପୂର୍ବତନ ଓକିଲ ସଂଘ ସଭାପତି ବିଚିତ୍ରାନନ୍ଦ ମହାନ୍ତି, ବରିଷ୍ଠ ଆଇନଜୀବୀ ଭୀମସେନ ଭୂୟାଁ, କେଶବ ସାହୁ, ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ, ଡାକ୍ତର ସ୍ନେହଲତା କାନୁନଗୋ, ଜିଲା କ୍ରିକେଟ୍ ଆସୋସିଏସନ ସଂପାଦକ ଶୁଭାଶିଷ ସେନାପତି, ଜିଲା ସାମ୍ବାଦିକ ସଂଘ ସଭାପତି ପରେଶ ଦାସ, ଇ. ମାନସ ରଞ୍ଜନ ମହାନ୍ତି ପ୍ରମୁଖ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। କଜଳା ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିବା ବେଳେ ଜ୍ୟୋଷ୍ଟପୁତ୍ର ଇଂ. ଅମ୍ରିତ ମହାନ୍ତି ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ସମେତ ବହୁ ମାଣ୍ୟଗଣ୍ୟ ବକ୍ତି ଶୋକବ୍ୟକ୍ତ କରିଛନ୍ତି।

## ଅଙ୍ଗୁଳାଇ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ମାର୍ଶାଘାଇ,୭।୧: ଏକ୍ସପ୍ରେସ୍ ନ୍ୟୁଜ୍

ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ପଞ୍ଚାୟତ ଅଙ୍ଗୁଳାଇ ଖେଳପଡିଆ ଠାରେ ତାରେଣୀ ସ୍ପୋର୍ଟିଙ୍ଗ କ୍ଲବ ଆନୁକୂଲ୍ୟରେ ୧୯ତମ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅଙ୍ଗୁଳାଇ କପରେ ଆଜି ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ହୋଇଯାଇଛି। ଏହି ମ୍ୟାଚରେ ୟୁନିକ୍ କ୍ରିକେଟ ଏକାଡେମୀ ଭଦ୍ରକ ସହିତ ନିମପୁର ସ୍ପୋର୍ଟିଙ୍ଗ କଟକ ସହିତ କଡା ଟକ୍କର ହୋଇଥିଲା। ୟୁନିକ କ୍ରିକେଟ ଏକାଡେମୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୩.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୪୪ରନ କରିଥିବା ବେଳେ ନିମପୁର ସ୍ପୋର୍ଟିଙ୍ଗ ୨୦.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୯ରନରେ ସିମିତ ରହି ପରାଜୟ ବରଣ କରିଥିଲା। ୟୁନିକ କ୍ରିକେଟର ପ୍ରଶାନ୍ତ ଚୌହାନ ବ୍ୟକ୍ତିଗତ ୨୪ ରନ କରିବା ସହିତ ୨ଟି ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ତାରେଣୀ ସ୍ପୋର୍ଟିଙ୍ଗ କ୍ଲବ ତରଫରୁ ପରିଚାଳନା କରାଯାଇଥିଲା।

# ମୟୂରଭଞ୍ଜରେ ଅଫିମ ଚାଷ ଠାବ

ଭୁବନେଶ୍ୱର,୭।୧
ତଥ୍ୟ

ରାଜ୍ୟରୁ ବେଆଇନ୍ ନିଶା କାରବାର ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବାବେଳେ ରାଜ୍ୟରେ ଅଫିମ ଚାଷ ଏବେ କିନ୍ତୁ ଚିନ୍ତାରେ ପକାଇଛି । ମୟୁରଭଞ୍ଜ ଜିଲ୍ଲାରୁ ୩୫,୦୦୦ ଅଫିମ ଫଳ ଜବତ ହେବାପରେ ରାଜ୍ୟରେ ଏହି ମାରାତ୍ମକ ନିଶା ସାମଗ୍ରୀର ଚାଷ ହେଉଥିବା ସ୍ପଷ୍ଟ ହୋଇଛି ।

ରାଜ୍ୟ ସରକାର ଗତ ଆର୍ଥିକ ବର୍ଷରେ ଯେଉଁସବୁ ନିଶା ସାମଗ୍ରୀ ଜବତ କରିଛନ୍ତି ସେଥି ମଧ୍ୟରେ ମୟୁରଭଞ୍ଜ ଜିଲ୍ଲାରେ ୩୦,୦୦୦ ଅଫିମ ଫଳ ରହିଛି । ଏହାର ଅନୁମାନିକ ବଜାର ମୂଲ୍ୟ ୧କୋଟି ୨୨ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ତେବେ ଏହି ସମୟରେ ରାଜ୍ୟରୁ କୌଣସି ଅଫିମ ଜବତ ହୋଇନାହିଁ ।

ରାଜ୍ୟର କେତେକ ଜିଲ୍ଲାରେ ଗଞ୍ଜେଇ ଚାଷ ହେଉଥିବାବେଳେ ଏହାର ମୂଳପ୍ରୋଚ୍ଛାନ ପାଇଁ ସରକାର ଲାଗି ପଡିଛନ୍ତି । ଓଡିଶା ଗଞ୍ଜେଇର ଚାହିଦା ଦେଶର ବିଭିନ୍ନ ଅଞ୍ଚଳରେ ଥିବାରୁ ଏହାର ନିୟମିତ ଚୋରା ଚାଲାଣ ବି ହେଉଛି । ୨୦୨୪-୨୫ ବର୍ଷରେ ଅବକାରୀ ବିଭାଗ ପାଖପାଖି ୩୫ହଜାର କିଲୋ ଗଞ୍ଜେଇ ଜବତ କରିଛି । ରାଜ୍ୟର ସମସ୍ତ ଅବକାରୀ ଜିଲ୍ଲା ଅଞ୍ଚଳରୁ ଅଳ୍ପେ ବହୁତେ ଗଞ୍ଜେଇ ଜବତ ହୋଇଥିବା ଜଣାଯାଇଛି ।

ସେହିଭଳି ଏହି ସମୟରେ ଅବକାରୀ ବିଭାଗ ଦ୍ୱାରା ପାଖପାଖି ୩ କିଲୋଗ୍ରାମ ବ୍ରାଉନସୁଗାର ଜବତ ହୋଇଥିବାବେଳେ କେବଳ ୬କିଲୋରୁ ଅଧିକ ପୁରୀରୁ ଜବତ ହୋଇଛି । ଏହା ପଛକୁ ରହିଛି ରାଜ୍ୟ ରାଜଧାନୀ । ଏଠାରୁ ୩ କିଲୋରୁ ଅଧିକ ବ୍ରାଉନସୁଗାର ଜବତ ହୋଇଛି ।

ରାଜ୍ୟରେ ବିଭିନ୍ନ ପ୍ରକାର ନିଶା ସାମଗ୍ରୀ ମଧ୍ୟରେ ଗଞ୍ଜେଇ ଓ ବ୍ରାଉନସୁଗାର ଭଳି ନିଶା ବଢି ବଢି ଚାଲିଥିବାବେଳେ ଅଫିମ ଚାଷକୁ ନେଇ ପ୍ରଶାସନ ଅଡୁଆରେ ପଡିଛି । ଏହି ଚାଷପାଇଁ ବିହନ ଓ ଜ୍ଞାନକୌଶଳ କେଉଁଠାରୁ ଆସୁଛି ତାହାକୁ ନେଇ ଖୋଳତାଡ ଚାଲିଥିବାବେଳେ ରାଜ୍ୟର ଅନ୍ୟ କେଉଁ କେଉଁ ଜଙ୍ଗଲିଆ ଜିଲ୍ଲାରେ ଏହା ହେଉଛି କି ନାହିଁ ସେ ସଂକ୍ରାନ୍ତରେ ସୂଚନା ସଂଗ୍ରହ ଜାରି ରହିଛି । ଉଲ୍ଲେଖନୀୟ ଯେ ଦୀର୍ଘବର୍ଷ ତଳେ ଅନୁଗୁଳ ଜିଲ୍ଲାର ନଈକୂଳିଆ ଅଞ୍ଚଳରେ ଅଫିମ ଚାଷ ହେଉଥିବା ପ୍ରଶାସନ ନଜରକୁ ଆସିବାପରେ ଏହା ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ସେବେଠାରୁ ରାଜ୍ୟରେ ଅଫିମ ଚାଷ ଦେଖାଯାଉନଥିବାବେଳେ ଏବେ ନିଶା ବ୍ୟବସାୟୀମାନେ ପୁଣିଥରେ ଅଫିମଚାଷ ଆରମ୍ଭ କରିଦେଇଛନ୍ତି । ଅଫିମରୁ ପ୍ରସ୍ତୁତ ତେଲରେ ମାରାତ୍ମକ ନିଶା ସାମଗ୍ରୀ ପ୍ରସ୍ତୁତ ହେଉଥିବାବେଳେ ଅର୍ନ୍ତଜାତୀୟ ବଜାରରେ ଏହାର ବେଶ୍ ଚାହିଦା ରହିଛି । ସେହିଭଳି ବଜାରରେ ମଧ୍ୟ ଅଫିମ ନିଶାର ବେଶ୍ ଚାହିଦା ରହିଛି । ଯଦି ଚାଷୀମାନେ ଥରେ ଏହାର ଲାଭ ପାଇବେ ତେବେ ଗଞ୍ଜେଇ ଚାଷ ଭଳି ଏହା ରାଜ୍ୟର ବିଭିନ୍ନ ଅଞ୍ଚଳକୁ ବ୍ୟାପିଯିବ ବୋଲି ନିଶା ନିବାରଣ କ୍ଷେତ୍ରରେ କାର୍ଯ୍ୟରତ କର୍ମୀମାନେ ମତ ଦେଉଛନ୍ତି । ନେଡିଗୁଡ କହୁଣିକୁ ବୋହିଯିବା ପୂର୍ବରୁ ଗଞ୍ଜେଇ ଗଛ ନଷ୍ଟ ଭଳି ଖବରରେ ରହିବାପାଇଁ ଅଫିମ ଗଛ ନଷ୍ଟ ନକରି ଏହାର ମୂଳୋତ୍ପାଟନ ପାଇଁ ସେମାନେ ମତ ଦେଉଛନ୍ତି ।

## ପ୍ରଥମ ପୃଷ୍ଠାରୁ...

### ସୁପ୍ରିମକୋର୍ଟଙ୍କ ପ୍ରଶ୍ନ...

ଆଘାତରେ ପୀଡିତ୍। ତେଣୁ ଏହି ପ୍ରସଙ୍ଗ ଅତ୍ୟନ୍ତ ଗମ୍ଭୀର ଏବଂ ଏହାକୁ ଅଣଦେଖା କରାଯାଇପାରିବ ନାହିଁ।

ଶୁଣାଣି ସମୟରେ ଜଣାପଡ଼ିଥିଲା ରାଜ୍ୟ ସରକାରମାନେ କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ସେମାନେ ଆଶ୍ରୟସ୍ଥଳ ଏବଂ ବନ୍ଧ୍ୟାକରଣ କେନ୍ଦ୍ରର ଘୋର ଅଭାବର ସମ୍ମୁଖୀନ ହେଉଛନ୍ତି। ଆମିକସ୍ କ୍ୟୁରି ସୂଚନା ଦେଇଛନ୍ତି, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ , କର୍ଣ୍ଣାଟକ ଏବଂ ପଞ୍ଜାବ ଭଳି ପ୍ରମୁଖ ରାଜ୍ୟଗୁଡ଼ିକ ଏପର୍ଯ୍ୟନ୍ତ ସେମାନଙ୍କର ସତ୍ୟପାଠ ଦାଖଲ କରିନାହାନ୍ତି। ପ୍ରାଣୀ କଲ୍ୟାଣ ବୋର୍ଡ କହିଛି ଯେ, କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ପାଇଁ ଅଣ୍ଡିରା କୁକୁରଙ୍କ ବନ୍ଧ୍ୟାକରଣ ଆବଶ୍ୟକ। କୋର୍ଟ ସ୍ପଷ୍ଟ ଭାବରେ ଚେତାବନୀ ଦେଇଛନ୍ତି, ଏହା କେବଳ ନିୟମ ନା ଏହା ପାଳନ ହେଉଛି କି ନାହିଁ ତାହା ଉପରେ ନଜର ରଖାଯାଇଛି। ଯେଉଁ ରାଜ୍ୟଗୁଡ଼ିକ ପ୍ରତିକ୍ରିୟା ଦେଇନାହାନ୍ତି ସେମାନଙ୍କ ବିରୋଧରେ ଏବେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଏପ୍ରିଲରୁ ଓଡ଼ିଶାରେ...

ଭୁବନେଶ୍ୱର କଟକରେ ପ୍ରି ଟେଷ୍ଟ ସରିଛି। ନୂଆ ଘୋଷଣା ହୋଇଥିବା ଏନଏସି ଏବଂ ପୌରପାଳିକା ବାଉଣ୍ଡ୍ରି ଫାଇନାଲ ହୋଇଛି। ଆସନ୍ତା ୩ ମାସ ଧରି ଜନଗଣନା ଅଧିକାରୀଙ୍କୁ ଟ୍ରେନିଂ ଦିଆଯିବ। ୨୦୦ ଘର ପାଇଁ ଜଣେ ଜନଗଣନା ଅଧିକାରୀ ନିଯୁକ୍ତ ହେବେ। ୬ ଜଣ ଅଧିକାରୀଙ୍କ ପାଇଁ ଜଣେ ସୁପରଭାଇଜର ନିଯୁକ୍ତ ହେବେ। ପ୍ରାୟ ଲକ୍ଷେ ଜନଗଣନା ଅଧିକାରୀଙ୍କୁ ନିଯୁକ୍ତ କରାଯିବ। ଜଣେ ଜନଗଣନା ଅଧିକାରୀଙ୍କୁ ୨୫ ହଜାର ଆର୍ଥିକ ପ୍ରୋତ୍ସାହନ ଦିଆଯିବ। ଏପ୍ରିଲରୁ ମେ ଭିତରେ ପ୍ରଥମ ଫେଜରେ ଘର ମାର୍କ ହେବ। ୨୦୨୭ ଫେବୃଆରୀରୁ ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା ହେବ। ଜଣେ ଲୋକ ନିଜେ ଚାହିଁଲେ ନିଜର ତଥ୍ୟ ଦେଇପାରିବେ। ୱେବସାଇଟ ଜରିଆରେ ପଞ୍ଜିକୃତ କରି ପାରିବେ। ମୋବାଇଲ ନମ୍ବରରେ ଓଟିପି ବେସଡ ହେବ। ଗୋଟିଏ ନମ୍ବର ଦୁଇ ଥର ବ୍ୟବହାର କରି ପାରିବେନି କି ଆପରୁ ସ୍କ୍ରିନସଟ ମଧ୍ୟ ନେଇପାରିବେ ନାହିଁ। ପ୍ରାୟ ୯୦ ପ୍ରତିଶତ କାମ ଅନଲାଇନରେ ହେବ। ପୁରା ପ୍ରକ୍ରିୟାକୁ ଉଚ୍ଚ ସ୍ତରୀୟ ମନିଟରିଙ୍ଗ କରାଯିବ। ୧୦୦ ପ୍ରତିଶତ ସଠିକ ଗଣନା କରାଯିବ।

### ଏସସିବିରେ ସିଲିଂ...

ନାରାୟଣ ଦାସ (୭୦) । ସୁଗାର ଲୋ ହେବାରୁ ତାଙ୍କୁ ଗତକାଲି ରାତିରେ ଏସସିବି ମେଡ଼ିକାଲକୁ ଭର୍ତ୍ତି କରାଯାଇଥିଲା । ତେବେ ଆହତ ପରେ ମେଡ଼ିକାଲ କର୍ତ୍ତୃପକ୍ଷ ତାଙ୍କୁ ଅନ୍ୟ ବେଡ଼କୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି । ଅପର ପକ୍ଷରେ ଏସିବିରେ ଏଭଳି ଘଟଣା ନୂଆ ନୁହେଁ । ବିଗତ ଦିନରେ ଏପରି ଅନେକ ଘଟଣା ଘଟିବାର ନଜିର ରହିଛି । ତେବେ ବଡ଼ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଏଭଳି ଘଟଣା ଘଟିଥିବା ରୋଗୀ ଓ ତାଙ୍କ ସଂପର୍କୀୟମାନେ କହିଛନ୍ତି । ଅପର ପକ୍ଷରେ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

### ଟାଙ୍ଗିଆ ଚୋଟରେ...

ବାପା ପ୍ରଫୁଲ ପାତ୍ରଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ସେହି ସମୟରେ ଗଣେଶ୍ୱର ପାତ୍ର ଦୌଡି ଆସିଥିଲେ। ଏହା ଦେଖି ମଣ୍ଟୁ ତାଙ୍କୁ ମଧ୍ୟ ହାଣି ଦେଇଥିଲେ। ପ୍ରଫୁଲ ଓ ଗଣେଶ୍ୱରଙ୍କ ଚିତ୍କାର ଶୁଣି ଘଟଣାସ୍ଥଳକୁ ଦୌଡି ଆସିଥିଲେ ମଣ୍ଟୁଙ୍କ ସାନ ଭାଇ। ମଣ୍ଟୁ ତାଙ୍କୁ ମଧ୍ୟ ଛାଡି ନଥିଲେ। ତାଙ୍କ ଟାଙ୍ଗିଆ ଚୋଟରେ ତାଙ୍କ ସାନ ଭାଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କିଛି ଗ୍ରାମବାସୀ ଏକାଠି ହୋଇ ମଣ୍ଟୁକୁ କାବୁ କରିବାରେ ସଫଳ ହୋଇଥିଲେ। ଖବର ପାଇ କରଞ୍ଜିଆ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଛି। ତେବେ ମଣ୍ଟୁ କେଉଁ କାରଣରୁ ଏମିତି ଏକ କାଣ୍ଡ ଘଟାଇଲେ, ତାହା ଜଣାପଡିନି। ମଣ୍ଟୁ ଜଣେ ମାନସିକ ରୋଗୀ ବୋଲି ଜଣାପଡିଛି। ପୁଲିସ ଘଟଣାର ତଦନ୍ତ କରୁଛି।

### ଏସ୍ମା ଲାଗୁ...

ଆନ୍ଦୋଳନ ଚଳାଇଥିବାବେଳେ ସେମାନଙ୍କ ନେତାମାନଙ୍କୁ ବର୍ଷ ମଝିରେ ଦୂର ଦୂରାନ୍ତକୁ ଆଖିବୁଜା ବଦଳି କରାଯାଇଥିଲା । ଏହା ସତ୍ତ୍ୱେ ବି ଆନ୍ଦୋଳନ ଥମିନଥିଲା । ତେବେ ଏହି ଗଣବଦଳି ବିରୁଦ୍ଧରେ ଅନେକ ଡାକ୍ତର ସ୍ୟାଟ୍‌ରେ ମାମଲା ରୁଜୁ କରିଥିଲେ ମଧ୍ୟ ସରକାରୀ ପକ୍ଷର ଦୃଢ ବିରୋଧ ଯୋଗୁଁ ଏହି ମାମଲା ଖାରଜ ହୋଇଯାଇଥିଲା । ଏମିତିକି ସେତେବେଳେ ଏ ପ୍ରସଙ୍ଗ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯାଇଥିଲେ ମଧ୍ୟ ବଦଳି ହୋଇ ଆନ୍ଦୋଳନକାରୀ ଡାକ୍ତରମାନଙ୍କୁ କିଛି ଲାଭ ମିଳିନଥିଲା । ଏବେ ଏସ୍ମା ଲାଗୁ ପାଇଁ ସରକାର ଘୋଷଣା କରିସାରିଛନ୍ତି । ଯଦି ସରକାରଙ୍କ ଘୋଷଣାକୁ ଅମାନ୍ୟ କରି ଡାକ୍ତରମାନେ ଆନ୍ଦୋଳନ ଜାରି ରଖନ୍ତି ତେବେ ଆଇନାନୁଯାୟୀ ସେମାନଙ୍କ ବିରୁଦ୍ଧରେ ଅତ୍ୟାବଶକୀୟ ସେବା ଆଇନ୍ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆଶଙ୍କା ରହିଛି । ତେବେ ରାଜ୍ୟର ସରକାରୀ ଡାକ୍ତରଖାନାଗୁଡିକରେ ପ୍ରାୟ ୬୦ ପ୍ରତିଶତ ଡାକ୍ତର ପଦବୀ ଖାଲି ପଡିଥିବାବେଳେ ଏସ୍ମା ଆଧାରରେ ଆନ୍ଦୋଳନରତ ଡାକ୍ତରମାନଙ୍କୁ ଗିରଫ କରାଗଲେ ରୋଗୀସେବା ପାଇଁ କ'ଣ ବିକଳ୍ପ ବ୍ୟବସ୍ଥା ହେବ ତାହା ଚିନ୍ତାର ବିଷୟ । ଏ ପ୍ରସଙ୍ଗରେ ଉଭୟ ସରକାର ଓ ଆନ୍ଦୋଳନକାରୀ ଡାକ୍ତରମାନେ ଜିଦରୁ ଓହରି ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାଲାଗି ବିଭିନ୍ନ ମହଲରୁ ଦାବି ଉଠୁଛି।

### ୬ଦିନ ହେଲା...

ଘଟଣାର ମୁଖ୍ୟ ଅଭିଯୁକ୍ତ ବିଜେପି ନେତା ଜଣେ ଅଭ୍ୟାସଗତ ଅପରାଧି । ତାଙ୍କ ନାମରେ ରାଜନଗର, ଆଳି ଓ ପଟ୍ଟାମୁଣ୍ଡାଇ କୋର୍ଟରେ ବିଭିନ୍ନ ଦଫାରେ ୬ଟି ଅପରାଧିକ ମାମଲା ରହିଛି। ଏହା ଜାଣି ମଧ୍ୟ ତାଙ୍କ ବିରୋଧରେ ପୋଲିସ ପ୍ରଶାସନ ଓ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଜନସ୍ୱାର୍ଥକୁ ଉପେକ୍ଷା କରି ଚାଲିଥିବା ଯାଏ ଏହି ଆନ୍ଦୋଳନ ଜାରି ରହିବ ବୋଲି ସେ ଚେତାଇ ଦେଇଛନ୍ତି । ତେବେ ଘଟଣାରେ କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ କହିଛନ୍ତି ଏହି ଘଟଣାରେ ସରକାର ଓ ବିଜେପିର ଭାବମୂର୍ତ୍ତି ବାଟରେ ପଡ଼ି ହାଟରେ ଗଡୁଛି । ହେଲେ ବିଜେଡ଼ିକୁ ନିୟନ୍ତ୍ରଣ କରୁଥିବା ଅଦୃଶ୍ୟ ଶକ୍ତି ବିଜେପି ସହିତ ଡ଼ିଲରେ ଥିବାବେଳେ ଘଟଣାରେ ରାଜନଗର ବିଧାୟକଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ନିଜେ ବିଧାୟକ ଏହି ପ୍ରସଙ୍ଗରେ ଆଗକୁ ଡ଼େଇଁ ଥିବାବେଳେ ବିଜେଡ଼ି ଏହି ପ୍ରସଙ୍ଗକୁ ରାଜ୍ୟ ସ୍ତରରେ ସେଭଳି କୌଣସି ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ ନକରି କେବଳ ସାମ୍ବାଦିକ ସମ୍ମିଳନୀରେ ଅଟକି ଯାଇଛି। ସେପଟେ ସରକାର ନିର୍ବିକାର ହୋଇ ବସିଛନ୍ତି । ଫଳରେ ଅଭିଯୁକ୍ତ ବିଜେପି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆଶା କ୍ରମେ ମଉଳିବାରେ ଲାଗିଛି । ଏଭଳି ସ୍ଥିତିରେ ବିଧାୟକ ଅଦୃଶ୍ୟ ଶକ୍ତିକୁ ଅନ୍ଧଭାବେ ଗ୍ରହଣ କରି ଚାଲିବେ କି ନିଜର ସୁରକ୍ଷା କଥା ଚନ୍ତା କରି ଏବେଠାରୁ ଦଳ ସହିତ ରହିବାର ଲାଭକ୍ଷତିକୁ ହିସାବ କରିବା ଆରମ୍ଭ କରିବେ ତାହା କେବଳ ସମୟ କହିବ ବୋଲି ସେ କହିଛନ୍ତି । ତେବେ ଏଥିନେଇ ଲଳିତ ବେହେରା କିମ୍ବା ବିଜେପି ନେତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

### ଟ୍ରକ ଧକ୍କାରେ...

ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ମାର୍ଶାଘାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରି ତଦନ୍ତ କରୁଥିବା ଆଇଆଇସି ତପନ ନାୟକ ସୂଚନା ଦେଇଛନ୍ତି। ସମୀରଙ୍କ ଅକାଳରେ ଦୁର୍ଘଟଣାରେ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# କୋରୋରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ

କେନ୍ଦ୍ରାପଡ଼ା,୭।୧
ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡ଼ା ଶିକ୍ଷା ଜିଲ୍ଲା ଅନ୍ତର୍ଭୁକ୍ତ ପିଏମଶ୍ରୀ କୋରୋ ପଞ୍ଚାୟତ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୋମନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ଆଶୁକବି ହେମନ୍ତ ଜେନାଙ୍କ ସଞ୍ଚାଳନରେ ଅନୁଷ୍ଠିତ ସମାରୋହକୁ ଓଡ଼ିଶା ବିଧାନସଭାର ପ୍ରାକ୍ତନ ସଚିବ ତଥା ବିଶିଷ୍ଟ ସାହିତ୍ୟିକ ଦାଶରଥି ଶତପଥୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗ ଦେଇ ବିଦ୍ୟାଳୟର ଏତାଦୃଶ ଉତ୍ସବର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଶିଷ୍ଟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ମୁଖ୍ୟ ବକ୍ତା କବି ସତୀର୍ଥ ମନ୍ମଥନାଥ ବରାଳ ଏବଂ ସମ୍ମାନିତ ଅତିଥି ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ପ୍ରାକ୍ତନ ଅଗ୍ନିଶମ ନିର୍ଦ୍ଦେଶକ ବଳରାମ ମହାନ୍ତି, କୋରୋ ପଞ୍ଚାୟତ ସରପଞ୍ଚ ଦିପାଞ୍ଜଳି ଜେନା, ପରିଚାଳନା କମିଟି ସଭାପତି ମଧୁସ୍ମିତା ମହାନ୍ତିଙ୍କ ସମେତ ପଞ୍ଚସଖା ଶିକ୍ଷା ସେତୁ ସଭାପତି ରଞ୍ଜିତ ପ୍ରସାଦ ଜେନା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧିତ କରିଥିଲେ। ଭାବଗ୍ରାହୀ କଳା ନିକେତନର ସମ୍ପାଦକ ସଂଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ନିର୍ଦ୍ଦେଶନାରେ ସୁଶ୍ରୀ ନିରୂପମା ଜେନା, ଅର୍ଚ୍ଚନା ପରିଡ଼ା ଆଦି କଳାକାର ମାନେ ସଂଗୀତ ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ ଜଗନ୍ନାଥ ଉପାଧ୍ୟାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିମଳ ପ୍ରସାଦ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଇତ୍ୟବସରରେ ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ ପକ୍ଷରୁ ମାସିକ ଶିଶୁ ଓ କିଶୋର ପତ୍ରିକା ଧୋ'ରେ ବାଇଆ ଧୋ କୁ ଅତିଥି ମାନେ ଲୋକାର୍ପଣ କରିଥିଲେ। ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷକ ସୋମନାଥ ମହାପାତ୍ର ମୁଖ୍ୟ ଅତିଥି ଦାଶରଥି ଶତପଥୀଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଗଣେଶ୍ୱର ବେହେରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ପଞ୍ଚସଖା ଶିକ୍ଷା ସେତୁର କର୍ମକର୍ତ୍ତା ବସନ୍ତ କୁମାର ମଲ୍ଲିକ, ଦେବାଶିଷ ବରାଳ, କୃଷ୍ଣ ଚନ୍ଦ୍ର ମଲ୍ଲିକ, ମଳୟ କୁମାର ସାହୁ ଏବଂ ଶିକ୍ଷକ ହିମାଂଶୁ ଶେଖର ପରିଡ଼ା, ତୃପ୍ତି ମୟୀ ପରିଡ଼ା, ସାବିତ୍ରୀ ବିଶ୍ୱାଳ, ପୁଷ୍ପ ଦ୍ୱିବେଦୀ, ଇତିଶ୍ରୀ ପ୍ରଧାନ, କଳ୍ପନା ଦାସ, ହିମାଂଶୁ ପଣ୍ଡା, ଅନନ୍ତ ଓଝା, ସତ୍ୟଜିତ ସାହୁ, ରଂଜନ ଦଳାଇ ଆଦି ଉତ୍ସବ ପରିଚାଳନା କରିଥିଲେ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ